
# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୧୬/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, October 16/2025 | Page 14 | ₹ 7.00 | BERHAMPUR

୫୧ଶ ଭାଗ ୩୨୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 320 | ମୂଲ୍ୟ ₹୭/-









ଆଗ୍ରାରେ ବୁଧବାର ଯବାନମାନେ ଇଣ୍ଡିଆନ୍ ଆର୍ମଡ୍ ଫୋର୍ସେସ୍‌ର ବୈଷୟିକ କୌଶଳ ପ୍ରଦର୍ଶନ କରୁଛନ୍ତି।

# ସବ୍‌ସିଡି ପାଇଥିବା ରାଜ୍ୟର ୨,୯୦୯ ଶିଳ୍ପର ପତ୍ତା ମିଳୁନି

ଦେଶରେ ଯୁବବର୍ଗଙ୍କୁ ଉଦ୍ୟୋଗପତି କରିବା ଲକ୍ଷ୍ୟନେଇ ୨୦୦୮ରେ ପ୍ରଧାନମନ୍ତ୍ରୀ ଏମ୍ପ୍ଲୟମେଣ୍ଟ ଜେନେରେଶନ ପ୍ରୋଗ୍ରାମ(ପିଏମ୍‌ଇଜିପି) କାର୍ଯ୍ୟକାରୀ ହୋଇଥିଲା। ଏହାର ଲକ୍ଷ୍ୟ ଥିଲା, ଗ୍ରାମାଞ୍ଚଳରୁ ଆରମ୍ଭକରି ସହରାଞ୍ଚଳ ଯୁବବର୍ଗଙ୍କୁ କର୍ମସଂସ୍ଥାନ ଯୋଗାଇଦେବା ସହ ଦେଶର ପ୍ରଗତିକୁ ତ୍ୱରାନ୍ୱିତ କରିବା। ହେଲେ ଏହି ଯୋଜନା ଓଡ଼ିଶାରେ ବାଟବଣା ହେଲାଭଳି ପରିଲକ୍ଷିତ ହେଉଛି। ରାଜ୍ୟରେ ଅନେକ ଯୁବୋଦ୍ୟୋଗୀ ଶିଳ୍ପ କରିବା ନାଁରେ ବ୍ୟାଙ୍କରୁ ଲୋନ୍ ଏବଂ ଏବାବଦରେ ସରକାରୀ ସବ୍‌ସିଡି ନେଇଛନ୍ତି, ମାତ୍ର ସେମାନଙ୍କର କୌଣସି ନାଁ ଗନ୍ଧ ନାହିଁ। ଏ ନେଇ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ଅଧୀନ ଖଦି ଆଣ୍ଡ୍ ଭିଲେଜ୍ ଇଣ୍ଡଷ୍ଟ୍ରି କମିଶନ (କେଭିଆଇସି) କାର୍ଯ୍ୟାଳୟ ପକ୍ଷରୁ ଖୋଳତାଡ଼ କରାଯାଉଛି। ରାଜ୍ୟରେ ୨୯୦୯ଟି ଶିଳ୍ପ ୟୁନିଟ୍‌ର କୌଣସି ପତ୍ତା ମିଳୁ ନ ଥିବାରୁ ଗତ ୮ ତାରିଖରେ କେଭିଆଇସି କମିଶନଙ୍କ ପକ୍ଷରୁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ସମେତ ୧୭ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛନ୍ତି।

ଭୁବନେଶ୍ୱର,୧୫।୧୦
(ରବିନାରାୟଣ ଜେନା)

ରାଜ୍ୟସ୍ତରୀୟ ତଦାରଖ କମିଟି(ଏସ୍‌ଏଲ୍‌ଏମ୍‌ସି)ର ରିପୋର୍ଟକୁ ଆଧାରକରି କେଭିଆଇସି ରାଜ୍ୟ ନିର୍ଦ୍ଦେଶକ ଆର୍‌ବିଆଇ ସମେତ ନାବାର୍ଡ ସିଜିଏମ୍, ଜୋନାଲ ଡେପୁଟି ସିଇଓ–କୋଲ୍‌କାତା, ଏସ୍‌ଏଲ୍‌ବିସି ମହାପ୍ରବନ୍ଧକ, ଓଡ଼ିଶା ଖଦି ବୋର୍ଡ ସଚିବ ଏବଂ ୬ଟି ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଦେଇଥିବା ପତ୍ରରୁ ଜଣାପଡ଼ିଛି ଯେ, ଓଡ଼ିଶାରେ ୭ ହଜାର ୧୮୨ଟି ୟୁନିଟ୍ ଯାଞ୍ଚ କରାଯାଇଥିଲା। ସେଥିମଧ୍ୟରୁ ୨୯୦୯ଟିର କୌଣସି ଚିହ୍ନବର୍ଣ୍ଣ ନାହିଁ, ଯାହାକି ଯାଞ୍ଚ ହୋଇଥିବା ୟୁନିଟ୍‌ର ୪୦.୫ ପ୍ରତିଶତ। ଏହାକୁ ନେଇ ଏମ୍‌ଏସ୍‌ଏମ୍‌ଇ ବିଭାଗ ପକ୍ଷରୁ ଧରପଗଡ଼ ଜୋର୍‌ଦାର କରାଯାଇଛି। ତୁରନ୍ତ ଉକ୍ତ ୟୁନିଟ୍‌ଗୁଡ଼ିକୁ ଖୋଜି ବାହାର କରିବା ପାଇଁ ଏମ୍‌ଏସ୍‌ଏମ୍‌ଇ ବିଭାଗ ସଚିବ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟସ୍ତରୀୟ ତଦାରଖ କମିଟି ବୈଠକର ସୂଚନା ଅନୁଯାୟୀ, ଚଳିତବର୍ଷ ସେପ୍ଟେମ୍ବର ୫ ସୁଦ୍ଧା ରାଜ୍ୟରେ ୧୧ ହଜାର ୪୨୦ ୟୁନିଟ୍ ରହିଛି। ସେଥିମଧ୍ୟରୁ ୭ ହଜାର ୨୩୩ ☞ପୃଷ୍ଠା–୪

# ଭାରତର ବାଣିଜ୍ୟିକ ନିଅଣ୍ଟ ୩୨.୧୫ ବିଲିୟନ୍ ଡଲାର

**■ ଆମେରିକା ଟାରିଫ୍ ଯୋଗୁ ୧୩ ମାସରେ ସର୍ବାଧିକ**
**■ ସେପ୍ଟେମ୍ବରରେ ୫.୪୩ ବିଲିୟନ୍ ଡଲାର ରପ୍ତାନି ହ୍ରାସ**

୨୦୨୫ ସେପ୍ଟେମ୍ବରରେ ଭାରତର ବାଣିଜ୍ୟିକ ନିଅଣ୍ଟ ୩୨.୧୫ ବିଲିୟନ୍ ଆମେରିକୀୟ ଡଲାରକୁ ବୃଦ୍ଧି ପାଇଛି, ଯାହାକି ଗତ ୧୩ ମାସରେ ସର୍ବାଧିକ। ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଜାରି ତଥ୍ୟରୁ ଏହା ଜଣାପଡ଼ିଛି। ଆମେରିକାର ୫୦% ଟାରିଫ୍ ସହ ସୁନା ଓ ରୁପାରେ ରେକର୍ଡ ଆମଦାନୀ ଯୋଗୁ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତି ଏତେମାତ୍ରାରେ ପ୍ରଭାବିତ ହୋଇଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି।

ନୂଆଦିଲ୍ଲୀ,୧୫।୧୦
(ରଏଟର୍ସ/ପି.ଟି.)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ ଅଗଷ୍ଟରେ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୨୫% ଆମଦାନୀ ଶୁଳ୍କ ସହ ରୁଷୀୟ ତୈଳ କ୍ରୟ ବାବଦକୁ ଅତିରିକ୍ତ ୨୫% ଜରିମାନା କଷିଥିଲେ। ଦେଶର ବାଣିଜ୍ୟିକ ନିଅଣ୍ଟ ଉପରେ ଏହାର ପ୍ରଭାବକୁ ବାଣିଜ୍ୟ ମନ୍ତ୍ରଣାଳୟର ଡେଟା ଦର୍ଶାଇଛି। ତଦନୁସାରେ ଆମେରିକାକୁ ଅଗଷ୍ଟରେ ୬.୮୭ ବିଲିୟନ୍ ଡଲାର ସାମଗ୍ରୀ ରପ୍ତାନି କରାଯାଇଥିବାବେଳେ ସେପ୍ଟେମ୍ବରରେ ଏହା ୫.୪୩ ବିଲିୟନ୍ ଡଲାରକୁ ହ୍ରାସ ପାଇଥିଲା। ବିଶେଷକରି ଟେକ୍ସଟାଇଲ୍ସ, ଚିଙ୍ଗୁଡ଼ି, ମୁକ୍ତା ଓ ଅଳଙ୍କାର ରପ୍ତାନି ଅଧିକ ହ୍ରାସ ପାଇଛି। କିନ୍ତୁ ଏହି ଅବଧି ମଧ୍ୟରେ ଆମଦାନୀ ୩.୬ ବିଲିୟନ୍ ଡଲାରରୁ ୩.୯୮ ବିଲିୟନ୍ ଡଲାରକୁ ବୃଦ୍ଧି ପାଇଛି। ଏନେଇ କେନ୍ଦ୍ର ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ କହିଛନ୍ତି, ବିଶ୍ୱ ବଜାରରେ ଅଡୁଆ ସ୍ଥିତି ସତ୍ତ୍ୱେ ଭାରତର ରପ୍ତାନିରେ ଗତିଶୀଳତା ବଜାୟ ରହିଛି। କିନ୍ତୁ ସେପ୍ଟେମ୍ବରରେ ଆମଦାନୀ ଅଧିକ ରହିଥିଲା, ଯାହାକି ସୁନା, ରୁପା, ସାର ଓ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ କ୍ଷେତ୍ରରେ ସର୍ବାଧିକ ଦେଖିବାକୁ ମିଳିଥିଲା। ଭାରତ ଓ ଆମେରିକା ଆସନ୍ତା ମାସ ଶେଷ ସୁଦ୍ଧା ପ୍ରଥମ ପର୍ଯ୍ୟାୟ ଟ୍ରେଡ୍ ଡିଲ୍ ଚୂଡ଼ାନ୍ତ କରିବା ପାଇଁ ☞ପୃଷ୍ଠା–୪

## ଅହମଦାବାଦ୍‌ରେ ହୋଇପାରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା

ନୂଆଦିଲ୍ଲୀ, ୧୫।୧୦(ପି.ଟି.)

୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା (ସିଡବ୍ଲୁଜି) ଲାଗି ବୁଧବାର ଅହମଦାବାଦ୍‌କୁ ଆୟୋଜକ ସହର ଭାବେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର କାର୍ଯ୍ୟକାରୀ ପରିଷଦ ସୁପାରିସ୍ କରିଛି। ଫଳରେ ଭାରତରେ ବୃହତ କ୍ରୀଡ଼ା ଇଭେଣ୍ଟ ଆୟୋଜନ କରିବାର ପଥ ପରିଷ୍କାର ହୋଇଛି। ଆସନ୍ତା ନଭେମ୍ବର ୨୬ରେ ଗ୍ଲାସ୍‌ଗୋରେ ବସିବାକୁ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**କାଞ୍ଚିର ଅଶ୍ୱାରୋହୀ**

# ଭାଜପାରୁ ଜୟ, ବିଜେଡିରୁ ସ୍ନେହାଙ୍ଗିନୀ ପ୍ରାର୍ଥୀ

**■ ନିର୍ବାଚନମଣ୍ଡଳୀ ବାହାରୁ ପ୍ରାର୍ଥୀ କରି ସରପ୍ରାଇଜ୍ ଦେଲା ବିଜେଡି**
**■ ଆଜି ଭାଜପା ପ୍ରାର୍ଥୀ, ୧୯ରେ ବିଜେଡିର ନାମାଙ୍କନ**
**■ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ହେବ ମିଶ୍ରଣ ପର୍ବ**

ଭୁବନେଶ୍ୱର,୧୫।୧୦
(ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନ ପାଇଁ ବୁଧବାର ଉଭୟ ଶାସକ ଭାଜପା ଏବଂ ବିରୋଧୀ ବିଜେଡିର ପ୍ରାର୍ଥୀ ଘୋଷଣା କରାଯାଇଛି। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆଙ୍କୁ ଭାଜପା ଟିକେଟ ଦେଇଛି। ଏନେଇ ଭାଜପା ସଂସଦୀୟ ବୋର୍ଡ ପକ୍ଷରୁ ବୁଧବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ହେଲେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ବିଜେଡିର ପ୍ରାର୍ଥୀ ଘୋଷଣା। ବିଜେଡି ଏହି ଉପନିର୍ବାଚନରେ ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନ ବିଜୁ ମହିଳା ଜନତା ଦଳର ସଭାପତି ଥିବା ସ୍ନେହାଙ୍ଗିନୀ ଛୁରିଆଙ୍କୁ ପ୍ରାର୍ଥୀ କରିଛି। ନୂଆପଡ଼ା ନିର୍ବାଚନମଣ୍ଡଳୀ ବାହାରୁ ସ୍ନେହାଙ୍ଗିନୀଙ୍କୁ ବିଜେଡି ପ୍ରାର୍ଥୀ କରିଛି। ଏହା ନବୀନଙ୍କ ଆଉ ଏକ ମାଷ୍ଟର ଷ୍ଟ୍ରୋକ୍ ବୋଲି ଚର୍ଚ୍ଚା ହେଉଛି। ଉପନିର୍ବାଚନରେ ☞ପୃଷ୍ଠା–୪



ଜୟ ଢୋଲକିଆ




ସ୍ନେହାଙ୍ଗିନୀ ଛୁରିଆ

# ୮୫ତମ ସ୍ଥାନକୁ ଖସିଲା ଭାରତୀୟ ପାସ୍‌ପୋର୍ଟ

**ହେନ୍‌ଲେ ପାସ୍‌ପୋର୍ଟ ସୂଚକାଙ୍କ ୨୦୨୫**

**■ ସିଙ୍ଗାପୁର ପାସ୍‌ପୋର୍ଟ ସବୁଠୁ ଶକ୍ତିଶାଳୀ**
**■ ପ୍ରଥମ ଥର ଟପ୍ ଟେନ୍ ବାହାରେ ଆମେରିକା**



ନୂଆଦିଲ୍ଲୀ,୧୫।୧୦

ଭାରତୀୟ ପାସ୍‌ପୋର୍ଟ ୨୦୨୪ରେ ୮୦ତମ ସ୍ଥାନରେ ଥିବାବେଳେ ଚଳିତବର୍ଷ ୫ ପାଦ ତଳକୁ ଖସି ୮୫ତମ ସ୍ଥାନରେ ରହିଛି। ହେନ୍‌ଲେ ପାସ୍‌ପୋର୍ଟ ଇଣ୍ଡେକ୍ସ ୨୦୨୫ ଅନୁସାରେ ସିଙ୍ଗାପୁର ପାସ୍‌ପୋର୍ଟ ପୁନର୍ବାର ବିଶ୍ୱର ସବୁଠୁ ଶକ୍ତିଶାଳୀ ପାସ୍‌ପୋର୍ଟ ରୂପେ ଉଭା ହୋଇଛି। ଏହି କ୍ଷେତ୍ରରେ ଦକ୍ଷିଣ କୋରିଆ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଜାପାନ ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ଜର୍ମାନୀ, ଇଟାଲୀ, ସ୍ପେନ୍, ସୁଇଜରଲାଣ୍ଡ, ଲକ୍ସେମ୍‌ବର୍ଗ ପାସ୍‌ପୋର୍ଟ ଚତୁର୍ଥ ସ୍ଥାନରେ ରହିଛି। ଆମେରିକା ପାସ୍‌ପୋର୍ଟ ୨ ଦଶନ୍ଧି ମଧ୍ୟରେ ପ୍ରଥମ ଥର ପାଇଁ ଟପ୍ ୧୦ ପାସ୍‌ପୋର୍ଟ ମଧ୍ୟରେ ନିଜ ସ୍ଥାନ ବଜାୟ ରଖିବାରେ ବିଫଳ ହୋଇଛି।

ହେନ୍‌ଲେ ଆଣ୍ଡ ପାର୍ଟନର୍ସ ପକ୍ଷରୁ ପ୍ରସ୍ତୁତ ପାସ୍‌ପୋର୍ଟ ସୂଚକାଙ୍କ ୨୦୨୫ ଅନୁସାରେ ଭାରତୀୟ ପାସ୍‌ପୋର୍ଟ ବଳରେ ୨୦୨୪ରେ ୫୯ ଦେଶକୁ ଭିଜାମୁକ୍ତ ପ୍ରବେଶ ସୁବିଧା ଥିଲା। ୨୦୨୫ରେ ଏହା ୫୭ ଦେଶରେ ସୀମିତ ରହିଥିବାରୁ ଭାରତୀୟ ପାସ୍‌ପୋର୍ଟ ୫ ପାଦ ତଳକୁ ଖସି ୮୫ତମ ସ୍ଥାନରେ ରହିଛି। ଏକଦା ☞ପୃଷ୍ଠା–୪




## ସଂକ୍ଷେପରେ

### ପୂର୍ବତନ ସୈନିକଙ୍କ ପାଇଁ ଆର୍ଥିକ ସହାୟତାରେ ୧୦୦% ବୃଦ୍ଧିକୁ ପ୍ରତିରକ୍ଷା ମନ୍ତ୍ରୀଙ୍କ ମଞ୍ଜୁରୀ

ନୂଆଦିଲ୍ଲୀ, ୧୫।୧୦ (ପି.ଟି.)

ପୂର୍ବତନ ସୈନିକ ଏବଂ ସେମାନଙ୍କ ଉପରେ ନିର୍ଭର ଥିବା ପରିବାର ସଦସ୍ୟଙ୍କ ପାଇଁ ଆର୍ଥିକ ସହାୟତା ଯୋଜନାରେ ୧୦୦% ବୃଦ୍ଧିକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏନେଇ ବୁଧବାର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ରୀୟ ସୈନିକ ବୋର୍ଡ ମାଧ୍ୟମରେ ପୂର୍ବତନ ସୈନିକ କଲ୍ୟାଣ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ଯୋଜନାରେ ହିତାଧିକାରୀଙ୍କୁ ଦିଆଯାଉଥିବା ଅନୁଦାନକୁ ମାସିକ ୪ ହଜାର ଟଙ୍କାରୁ ୮ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ଯୋଜନାରେ ପେନସନଧାରୀ ନ ଥିବା କିମ୍ବା କୌଣସି ନିୟମିତ ଆୟ ନ ଥିବା ୬୫ ବର୍ଷ ବୟସରୁ ଅଧିକ ପୂର୍ବତନ ସୈନିକ ଏବଂ ସେମାନଙ୍କ ଆଶ୍ରିତଙ୍କୁ ଜୀବନବ୍ୟାପୀ ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ।

### ୨୦୪୦ ସୁଦ୍ଧା ଚନ୍ଦ୍ରରେ ପହଞ୍ଚିବେ ଭାରତୀୟ: ଭି. ନାରାୟଣନ୍

ରାଞ୍ଚି, ୧୫।୧୦ (ପି.ଟି.)

୨୦୪୦ ସୁଦ୍ଧା ଭାରତୀୟଙ୍କୁ ଚନ୍ଦ୍ରରେ ପହଞ୍ଚାଇବାକୁ ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) ଲକ୍ଷ୍ୟ ରଖିଥିବା ନେଇ ବୁଧବାର ଏକ ସାକ୍ଷାତ୍‌କାର ଦେଇ ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ କହିଛନ୍ତି। ଇସ୍ରୋ ଏହାର ପ୍ରଥମ ମାନବ ମହାକାଶଯାନ ମିଶନ ଗଗନୟାନକୁ ୨୦୨୭ରେ ଲଞ୍ଚ୍ କରିବାର ଯୋଜନା ରଖିଛି। ନାରାୟଣନ କହିଛନ୍ତି, ସମ୍ପ୍ରତି ଇସ୍ରୋ ନିକଟରେ ଅନେକ ମହତ୍ତ୍ୱାକାଂକ୍ଷୀ ମହାକାଶ ପ୍ରକଳ୍ପ ରହିଛି। ଏଥିରେ ୨୦୩୫ ସୁଦ୍ଧା ଏକ ଜାତୀୟ ମହାକାଶ ଷ୍ଟେଶନ ଏବଂ ୨୦୨୬ ସୁଦ୍ଧା ୩ଟି ମାନବବିହୀନ ଗଗନୟାନ ମିଶନ



ଅନ୍ତର୍ଭୁକ୍ତ ରହିଛି। ସେଥିମଧ୍ୟରୁ ପ୍ରଥମ ମାନବବିହୀନ ଗଗନୟାନ ମିଶନ ଭାବେ ଅର୍ଦ୍ଧ ମାନବୀୟ ରୋବୋ ବ୍ୟୋମୋମିତ୍ରକୁ ଆସନ୍ତା ଡିସେମ୍ବରରେ ଲଞ୍ଚ୍ କରିବାକୁ ଇସ୍ରୋ ଲକ୍ଷ୍ୟ ରଖିଥିବା ନେଇ ସେ କହିଛନ୍ତି। ୨୦୪୦ ସୁଦ୍ଧା ଏକ ସ୍ୱଦେଶୀ ମାନବଯୁକ୍ତ ଚନ୍ଦ୍ର ମିଶନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ଦ୍ଦେଶ ଦେଇଛନ୍ତି, ଯାହା ଅଧୀନରେ ଜଣେ ଭାରତୀୟ ନାଗରିକଙ୍କୁ ଚନ୍ଦ୍ରରେ ଅବତରଣ କରାଇ ସୁରକ୍ଷିତ ଫେରାଇ ଆଣିବା ଦିଗରେ ଇସ୍ରୋ କାର୍ଯ୍ୟ କରୁଥିବା ସେ କହିଛନ୍ତି।



ଉତ୍ତରାଖଣ୍ଡର ଋଷିକେଶସ୍ଥିତ ଗଙ୍ଗାନଦୀରେ ପର୍ଯ୍ୟଟକମାନେ ଜଳଯାତ୍ରା କରୁଛନ୍ତି।

## ମହାଭାରତର କର୍ଣ୍ଣଙ୍କ ପରଲୋକ

ମୁମ୍ବାଇ, ୧୫।୧୦



ପଙ୍କଜ ଧୀର

ବିଶିଷ୍ଟ ଅଭିନେତା ପଙ୍କଜ ଧୀରଙ୍କ ବୁଧବାର ପରଲୋକ ହୋଇଯାଇଛି। ୧୯୮୮ରେ ବି.ଆର୍. ଚୋପ୍ରାଙ୍କ ଲୋକପ୍ରିୟ ଟିଭି ଧାରାବାହିକ 'ମହାଭାରତ'ରେ କର୍ଣ୍ଣ ଭୂମିକାରେ ନିଖୁଣ ଅଭିନୟ କରି ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିବା ପଙ୍କଜଙ୍କୁ ୬୮ ବର୍ଷ ହୋଇଥିଲା। ସେ କର୍କଟ ରୋଗରେ ପୀଡ଼ିତ ହୋଇ ଗତ କିଛିମାସ ଧରି ଚିକିତ୍ସାଧୀନ ଥିଲେ। ତାଙ୍କ ପରଲୋକରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିବା ସହ ପରିବାରକୁ ସମବେଦନା ଜଣାଇଛନ୍ତି। ପଙ୍କଜଙ୍କ ଅଭିନୀତ ଲୋକପ୍ରିୟ ଧାରାବାହିକଗୁଡ଼ିକ ମଧ୍ୟରେ ଚନ୍ଦ୍ରକାନ୍ତା, ବଡ଼ୋ ବହୁ, ଜି ହରର୍ ଶୋ', କାନୁନ, ଶଶୁରାଲ ସିମର କା ଆଦି ରହିଥିଲା। ସୋଲ୍ଜରଲ ଆନନ୍ଦ, ବାଦ୍‌ଶାହ, ତୁମ୍‌କୋ ନା ଭୁଲ୍ ପାୟେଙ୍ଗେ ଭଳି ହିନ୍ଦୀ ଫିଲ୍ମରେ ମଧ୍ୟ ପଙ୍କଜ ଅଭିନୟର ଯାଦୁ ଦେଖାଇ ଦର୍ଶକଙ୍କ ମନ ମୋହିଥିଲେ। ପଙ୍କଜଙ୍କ ସ୍ତ୍ରୀ ଜଣେ କଷ୍ଟ୍ୟୁମ୍ ଡିଜାଇନର ହୋଇଥିବାବେଳେ ପୁଅ ନିକିତିନ୍ ଧୀର ମଧ୍ୟ ଜଣେ ଅଭିନେତା। ପଙ୍କଜ ପଞ୍ଜାବ ବାସିନ୍ଦା ଥିଲେ। ତାଙ୍କ ବାପା ଏଲ୍‌ସି ଧୀର ଜଣେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଥିଲେ। ୨୦୧୦ରେ ପଙ୍କଜ ଅଭିନୟ ଆକ୍ଟିଂ ଏକାଡେମୀ ପ୍ରତିଷ୍ଠା କରିଥିଲେ, ଯାହାକି ଅନେକ ଆକାଂକ୍ଷୀ ଅଭିନେତାଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିଥିଲା। ପଙ୍କଜ ୧୯୮୦ ଦଶକରେ ଅନେକ ଫିଲ୍ମରେ ଛୋଟ ରୋଲ୍‌ରେ ନଜରକୁ ଆସିଥିଲେ। କିନ୍ତୁ ମେଗାସିରିଏଲ୍ 'ମହାଭାରତ' ତାଙ୍କୁ ଘରେ ଘରେ ପରିଚିତ କରାଇଥିଲା। କର୍ଣ୍ଣ ଚରିତ୍ରରେ ଅଭିନୟ ପଙ୍କଜଙ୍କୁ କୁରୁକ୍ଷେତ୍ରର ସର୍ବୋତ୍ତମ ଯୋଦ୍ଧାର ଆଖ୍ୟା ଦେଇଥିଲା। ସେହିପରି ଚନ୍ଦ୍ରକାନ୍ତାର ଶିବଦତ୍ତ (ବିଷପୁରୁଷ) ମଧ୍ୟ ତାଙ୍କ ଆଣ୍ଟି-ହିରୋ ଭାବମୂର୍ତ୍ତିକୁ ଆହୁରି ମଜଭୁତ କରିଥିଲା। ୨୦୧୯ରେ ସେ ୱେବ୍‌ସିରିଜ ପୋଇଜନରେ ନଜରକୁ ଆସିଥିବାବେଳେ ୨୦୨୪ର ଧ୍ରୁବ ତାରା: ସମୟ ସଦିରେ ପରେ ତାଙ୍କ ଅଭିନୀତ ଶେଷ ଟିଭି ସିରିଏଲ୍। ମୁମ୍ବାଇର ସାଣ୍ଟାକ୍ରୁଜ୍‌ସ୍ଥିତ ପବନ ହଂସ ଶ୍ମଶାନରେ ବୁଧବାର ଅପରାହ୍ନ ୪ଟାରେ ପଙ୍କଜଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ପାକ୍-ଆଫଗାନ୍ ପୁଣି ମୁହାଁମୁହିଁ

# ସଂଘର୍ଷ ପରେ ଅସ୍ତ୍ରବିରତି

ଇସ୍‌ଲାମାବାଦ, ୧୫।୧୦ (ପି.ଟି.)

ପାକିସ୍ତାନ-ଆଫ୍‌ଗାନିସ୍ତାନ ସୀମାରେ ବୁଧବାର ପୁଣି ମୁହାଁମୁହିଁ ହୋଇଛନ୍ତି ଦୁଇଦେଶର ସେନା। ସପ୍ତାହେ ମଧ୍ୟରେ ଏହା ହେଉଛି ଦ୍ୱିତୀୟ ସୀମା ସଂଘର୍ଷ, ଯହିଁରେ ପାକିସ୍ତାନୀ ସେନା ୪୦ରୁ ଊର୍ଦ୍ଧ୍ୱ ଆଫ୍‌ଗାନ ତାଲିବାନ୍‌ଙ୍କୁ ହତ୍ୟା କରିଥିବା ଦାବି କରିଛି। ତେବେ ଉଭୟ ଦେଶର ଆଲୋଚନା ପରେ ୪୮ ଘଣ୍ଟିଆ ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ ପାଇଥିବା ପାକିସ୍ତାନ ପକ୍ଷରୁ କୁହାଯାଇଛି।

ପାକିସ୍ତାନୀ ସୈନ୍ୟ ଓ ଆଫ୍‌ଗାନିସ୍ତାନର ଫାଇଟର୍ସଙ୍କ ମଧ୍ୟରେ ଶନିବାର ସୀମାରେ ସଂଘର୍ଷ ହୋଇଥିଲା। ଏଥିରେ ଉଭୟ ପକ୍ଷର ଅନେକ ମୃତାହତ ହୋଇଥିଲେ। ବୁଧବାର ତାଲିବାନ୍ ପକ୍ଷରୁ ପାକ୍-ଅଧିକୃତ



ତାଲିବାନ୍ ଆକ୍ରମଣରେ ଆହତ ଜଣେ ବ୍ୟକ୍ତିଙ୍କୁ ଚମନସ୍ଥିତ ହସ୍ପିଟାଲକୁ ନିଆଯାଉଛି।

କଶ୍ମୀର (ପିଓକେ)ର ବେଲୁଚିସ୍ତାନ ପ୍ରଦେଶସ୍ଥିତ ସ୍ପିନ୍ ବୋଲ୍‌ଡକ୍‌ରେ ଆକ୍ରମଣ କରାଯାଇଥିଲା। ପାକିସ୍ତାନୀ ସେନା ଏହାର ମୁହଁତୋଡ଼ ଜବାବ ଦେଇଥିଲା। ଏଥିରେ ଆଫ୍‌ଗାନିସ୍ତାନର ୪୦ ନିହତ ଓ ଶତାଧିକ ଆହତ ହୋଇଥିବା ପାକିସ୍ତାନ ଦାବି କରିଥିବାବେଳେ ତାଲିବାନ୍ ମୃତକଙ୍କ ସଂଖ୍ୟା ୧୨ ବୋଲି 'X'ରେ କହିଛି। ଇତିମଧ୍ୟରେ ପାକିସ୍ତାନ ସରକାର ଓ ତାଲିବାନ୍ ଶାସକଙ୍କ ମଧ୍ୟରେ ଆଲୋଚନା ପରେ ଅସ୍ଥାୟୀ ଯୁଦ୍ଧବିରତି ଘୋଷଣା କରାଯାଇଛି। ତାଲିବାନ୍‌ର ଅନୁରୋଧ କ୍ରମେ ବୁଧବାର ସନ୍ଧ୍ୟା ୬ଟାରୁ ପରବର୍ତ୍ତୀ ୪୮ ଘଣ୍ଟା ପର୍ଯ୍ୟନ୍ତ ଅସ୍ତ୍ରବିରତି ବଳବତ୍ତର ରହିବ ବୋଲି ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ସୂଚନା ଦେଇଛି। ଅନ୍ୟପକ୍ଷେ ତାଲିବାନ୍ ନେତୃତ୍ୱାଧୀନ ଆଫ୍‌ଗାନ ସରକାର ମୁଖ୍ୟ ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ୍ ଏକ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି, ପାକିସ୍ତାନୀ ପକ୍ଷରୁ ଅନୁରୋଧ କ୍ରମେ ଦୁଇଦେଶ ମଧ୍ୟରେ ଅସ୍ତ୍ରବିରତି ନେଇ ସହମତି ପ୍ରକାଶ ପାଇଛି, ଯାହାକି ବୁଧବାର ଅପରାହ୍ନ ୫ଟା ୩୦ରୁ ଲାଗୁ ହୋଇଛି। ପାକିସ୍ତାନ ପଟୁ କୌଣସି ଅତିକ୍ରମଣ ନ ହେବା ପର୍ଯ୍ୟନ୍ତ ଅସ୍ତ୍ରବିରତିକୁ ସମ୍ମାନ ଦେବା ପାଇଁ ନିଜ ସୁରକ୍ଷା ବଳକୁ ସରକାର ନିର୍ଦ୍ଦେଶ ଦେଇଥିବା ମୁଜାହିଦ୍ କହିଛନ୍ତି। ପାକିସ୍ତାନ ମଧ୍ୟ ସିଜ୍‌ଫାୟାରକୁ ଉଭୟ ପକ୍ଷ ଅନୁପାଳନ କରିବେ ଏବଂ ଆଲୋଚନା ଜରିଆରେ ସଂଘର୍ଷର ସମାଧାନ ବାଟ ବାହାର କରିବେ ବୋଲି କହିଛି। ଉଲ୍ଲେଖଯୋଗ୍ୟ, ତାଲିବାନ୍ ୨୦୨୧ରେ କ୍ଷମତାକୁ ଆସିବା ପରଠୁ ଉଭୟ ଦେଶ ମଧ୍ୟରେ ଏହା ସବୁଠୁ ବଡ଼ ସଂଘର୍ଷ। ଶନିବାର ସଂଘର୍ଷ ପରେ ପାକିସ୍ତାନ ପକ୍ଷରୁ ରବିବାର ଆଫ୍‌ଗାନିସ୍ତାନ ସଂଲଗ୍ନ ୨,୬୦୦ କି.ମି. ବିସ୍ତୃତ ସୀମାକୁ ବନ୍ଦ କରିଦିଆଯାଇଥିଲା। ୧୮୯୩ରେ ବ୍ରିଟିଶ୍‌ମାନେ ଡୁରଣ୍ଡ ଲାଇନ୍ ନିର୍ଦ୍ଧାରଣ କରିବା ପରଠାରୁ ଏହି ସୀମା ଏକ ବିବାଦୀୟ ଅଞ୍ଚଳ ହୋଇ ରହିଆସିଛି।

## କେନିଆର ପୂର୍ବତନ ପ୍ରଧାନମନ୍ତ୍ରୀ ରୈଲା ଓଡିଙ୍ଗାଙ୍କ ପରଲୋକ

ଥିରୁଭାନନ୍ତପୁରମ, ୧୫।୧୦

କେନିଆର ପୂର୍ବତନ ପ୍ରଧାନମନ୍ତ୍ରୀ ରୈଲା ଓଡିଙ୍ଗାଙ୍କର ୮୦ ବର୍ଷ ବୟସରେ ପରଲୋକ ହୋଇଯାଇଛି। ବୁଧବାର ସକାଳେ କେରଳର କୁଥଟ୍ଟୁକୁଲମଠାରେ ପ୍ରାତଃ ଭ୍ରମଣ କରୁଥିବାବେଳେ ତାଙ୍କର



ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ଓଡିଙ୍ଗା ନିଜ ଆୟୁର୍ବେଦିକ ଚିକିତ୍ସା ପାଇଁ ଗତ କିଛିଦିନ ହେବ ଭାରତରେ ଥିଲେ। ୪ ଦଶନ୍ଧିରୁ ଅଧିକ ସମୟ ଧରି କେନିଆ ରାଜନୀତିରେ ସକ୍ରିୟ ଥିବା ଓଡିଙ୍ଗା ୨୦୦୮ରୁ ୨୦୧୩ ମଧ୍ୟରେ ଦେଶର ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ପ୍ରକଟ କରିଛନ୍ତି।

## ଜାତିସଂଘ ମାନବାଧିକାର ପରିଷଦକୁ ଭାରତ ୭ମ ଥର ନିର୍ବାଚିତ

ଜାତିସଂଘ, ୧୫।୧୦

ମିଳିତ ଜାତିସଂଘ ମାନବାଧିକାର ପରିଷଦ (ୟୁଏନ୍‌ଏଚ୍‌ଆର୍‌ସି)କୁ ଭାରତ ସପ୍ତମ ଥର ପାଇଁ ନିର୍ବାଚିତ ହୋଇଛି। ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ପି. ହରିଶ ସାମାଜିକ ଗଣମାଧ୍ୟମ 'X'ରେ ଏହି ସୂଚନା ଦେଇଛନ୍ତି। ୨୦୨୬ରୁ ୨୦୨୮ କାର୍ଯ୍ୟକାଳ ପାଇଁ ୟୁଏନ୍‌ଏଚ୍‌ଆର୍‌ସିକୁ ଭାରତ ନିର୍ବାଚିତ ହୋଇଛି। ୩ ବର୍ଷ ପାଇଁ ଭାରତର ଏହି କାର୍ଯ୍ୟକାଳ ଆସନ୍ତା ଜାନୁଆରୀ ୧ରୁ ଆରମ୍ଭ ହେବ। ନିର୍ବାଚନରେ ଭାରତକୁ ସମର୍ଥନ କରିଥିବାରୁ ହରିଶ ଏହି ପୋଷ୍ଟରେ ସମସ୍ତ ପ୍ରତିନିଧିମଣ୍ଡଳୀଙ୍କୁ କୃତଜ୍ଞତା ପ୍ରକାଶ କରିଛନ୍ତି। ଏହି ନିର୍ବାଚନ ମାନବାଧିକାର ଏବଂ ମୌଳିକ ସ୍ୱାଧୀନତା ପ୍ରତି ଭାରତର ଅଟଳ ପ୍ରତିବଦ୍ଧତାକୁ ପ୍ରଦର୍ଶନ କରୁଛି। ଆଗାମୀ କାର୍ଯ୍ୟକାଳରେ ଭାରତ ଏହି ଉଦ୍ଦେଶ୍ୟକୁ ପୂରଣ କରିବ ବୋଲି ସେ କହିଛନ୍ତି। ଜାନୁଆରୀ ୧ରୁ ଆରମ୍ଭ ହେଉଥିବା କାର୍ଯ୍ୟକାଳ ପାଇଁ ନିର୍ବାଚିତ ହୋଇଥିବା ଅନ୍ୟ ସଦସ୍ୟ ଦେଶଗୁଡ଼ିକ ହେଉଛନ୍ତି ଆଙ୍ଗଲୋ, ବ୍ରିଟେନ୍, ଚିଲି, ଇକ୍ୱେଡର, ଇଜିପ୍ଟ, ଏଷ୍ଟୋନିଆ, ଇରାକ୍, ଇଟାଲୀ, ମରିସସ୍, ପାକିସ୍ତାନ, ସ୍ଲୋଭେନିଆ, ଦକ୍ଷିଣ ଆଫ୍ରିକା ଏବଂ ଭିଏତନାମ।

## ଜୁବିନ୍ ଗର୍ଗ ମୃତ୍ୟୁ ମାମଲା

# ଆସାମ ଜେଲ ବାହାରେ ହିଂସା

ଗୁଆହାଟୀ, ୧୫।୧୦

ଆସାମର ବକ୍‌ସାସ୍ଥିତ ଜିଲା କାରାଗାର ସମ୍ମୁଖରେ ବୁଧବାର ହିଂସାତ୍ମକ ସ୍ଥିତି ସୃଷ୍ଟି ହୋଇଥିଲା। ଲୋକପ୍ରିୟ ସଙ୍ଗୀତଜ୍ଞ ଜୁବିନ୍ ଗର୍ଗଙ୍କ ମୃତ୍ୟୁ ମାମଲାରେ ଗିରଫ ୫ ଅଭିଯୁକ୍ତଙ୍କୁ ବୁଧବାର ଗୁଆହାଟୀର ଏକ ସ୍ଥାନୀୟ କୋର୍ଟ ୧୪ ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଇଛନ୍ତି। ଏହାପରେ ୫ ଅଭିଯୁକ୍ତଙ୍କୁ ପୋଲିସ ଗାଡ଼ିରେ ନେଇ ବକ୍‌ସା ଜିଲା କାରାଗାରକୁ ଆଣୁଥିବାବେଳେ ସେଠାରେ ଅନେକ ସଂଖ୍ୟକ ଜୁବିନ୍‌ଙ୍କ ପ୍ରଂଶସକ ଏକତ୍ରିତ ହୋଇ ପୋଲିସ ଗାଡ଼ି ଉପରେ ଟେକାପଥର ମାଡ଼ କରିଥିଲେ। ଫଳରେ ପୋଲିସ ଲାଠିଚାର୍ଜ କରିବା ସହ ଲୁହବୁହା



ଆସାମର ବକ୍‌ସା ଜେଲ୍ ସମ୍ମୁଖରେ ବୁଧବାର ଜୁବିନ୍ ଗର୍ଗଙ୍କ ପ୍ରଶଂସକମାନେ ଏକ ପୋଲିସ ଗାଡ଼ିକୁ ଜାଳି ଦେଇଛନ୍ତି।

ଗ୍ୟାସ୍ ପ୍ରୟୋଗ କରିଥିଲା। ଏହି ସମୟରେ କିଛି ବ୍ୟକ୍ତି ଏକ ପୋଲିସ ଗାଡ଼ିରେ ନିଆଁ ଲଗାଇଦେଇଥିଲେ। ତେବେ କିଛି ଘଣ୍ଟା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ହିଂସା ପରେ ବକ୍‌ସା ଜେଲ ବାହାରେ ଭାରୀ ପୋଲିସ ଫୋର୍ସ ମୁତୟନ କରାଯାଇଛି।

### ଗିରଫ ଅଭିଯୁକ୍ତଙ୍କୁ ପ୍ରଶଂସକଙ୍କ ଆକ୍ରମଣ

ଜୁବିନ୍‌ଙ୍କ ମୃତ୍ୟୁକୁ ନେଇ ତଦନ୍ତ ନିରପେକ୍ଷ ଭାବରେ ଚାଲିଛି। ତେଣୁ ଶାନ୍ତି ବଜାୟ ରଖିବାକୁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଜୁବିନ୍‌ଙ୍କ ପ୍ରଶଂସକଙ୍କୁ ନିବେଦନ କରିଛନ୍ତି। ଜୁବିନ୍‌ଙ୍କ ମୃତ୍ୟୁ ମାମଲାରେ ନର୍ଥ ଇଷ୍ଟର୍ନ ଫେଷ୍ଟିଭାଲର ଇଭେଣ୍ଟ ଆୟୋଜକ ଶ୍ୟାମକାନୁ ମହାନ୍ତ, ଜୁବିନ୍‌ଙ୍କ ମ୍ୟାନେଜର ସିଦ୍ଧାର୍ଥ ଶର୍ମା, ତାଙ୍କ ସମ୍ପର୍କୀୟ ଭାଇ ତଥା ନିଲମ୍ବିତ ପୋଲିସ ଅଧିକାରୀ ସନ୍ଦିପନ୍ ଗର୍ଗ, ଜୁବିନ୍‌ଙ୍କ ୨ ଜଣ ବ୍ୟକ୍ତିଗତ ସୁରକ୍ଷା କର୍ମୀଙ୍କୁ ଗିରଫ କରାଯାଇଛି।

## ଫୁର୍‌ସତ୍

### ୧,୬୩୮ କ୍ରେଡିଟ୍ କାର୍ଡ ରଖି ବିଶ୍ୱ ରେକର୍ଡ

ମୁମ୍ବାଇ

ସାଧାରଣତଃ ଅନ୍‌ଲାଇନ୍ ଶପିଂ, ବିଲ୍ ପେମେଣ୍ଟ ଆଦି କାର୍ଯ୍ୟ ପାଇଁ କ୍ରେଡିଟ୍ କାର୍ଡକୁ ବ୍ୟବହାର କରାଯାଇଥାଏ। ତେବେ ଉତ୍ତରପ୍ରଦେଶର ଲକ୍ଷ୍ନୌ ନିବାସୀ ମନୀଷ ଧାମେଜାଙ୍କର କାହାଣୀ ଏହାର ଠିକ୍ ବିପରୀତ। ସେ କ୍ରେଡିଟ୍ କାର୍ଡଗୁଡ଼ିକୁ ପାରମ୍ପରିକ ବ୍ୟବହାର ବ୍ୟତୀତ ନିଜ ଆୟର ଏକ ଉତ୍ସରେ ପରିଣତ କରିଛନ୍ତି। ତାଙ୍କ ନିକଟରେ ୧,୬୩୮ଟି ବୈଧ କ୍ରେଡିଟ୍ କାର୍ଡ ରହିଛି। ସର୍ବାଧିକ ବୈଧ କ୍ରେଡିଟ୍ କାର୍ଡ ରଖିଥିବା ବ୍ୟକ୍ତି ଭାବରେ ୨୦୨୧ ଏପ୍ରିଲ ୩୦ରେ ତାଙ୍କ ନାମ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ (ଜିଡବ୍ଲ୍ୟୁଆର୍)ରେ ସ୍ଥାନିତ ହୋଇଥିଲା। ଏନେଇ ନିକଟରେ ଜିଡବ୍ଲ୍ୟୁଆର୍ ପକ୍ଷରୁ ନିଜ ଅଫିସିଆଲ ୱେବ୍‌ସାଇଟରେ ଏକ ଅପ୍‌ଡେଟ୍ ଶେୟାର କରାଯାଇଛି, ଯାହାପରେ ମନୀଷ ପୁଣି ଥରେ ଚର୍ଚ୍ଚାକୁ ଆସିଛନ୍ତି।

ମନୀଷ ନିଜର ସମସ୍ତ କ୍ରେଡିଟ୍



କାର୍ଡଗୁଡ଼ିକ କେବଳ ପ୍ରଦର୍ଶନ କିମ୍ବା ଶପିଂ ପାଇଁ ନୁହେଁ, ବରଂ ଚତୁରତାର ସହ ରିୱାର୍ଡ୍ସ, କ୍ୟାସ୍‌ବ୍ୟାକ୍, ଯାତ୍ରା ସୁବିଧା ଏବଂ ହୋଟେଲ ସୁବିଧା ଅର୍ଜନ କରିବା ପାଇଁ ବ୍ୟବହାର କରିଥାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏତେ ସଂଖ୍ୟକ କ୍ରେଡିଟ୍ କାର୍ଡ ରଖିଥିଲେ ମଧ୍ୟ ମନୀଷଙ୍କର କୌଣସି ଋଣ ନାହିଁ। ଶୂନ୍ୟ ଋଣ ସହ ସେ ଏହି କାର୍ଡଗୁଡ଼ିକୁ ଟଙ୍କା ରୋଜଗାର ମେଶିନ୍ ପରି ବ୍ୟବହାର କରନ୍ତି। ସମ୍ପ୍ରତି ମନୀଷ ଦିଲ୍ଲୀରେ ରହୁଛନ୍ତି। ଲକ୍ଷ୍ନୌର ଇଣ୍ଟିଗ୍ରାଲ ୟୁନିଭରସିଟିରୁ ଏମ୍‌ସିଏ (ମାଷ୍ଟର ଅଫ୍ କମ୍ପ୍ୟୁଟର ଆପ୍ଲିକେଶନ) ଡିଗ୍ରୀ ହାସଲ କରିଥିବା ମନୀଷ ରାଜସ୍ଥାନର ବିଆଇଟିଏସ୍ ପିଲାନିରୁ ଡେଟା ସାଇନ୍ସରେ ଏମ୍‌ଟେକ୍ ଏବଂ ଆମିଟି ୟୁନିଭର୍ସିଟିରୁ ଏମ୍‌ବିଏ ମଧ୍ୟ କରିଛନ୍ତି। ସମ୍ପ୍ରତି ସେ ଭାରତ ସରକାରଙ୍କ ଦୂରସଞ୍ଚାର ବିଭାଗରେ କାର୍ଯ୍ୟ କରୁଛନ୍ତି।

ମନୀଷ 'କିଙ୍ଗ୍ ଅଫ କ୍ରେଡିଟ୍ କାର୍ଡ ଆଣ୍ଡ୍ କଏନସ୍' ନାମରେ ମଧ୍ୟ ଜଣାଶୁଣା। ସେ ଉଭୟ କ୍ରେଡିଟ୍ କାର୍ଡ ଏବଂ କଏନ୍ ସଂଗ୍ରହ ପାଇଁ ୨ ଥର ଜିଡବ୍ଲ୍ୟୁଆର୍‌ରେ ସ୍ଥାନିତ ହୋଇଛନ୍ତି। ମନୀଷ ଜଣେ ୟୁଟ୍ୟୁବର ମଧ୍ୟ। ସେ କ୍ରେଡିଟ୍ କାର୍ଡ ଏବଂ କଏନ୍ କଲେକ୍ସନକୁ ନେଇ ଭିଡିଓ ତିଆରି କରିଥାନ୍ତି। ସେ ଏକାଧାରରେ ଜଣେ ମୁଦ୍ରା ବିଶେଷଜ୍ଞ, ଡେଟା ସାଇଣ୍ଟିଷ୍ଟ ଏବଂ ସାମାଜିକ କର୍ମୀ। ମନୀଷ ନିଜ ଲିଙ୍କ୍‌ଡଇନ୍, ଇନ୍‌ଷ୍ଟାଗ୍ରାମ ଏବଂ ଫେସ୍‌ବୁକ୍ ଆକାଉଣ୍ଟରେ କ୍ରେଡିଟ୍ କାର୍ଡ ସମ୍ବନ୍ଧୀୟ ବିଭିନ୍ନ ଟିପ୍ସକୁ ଶେୟାର କରିଥାନ୍ତି।

ଭାରତରେ କ୍ରେଡିଟ୍ କାର୍ଡ ବ୍ୟବହାରକାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ କ୍ରେଡିଟ୍ କାର୍ଡ ବ୍ୟବହାର ଦ୍ୱାରା ଋଣ ଜାଲରେ ପଡୁଛନ୍ତି। ତେବେ ସ୍ମାର୍ଟ ପଦକ୍ଷେପ ସହ ଏହି କାର୍ଡଗୁଡ଼ିକ ବିନା ଋଣରେ କିପରି ଲାଭଦାୟକ ହୋଇପାରେ, ତାହା ମନୀଷ ପ୍ରମାଣିତ କରି ଦେଖାଇଛନ୍ତି।

### ଇନ୍ସପେକ୍ଟର ଭୂମିକାରେ ଅର୍ଶଦ

ମୁମ୍ବାଇ



ଅର୍ଶଦ ୱାର୍ସି

ଚଳିତ ମାସର ବହୁ ପ୍ରତୀକ୍ଷିତ ଫିଲ୍ମ ମଧ୍ୟରେ 'ଭାଗୱତ ଚାପ୍ଟର ୧ ରାକ୍ଷସ' ରହିଛି। ଏହି କ୍ରାଇମ ଥ୍ରୀଲର ମୁଭିରେ ଅଭିନେତା ଅର୍ଶଦ ୱାର୍ସିଙ୍କୁ ଇନ୍ସପେକ୍ଟର ବିଶ୍ୱାସ ଭାଗୱତଙ୍କ ଭୂମିକାରେ ଦେଖିବାକୁ ମିଳିବ। ସେହିପରି 'ପଞ୍ଚାୟତ' ସିରିଜ୍‌ର ଷ୍ଟାର୍ ଜିତେନ୍ଦ୍ର କୁମାରଙ୍କୁ ଜଣେ ରହସ୍ୟମୟ ବିଜ୍ଞାନ ଶିକ୍ଷକ ସୂରଜଙ୍କ ଭୂମିକାରେ ଦେଖିବାକୁ ମିଳିବ। ଏହି ଫିଲ୍ମ ବକ୍ସ ଅଫିସରେ ନୁହେଁ ବରଂ ଓଟିଟି ପ୍ଲାଟ୍‌ଫର୍ମ ଜି୫ରେ ଷ୍ଟ୍ରିମିଂ ହେବ। ଶୁକ୍ରବାରଠାରୁ ଏହି ଫିଲ୍ମ ଷ୍ଟ୍ରିମିଂ ହେବ ବୋଲି ବୁଧବାର ଜି୫ ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରାଯାଇଛି। ଏହି ଚଳଚ୍ଚିତ୍ରର କାହାଣୀ ଏକ କାଳ୍ପନିକ ବେଶ୍ୟାବୃତ୍ତି ର‌୍ୟାକେଟକୁ ନେଇ ଗତି କରୁଛି। ଉତ୍ତର ପ୍ରଦେଶର ଏକ ଛୋଟ ସହରରୁ କିଛି ମାସ ମଧ୍ୟରେ ୧୯ ଜଣ ଯୁବତୀ ନିଖୋଜ ହେବାର ମାମଲା ସାମ୍ନାକୁ ଆସିଥିବା ବେଳେ ଏହାକୁ ନେଇ ଅର୍ଶଦ ଖୋଳତାଡ଼ କରିବା ସହ ବେଶ୍ୟାବୃତ୍ତି ର‌୍ୟାକେଟକୁ ଧରିବା ପାଇଁ ପ୍ରୟାସ କରୁଥିବା ନେଇ ଟ୍ରେଲରରେ ଦେଖିବାକୁ ମିଳିଛି। ମାମଲାର ତଦନ୍ତ ସମୟରେ ଜିତେନ୍ଦ୍ରଙ୍କ ଉପରେ ଅର୍ଶଦଙ୍କ ସନ୍ଦେହ ବଢୁଛି ଏବଂ ସେ ଜିତେନ୍ଦ୍ରଙ୍କୁ ଗିରଫ କରୁଛନ୍ତି। ତେବେ ବେଶ୍ୟାବୃତ୍ତି ର‌୍ୟାକେଟ ପଛରେ ଜିତେନ୍ଦ୍ରଙ୍କ ହାତ ରହିଛି କି ନାହିଁ ତାହାକୁ ନେଇ ଏହି ଫିଲ୍ମର କାହାଣୀ ପର୍ଯ୍ୟବସିତ।

**କାଲିଠୁ ଜି୫ରେ ଷ୍ଟ୍ରିମିଂ ହେବ 'ଭାଗୱତ ଚାପ୍ଟର ୧ ରାକ୍ଷସ'**




‘ଧରିତ୍ରୀ’ ପ୍ରଭାବ

# ୭ ଅଧିକାରୀଙ୍କ ବଦଳି ସ୍ଥଗିତ

**ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ଆଦର୍ଶ ଆଚରଣବିଧି ଉଲ୍ଲଂଘନ ପ୍ରସଙ୍ଗ**

## ‘ଏମ୍‌ସିସି’ ଉଲ୍ଲଂଘନ ନେଇ ମଗାଯାଇଛି ରିପୋର୍ଟ

ଭୁବନେଶ୍ୱର,୧୫।୧୦
(ରବିନାରାୟଣ ଜେନା)

ଭାରତ ନିର୍ବାଚନ ଆୟୋଗ(ଇସିଆଇ)ଙ୍କ ନିର୍ଦ୍ଦେଶକୁ ଅବମାନନା କରି ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ଏବେ ଅକଳରେ। ବିଭାଗ ପକ୍ଷରୁ ସୋମବାର ଏବଂ ମଙ୍ଗଳବାର ଯେଉଁ ଅଧିକାରୀଙ୍କୁ ନୂଆପଡ଼ାରେ ନିଯୁକ୍ତି ଓ ବଦଳି କରାଯାଇଥିଲା, ସେଥିମଧ୍ୟରୁ ୭ ଜଣଙ୍କ ଆଦେଶକୁ ବୁଧବାର ସ୍ଥଗିତ ରଖାଯାଇଛି। ହେଲେ ୧୩ ତାରିଖରେ ଜାରି ବିଜ୍ଞପ୍ତିରେ ବିଜୟ କୁମାର ମାଝୀଙ୍କୁ ନବରଙ୍ଗପୁରରୁ ନୂଆପଡ଼ା ଖରିଆର ଫିଶ୍ ଫାର୍ମକୁ ଓ ଖରିଆର ଫିଶ୍ ଫାର୍ମରେ ଥିବା ଭବାନୀ ଶଙ୍କର ପଣ୍ଡାଙ୍କୁ କଳାହାଣ୍ଡି ଜିଲା ମତ୍ସ୍ୟ ଅଧିକାରୀ କାର୍ଯ୍ୟାଳୟକୁ ଯେଉଁ ବଦଳି କରାଯାଇଥିଲା, ସେନେଇ ବିଭାଗ ପକ୍ଷରୁ କୌଣସି ସ୍ଥଗିତାଦେଶ ବୁଧବାର ଅପରାହ୍ଣ ସୁଦ୍ଧା ଜାରି ହୋଇ ନ ଥିଲା। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ରିପୋର୍ଟ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗକୁ ମଗାଯାଇଛି। ବିଭାଗ ଏନେଇ କ’ଣ ଉତ୍ତର ଦେଉଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

ସୂଚନାଯୋଗ୍ୟ, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ପକ୍ଷରୁ ଚଳିତମାସ ୧୩ ଏବଂ ୧୪ ତାରିଖରେ ୩୬୩ ଜଣ ଓଭିଏସ୍ ଏବଂ ମତ୍ସ୍ୟ ଅଧିକାରୀଙ୍କୁ ନୂଆପଡ଼ା ସମେତ ବିଭିନ୍ନ ଜିଲାକୁ ବଦଳି ଓ ପୋଷ୍ଟିଂ କରାଯାଇଥିଲା। ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଗତ ସୋମବାରଠାରୁ ନୂଆପଡ଼ା ଉପନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି ହୋଇଛି। ଏହା ପୂର୍ବରୁ ଚଳିତମାସ ୬ ତାରିଖରୁ ସମ୍ପୂର୍ଣ୍ଣ ନୂଆପଡ଼ା ଜିଲାରେ ଆଦର୍ଶ ଆଚରଣବିଧି(କୋଡ୍ ଅଫ୍ କଣ୍ଡକ୍ଟ) ଲାଗୁ ହୋଇସାରିଛି। ନୂଆପଡ଼ା ଜିଲାରେ ଉପନିର୍ବାଚନ ଲାଗି ଆଦର୍ଶ ଆଚରଣବିଧି ବଳବତ୍ତର ରହିଥିବାବେଳେ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ପକ୍ଷରୁ କିଭଳି ଉକ୍ତ ଜିଲାରେ ସଂଖ୍ୟାଧିକ ଭେଟେରିନାରି ଓ ଫିଶେରୀ ସେବା ବର୍ଗର ଅଧିକାରୀଙ୍କୁ ବଦଳି ଓ ପୋଷ୍ଟିଂ କରାଗଲା, ସେନେଇ ବିଭାଗୀୟ ଅଧିକାରୀଙ୍କ ଅଭିଯୋଗକୁ ଆଧାରକରି ‘ଧରିତ୍ରୀ’ ପକ୍ଷରୁ ଏକ ବିସ୍ତୃତ ରିପୋର୍ଟ ୧୫ତାରିଖରେ ପ୍ରକାଶ ପାଇଥିଲା। ଏହାକୁ ନେଇ ବୁଧବାର ୭ ଜଣ ଅଧିକାରୀଙ୍କ ବଦଳି ଓ ପୋଷ୍ଟିଂ ଉପରେ ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥଗିତାଦେଶ ଜାରି ହୋଇଥିଲେ ହେଁ ଆଉ କେତେଜଣ ଅଧିକାରୀଙ୍କ କ୍ଷେତ୍ରରେ ତାହା କାର୍ଯ୍ୟକାରୀ ହୋଇନାହିଁ।

ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ବଦଳି ସ୍ଥଗିତାଦେଶ ମଧ୍ୟରେ ନୂଆପଡ଼ା ଜିଲା ଖରିଆର ବ୍ଲକ୍‌ରେ କାର୍ଯ୍ୟରତ ଭେଟେରିନାରି ଆସିଷ୍ଟାଣ୍ଟ ସର୍ଜନ ଡା. ଶିବାନୀ ସୋନିଙ୍କୁ କଟକ-ବକ୍ସିବଜାର ଭିଏଏସ୍ ରେଫରାଲ ହସ୍ପିଟାଲକୁ ବଦଳି କରାଯାଇଥିବାବେଳେ ବଲାଙ୍ଗୀର ବଙ୍ଗମୁଣ୍ଡାରୁ ଭିଏଏସ୍ ଡା. ସତ୍ୟବ୍ରତ ପରିଡ଼ାଙ୍କୁ ନୂଆପଡ଼ା ଭିଏଏସ୍(ଏମ୍‌ଭିୟୁ), ପୁରୀ ଗୋପର ଭିଏଏସ୍ ଡା. ସାଗର ସାହୁଙ୍କୁ କୋମନା ବ୍ଲକର ଏଭିଏଏସ୍ ଭାବେ ଏବଂ ନୂଆପଡ଼ା କୋମନା ବ୍ଲକରେ ଥିବା ଡା. ପ୍ରତିଭା ମାଝୀଙ୍କୁ କଳାହାଣ୍ଡି ଏମ୍. ରାମପୁରକୁ ଏଭିଏଏସ୍ ଭାବେ ବଦଳି ନିର୍ଦ୍ଦେଶ ରହିଛି।

ସେହିପରି ବରିଷ୍ଠ ଓଭିଏସ୍ ଡା. ଶମ୍ଭୁପ୍ରସାଦ ସାହୁଙ୍କୁ ବଲାଙ୍ଗୀର ଦେଓଗାଁରୁ ନୂଆପଡ଼ା ଏଡିଭିଓ(ଡିସି) ଭାବେ, ବାଲେଶ୍ୱର ଏସ୍‌ଡିଭିଓ ଡା. ସୁଖେନ୍ଦୁ ରାୟଙ୍କୁ ନୂଆପଡ଼ା ସିଡିଭିଓ ଏବଂ ନୂଆପଡ଼ା ଏଡିଭିଓ ଡା. ବାଳକୃଷ୍ଣ ଦ୍ୱିବେଦୀଙ୍କୁ ଭୁବନେଶ୍ୱର ଏସ୍‌ଡିଭିଓ ଭାବେ ବଦଳି ଆଦେଶକୁ ମଧ୍ୟ ସ୍ଥଗିତ ରଖାଯାଇଛି।

# କେନ୍ଦୁଝର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିଚାଳନା ସମିତିର ସଭାପତି, ସବୁ ସଦସ୍ୟ ନିଲମ୍ବିତ

ଭୁବନେଶ୍ୱର, ୧୫।୧୦(ସୁନିତ୍ ମିଶ୍ର)

ବ୍ୟାଙ୍କ ଅନିୟମିତତା ବିରୋଧରେ ସମବାୟ ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ନିଯୁକ୍ତି ପ୍ରଦାନରେ ଅନିୟମିତତା, ନିୟମ ବିରୁଦ୍ଧ ଅବୈଧ କାର୍ଯ୍ୟ, ବ୍ୟାଙ୍କର ନିୟମ, ଅଧିନିୟମ ଓ ମାର୍ଗଦର୍ଶିକାକୁ ଅତିକ୍ରମ କରି କାର୍ଯ୍ୟକରିବା, ଋଣ ପ୍ରଦାନରେ ନିୟମକୁ ପାଳନ ନ କରିବା ଆଦି ବିଭିନ୍ନ ଅଭିଯୋଗରେ କେନ୍ଦୁଝର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିଚାଳନା ସମିତିର ସଭାପତି ଓ ସମସ୍ତ ସଦସ୍ୟଙ୍କୁ ତତ୍କାଳ ନିଲମ୍ବନ ଆଦେଶ ଜାରି କରାଯାଇଛି। ଓଡ଼ିଶା ସମବାୟ ସମିତି ଆଇନ-୧୯୬୨(ସେକ୍ସନ-୩୨, ସବ୍-ସେକ୍ସନ-୭) ଅନୁସାରେ ସମବାୟ ସମିତି ସମୂହ ନିବନ୍ଧକ ସିଦ୍ଧାର୍ଥ ଦାସ ଏହି ନିଲମ୍ବନ ଆଦେଶ ଜାରି କରିଛନ୍ତି। ପରବର୍ତ୍ତୀ ଆଦେଶନାମା ପର୍ଯ୍ୟନ୍ତ କେନ୍ଦୁଝର ଜିଲାପାଳ କେନ୍ଦୁଝର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିଚାଳନାର ପ୍ରଶାସକ ଭାବେ କାର୍ଯ୍ୟ କରିବେ। ଅନିୟମିତତାଠାରୁ ଦୂରରେ ରହି ନୀତିନିଷ୍ଠ କର୍ତ୍ତବ୍ୟ ସମ୍ପାଦନ ପାଇଁ ସମବାୟ ବିଭାଗ ପକ୍ଷରୁ ସମସ୍ତ ବ୍ୟାଙ୍କ ଅଧିକାରୀ ଓ ବ୍ୟାଙ୍କ ପରିଚାଳନା ସମିତିକୁ ନିର୍ଦ୍ଦେଶ ଦିଆଯାଇଛି।

राष्ट्रीय परीक्षा एजेंसी
National Testing Agency
Excellence in Assessment
सत्यमेव जयते
Department of Social Justice & Empowerment
Ministry of Social Justice & Empowerment
Government of India

ଉଚ୍ଚଶିକ୍ଷା ବିଭାଗ, ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନସ୍ଥ ଏକ ସ୍ୱୟଂଶାସିତ ସଂଗଠନ

**ଲକ୍ଷ୍ୟିତ ଅଞ୍ଚଳଗୁଡ଼ିକରେ ଉଚ୍ଚତର ଶ୍ରେଣୀର ବିଦ୍ୟାର୍ଥୀଙ୍କ ପାଇଁ ଆବାସିକ ଶିକ୍ଷା ଯୋଜନା [ଶ୍ରେଷ୍ଠା (ଏନ୍‌ଇଟିଏସ୍) - ୨୦୨୬] ନିମନ୍ତେ ଅନ୍‌ଲାଇନ୍ ଆବେଦନ ଆହ୍ୱାନ ସମ୍ବନ୍ଧୀୟ ଘୋଷଣା**

ଜାତୀୟ ପରୀକ୍ଷା ଏଜେନ୍ସି ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ତରଫରୁ ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ଅନୁସୂଚିତ ଜାତି (ଏସ୍‌ସି)ର ବିଦ୍ୟାର୍ଥୀଙ୍କ ପାଇଁ ୯ମ ଓ ୧୧ଶ ଶ୍ରେଣୀରେ ନାମଲେଖା ନିମନ୍ତେ ଶ୍ରେଷ୍ଠା (ଏନ୍‌ଇଟିଏସ୍)-୨୦୨୬ ସଞ୍ଚାଳନ କରିବାକୁ ଯାଉଛି । ଶ୍ରେଷ୍ଠା କେବଳ ଅନୁସୂଚିତ ଜାତି (ଏସ୍‌ସି)ର ମେଧାବୀ ବିଦ୍ୟାର୍ଥୀଙ୍କ ଉଚ୍ଚମାନର ଶିକ୍ଷା ପାଇଁ ଉଦ୍ଦିଷ୍ଟ ଏକ ଯୋଜନା ଅଟେ ।

| | |
|---|---|
| ଅନ୍‌ଲାଇନରେ ଆବେଦନ ପତ୍ର ଦାଖଲ | ତା୧୦।୧୦।୨୦୨୫ରୁ ୩୦।୧୦।୨୦୨୫ରିଖ |
| ପରୀକ୍ଷା ତାରିଖ | ଡିସେମ୍ବର, ୨୦୨୫ ମାସରେ |
| ପରୀକ୍ଷା ପଦ୍ଧତି | କଲମ ଓ କାଗଜ ପଦ୍ଧତି (ଓଏମ୍‌ଆର୍) |
| ପ୍ରଶ୍ନପତ୍ର ଢାଞ୍ଚା | ବସ୍ତୁନିଷ୍ଠ ପ୍ରକାର ପ୍ରଶ୍ନାବଳୀ (ଏମ୍‌ସିକ୍ୟୁ) |

ସୂଚନା ବୁଲେଟିନ୍ ସମେତ ପରୀକ୍ଷା ଲାଗି ପଞ୍ଜୀକରଣ ସମ୍ବନ୍ଧୀୟ ସମସ୍ତ ଅନ୍ୟାନ୍ୟ ବିବରଣୀ ଜାତୀୟ ପରୀକ୍ଷା ଏଜେନ୍ସିର ଆନୁଷ୍ଠାନିକ ୱେବ୍‌ସାଇଟ୍(ଗୁଡ଼ିକ) www.nta.ac.in ଏବଂ https://exams.nta.nic.in/shreshta/ରେ ଉପଲବ୍ଧ ।

ଆଗ୍ରହୀ ପ୍ରାର୍ଥୀମାନଙ୍କୁ ଶେଷ ତାରିଖ କିମ୍ବା ତାହା ପୂର୍ବରୁ ଆବେଦନ କରିବା ଏବଂ ସଦ୍ୟତମ ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ଆନୁଷ୍ଠାନିକ ୱେବ୍‌ସାଇଟ୍ ପରିଦର୍ଶନ କରିବା ଲାଗି ପରାମର୍ଶ ଦିଆଯାଉଛି ।

ଶ୍ରେଷ୍ଠା-୨୦୨୬ ନିମନ୍ତେ ଆବେଦନ କରିବା ସମୟରେ ଯଦି କୌଣସି ପ୍ରାର୍ଥୀ କୌଣସି ଅସୁବିଧାର ସମ୍ମୁଖୀନ ହୁଅନ୍ତି, ତେବେ ସେ ୦୧୧-୪୦୭୫୯୦୦୦/୦୧୧-୬୯୨୨୭୭୦୦ ସହ ଯୋଗାଯୋଗ କରିପାରନ୍ତି କିମ୍ବା shreshta@nta.ac.in ରେ ଇମେଲ୍ କରିପାରନ୍ତି ।

ସ୍ୱା./-
(ନିର୍ଦ୍ଦେଶକ)

cbc 21354/12/0003/2526

# ମନ୍ଦିରରୁ ଝୁଲନ୍ତା ଅବସ୍ଥାରେ ମିଳିଲା ୨ ମୃତଦେହ

- **କିନ୍ନର ପୂଜକ, ମିସ୍ତ୍ରି ଆତ୍ମହତ୍ୟା କରିଥିବା ଅଭିଯୋଗ**
- **ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ପ୍ରାଥମିକ ତଦନ୍ତ ପରେ ପୋଲିସର ସୂଚନା**

ଜୟପୁର, ୧୫।୧୦(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଗୋପବନ୍ଧୁ ନଗରସ୍ଥିତ କନକଦୁର୍ଗା ମନ୍ଦିର ପରିସରରେ ବୁଧବାର ଝୁଲନ୍ତା ଅବସ୍ଥାରେ ୨ ଜଣଙ୍କ ମୃତଦେହ ମିଳିଛି। ମୃତକ ହେଲେ ମନ୍ଦିର ପୂଜକ ତୃତୀୟ ଲିଙ୍ଗୀ ରାଜୁ ମାଛ ଓ ପାଇକ ସାହି ସମରା ଜାନୀ। ତେବେ ୨ ମୃତକଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଟାଉନ ଥାନା ପୋଲିସ ପ୍ରକାଶ କରିଛି।

ସୂଚନାନୁଯାୟୀ, ଗୋପବନ୍ଧୁନଗରରେ ଥିବା କନକଦୁର୍ଗା ମନ୍ଦିର ପୂଜକ ଭାବେ ରାଜୁ ମାଛ କାର୍ଯ୍ୟ କରୁଥିଲେ। ସମରା ଜାନୀ ସ୍ଥାନୀୟ ଅଞ୍ଚଳରେ ମିସ୍ତ୍ରିଭାବେ କାମ କରନ୍ତି। ତେବେ ବୁଧବାର ସକାଳେ ଏକ ଲାଲରଙ୍ଗର ଶାଢ଼ିରେ ୨ ଜଣଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ସ୍ଥାନୀୟ ଲୋକେ ଦେଖି ଜୟପୁର ଟାଉନ ପୋଲିସକୁ ଖବର ଦେଇଥିଲେ। ଜୟପୁର ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସ ମୃତଦେହକୁ ତଳକୁ ଓହ୍ଲାଇ ପଞ୍ଚନାମାକରି ବ୍ୟବଚ୍ଛେଦ ପାଇଁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏ ନେଇ ଜୟପୁର ଟାଉନ ପୋଲିସ ୨୫/୨୫ ଓ ୨୬ /୨୫ ରେ ୨ଟି ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରାଥମିକ ତଦନ୍ତରୁ ୨ ଜଣ ଆତ୍ମହତ୍ୟା କରିଥିବା ଜଣାପଡ଼ିଥିବା କୋରାପୁଟ ଏସ୍‌ପି ରୋହିତ ବର୍ମା ସୂଚନା ଦେଇଛନ୍ତି। ସାଇଣ୍ଟିଫିକ୍ ଟିମ୍ ଏବେ ଘଟଣାର ତଦନ୍ତ କରୁଥିବା ସେ କହିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ବିକ୍ଷୋଭ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ୍ ଛକ, ସମୟ: ମଧ୍ୟାହ୍ନ ୧୨ଟା।
- ରାଜ୍ୟସ୍ତରୀୟ ସପ୍ତାହବ୍ୟାପୀ ଶ୍ରୀମଦ ଭାଗବତ ମହୋତ୍ସବ –୨୦୨୫, ସ୍ଥାନ: ଶ୍ରୀ ରାଧାକୃଷ୍ଣ ମନ୍ଦିର ପରିସର, ପ୍ରେସ କଲୋନୀ, ସମୟ: ଅପରାହ୍ନ ୪ଟା।
- ହିନ୍ଦୁସ୍ତାନୀ ସଙ୍ଗୀତ ସଭା ପକ୍ଷରୁ ୧୩ତମ ବାର୍ଷିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଭାଗବତ ସପ୍ତାହ ପାଳନ, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର, ପାଣିଟାଙ୍କି ପାଖ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- କଟକର ଭାଇଚାରା ପାଇଁ ଦିବସବ୍ୟାପୀ ପ୍ରାୟଶ୍ଚିତ ଓ ସଂକଳ୍ପ ସତ୍ୟାଗ୍ରହ, ସ୍ଥାନ: ଗାନ୍ଧୀ ଭବନ, ବାଖରାବାଦ, ସମୟ: ସକାଳ ୯ଟା।
- ଜିଲା ପ୍ରଶାସନ ପକ୍ଷରୁ କଟକ ନାଟ୍ୟୋତ୍ସବର ଉଦ୍‌ଘାଟନୀ ସମାରୋହ, ସ୍ଥାନ: ସେଭେନ୍ ପିଲର୍ସ ଅଫ୍ ୱିଜଡମ ପ୍ରେକ୍ଷାଳୟ, ରେଭେନ୍ସା ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ପୁରୀ
- ବ୍ଲକ ସ୍ତରୀୟ କବାଡ଼ି ପ୍ରତିଯୋଗିତା, ସ୍ଥାନ: ସତ୍ୟବାଦୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର
- ବିଶାଳ ରକ୍ତଦାନ ଶିବିର, ସ୍ଥାନ: ଜିଲା ରକ୍ତଭଣ୍ଡାର, ବାଲେଶ୍ୱର, ସମୟ: ସକାଳ ୯ଟା।
- ନୀଳଗିରି ବିଧାନସଭା ନିର୍ବାଚନମଣ୍ଡଳୀ ବିକାଶ କମିଟି ବୈଠକ, ସ୍ଥାନ: ବ୍ଲକ ସମ୍ମିଳନୀ ଗୃହ, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।
- ବିଶାଳ ରକ୍ତଦାନ ଶିବିର, ସ୍ଥାନ: ନନ୍ଦୁର ପଞ୍ଚାୟତ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟି ବୈଠକ, ସ୍ଥାନ: ବାଘାଯତୀନ ମାର୍କେଟ୍ କମ୍ପ୍ଲେକ୍ସ, ଶିଳ୍ପାଞ୍ଚଳ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।

## ଭଦ୍ରକ
- ମା କାଳିନ୍ଦ୍ରୀ ଟ୍ରକ୍ ମାଲିକ ସଂଘର ୨ୟ ଦିନ ଧାରଣା, ସ୍ଥାନ: ଭାଗଡ଼ା ନାରାୟଣପୁର ଟୋଲ ଗେଟ୍, ଭଣ୍ଡାରିପୋଖରୀ, ସମୟ: ସକାଳ ୭ଟା।
- ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଶା ନିବାରଣ ସଚେତନତା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କେନ୍ଦୁଝର
- ବିଶ୍ୱ ଖାଦ୍ୟ ଦିବସ ପାଳନ, ସ୍ଥାନ: ପଞ୍ଚାୟତ ସମିତି, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୧ ଟା।

## ମୟୂରଭଞ୍ଜ
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଥମ ଦିବସ, ସ୍ଥାନ: ପଥରଚାଟିଆ, ରାସଗୋବିନ୍ଦପୁର, ସମୟ:ରାତି ୮ଟା।

## ବ୍ରହ୍ମପୁର
- ଜିଲା ବିଜେଡି ପକ୍ଷରୁ ଦୀପଦାନ, ସ୍ଥାନ: ବୁଢ଼ୀ ଠାକୁରାଣୀ ପୀଠ, ସମୟ: ସକାଳ ୭ଟା।
- ବିକ୍ଷିତ ଭାରତ କାର୍ଯ୍ୟକ୍ରମ, ସ୍ଥାନ: ମେଡିକାଲ କ୍ୟାମ୍ପସ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରଭୁ ମଞ୍ଜୁଳ ମିଳନ ସ୍ତମ୍ଭ ଉଦ୍‌ଘାଟନ, ସ୍ଥାନ: ରାମଚନ୍ଦ୍ରପୁର, ସମୟ: ପୂର୍ବାହ୍ନ ୧୧ଟା।।

## ଗଞ୍ଜାମ
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଆସିକା ତାଲୁକା ଛକ ଏନଏସି କଲ୍ୟାଣ ମଣ୍ଡପ, ସମୟ: ସକାଳ ୮ଟା।
- ୬୯ ତମ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଖୋ ଖୋ ଚାମ୍ପିୟାନଶିପ, ସ୍ଥାନ: ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିଅମ, ସମୟ: ଅପରାହ୍ନ ୩ ଟା।

## କନ୍ଧମାଳ
- ଆକାଂକ୍ଷୀ ଜିଲା କାର୍ଯ୍ୟକ୍ରମ ଉପରେ ସମୀକ୍ଷା, ସ୍ଥାନ: ଫୁଲବାଣୀ ସଦ୍‌ଭାବନା ସଭାଗୃହ, ସମୟ: ଅପରାହ୍ନ ୪ଟା।

## ଢେଙ୍କାନାଳ
- ଓଡିଶା କୃଷକ ସଭାର ଜିଲା ସମ୍ମିଳନୀ, ସ୍ଥାନ: ଲେଖକ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ଓରତ, ମହାକାଳପଡା, ସମୟ:ପୂର୍ବାହ୍ନ ୧୦ଟା ।

## ଯାଜପୁର
- ବାକି ପଡିଥିବା ଗୁରୁତ୍ୱପୂର୍ଣ୍ଣ ବିଷୟ ଏବଂ ପ୍ରକଳ୍ପ ସଂକ୍ରାନ୍ତରେ ଆଲୋଚନା, ସ୍ଥାନ : ପ୍ଲାନିଂ ଡେପୁଟି ଡାଇରେକ୍ଟରଙ୍କ କାର୍ଯ୍ୟାଳୟ, ସମୟ : ସନ୍ଧ୍ୟା ୬ଟା୩୦।

## ନୟାଗଡ଼
- ସତ୍ୟସାଇ ବାବାଙ୍କ ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ:କଦଳୀବସ୍ତ, ସାଲୁଣି, ଚୁଡାଖିଆ, ଖେଡବାରଣା, ଚଣ୍ଡୀପ୍ରସାଦ,ଡାଳିଆପଡା ଓ ଗୁଣ୍ଡୁଣି, ସମୟ: ସକାଳ ୮ଟାରୁ ରାତି ୯ଟା ୩୦ ।
- ଜଗନ୍ନାଥ ମନ୍ଦିରରେ ଭାଗବତ ମହାପୁରାଣ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞରେ ପୂର୍ଣ୍ଣାହୂତି, ସ୍ଥାନ: ନୟାଗଡ ପୁରୁଣା ସହର, ସମୟ: ଅପରାହ୍ନ ୪ଟା ।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ସପ୍ତମ ଦିବସରେ ରାମ ଭରତ ମିଳନ,ଦଣ୍ଡକାରଣ୍ୟ ଲୀଳା, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ସମ୍ମୁଖ, ସମୟ: ସଂଧ୍ୟା ୭ଟା।

## ରାୟଗଡ଼ା
- ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମ ଦିବସ ପାଳନ ଓ ରୋଗୀଙ୍କୁ ଫଳ ବଣ୍ଟନ, ସ୍ଥାନ: ଗାନ୍ଧୀ ପାର୍କ ଓ ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ସକାଳ ୮ଟା।

## ନବରଙ୍ଗପୁର
- ୬୯ ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବ୍ୟାଡମିଣ୍ଟନ ଓ ସିପାକ୍ ଟାକ୍ରୋ ପ୍ରତିଯୋଗିତା, ସ୍ଥାନ: ଉମରକୋଟ, ସମୟ: ସକାଳ ୯ଟା।
- ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ 'ସୁରଭି', ସ୍ଥାନ: ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡ଼ାସ୍ଥିତ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ପାଇଁ ଗ୍ରାମ ପଞ୍ଚାୟତର ଭୂମିକା ଉପରେ ତାଲିମ୍, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ଡିଏଭିଏସ୍ ପକ୍ଷରୁ ପୁସ୍ତକ ମେଳା, ସ୍ଥାନ: ହାଲ କଲ୍ୟାଣ ମଣ୍ଡପ, ସୁନାବେଡ଼ା, ସମୟ: ପୂର୍ବାହ୍ନ ୧୦ ଟା।
- ଆଇସିଏଆର୍ ପକ୍ଷରୁ କୃଷି ସମ୍ବନ୍ଧରେ ସଚେତନତା ସହ କୃଷି ଉପକରଣ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ପଦ୍ମପୁର ପଞ୍ଚାୟତ, ଚୌଉଗାଁ,ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ ପରିସର, ସମୟ : ସକାଳ ୬ଟା।
- ଓଡ଼ିଶା ରାଜ୍ୟ ସହକାର ନୀତି–୨୫ ଶୀର୍ଷକ ଆଞ୍ଚଳିକ କର୍ମଶାଳା, ସ୍ଥାନ : ରିଭର ଇନ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ୧୦ଟା।
- ସାଇ ଶିକ୍ଷା ପରିଷଦ ଆୟୋଜିତ ସମ୍ବଲପୁର ଲିଟିଲ ମିସ–୨୦୨୫ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- ମାତା ଭଗବତୀ ଦେବୀ ଏବଂ ଅଖଣ୍ଡ ଦୀପ ଜନ୍ମ ଶତାବ୍ଦୀ ବର୍ଷ ଉପଲକ୍ଷେ ରଥ ପରିକ୍ରମା କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁର ଗାୟତ୍ରୀ ପୀଠ, ସମୟ : ପୂର୍ବାହ୍ନ ୧୧ଟା ।
- ନବରତ୍ନ ସାଂସ୍କୃତିକ ଅନୁଷ୍ଠାନ ପ୍ରସ୍ତୁତ ଶ୍ରୀରମ ଅଯୋଦ୍ଧା ଫିରୁଛନ ସମ୍ବଲପୁରୀ ନାଟକର ଅନ୍ତିମ ପ୍ରସ୍ତୁତି, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ସନ୍ଧ୍ୟା ୭ଟା ।

## ବଲାଙ୍ଗୀର
- ଲନ୍ ବଲ ପ୍ରଶିକ୍ଷଣ ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦ ।

## ରାଉରକେଲା
- ଛଟ୍ ପୂଜା ଲାଗି ଘାଟ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ଝିରପାଣି, ସମୟ: ପୂର୍ବାହ୍ନ ୧୦ଟା।
- ତାନିଷ୍କର ନୂତନ ଶୋ'ରୁମ ଉଦ୍‌ଘାଟନ, ସ୍ଥାନ: ଉଦିତନଗର, ସମୟ: ଅପରାହ୍ନ ୧ଟା।
- ପୋଷ୍ଟାଲ ସଂଘ ପକ୍ଷରୁ ସାମୂହିକ ବିକ୍ଷୋଭ, ସ୍ଥାନ: ସେକ୍ଟର–୨୧, ରାଉରକେଲା ଡିଭିଜନ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା ୩୦।

## ବରଗଡ଼
- ସୁପ୍ରିୟା ସ୍ମାରକୀ ଫୁଟବଲ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ: ଅପରାହ୍ନ ୨ଟା।

## କଳାହାଣ୍ଡି
- ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଉପରେ ଆଲୋଚନାଚକ୍ର, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ଯୋଜନା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ଜୁନାଗଡ଼ ବ୍ଲକ ଚିଚିଗୁଡା, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ରକ୍ତ ଦାନ ଶିବିର, ସ୍ଥାନ: ଦେବଗଡ଼ ଲାଲୁ ସାହିସ୍ଥିତ ବିଜେଡି କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ କ୍ରୀଡ଼ା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ସହର ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ପ୍ରଧାନପାଟ ଶିରିଡ଼ି ସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ପିଏମ୍ ବିଶ୍ୱକର୍ମା ଯୋଜନା ସମ୍ପର୍କରେ କର୍ମଶାଳା, ସ୍ଥାନ: ସୁବର୍ଣ୍ଣପୁର ମୁନ୍ ହୋଟେଲ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ସହିଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ପଣ୍ଡିଆପାଲି,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଅଭିନନ୍ଦନ ଟ୍ରଷ୍ଟ ପକ୍ଷରୁ ରାଜ୍ୟସ୍ତରୀୟ ଦିନିକିଆ କର୍ମଶାଳା, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗ୍ରାମ୍ୟ ପରିଚାଳନା କମିଟି ବୈଠକ, ସ୍ଥାନ: ଅମରପାଲି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା
- ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ା ଗସ୍ତ, ସ୍ଥାନ: ଖରିଆର ରୋଡ୍ ଏଫ୍‌ସିଆଇ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଦ୍ୱିଜା ନକ୍ଷତ୍ରର ପୁରାତନ ରୋଗପୀଡ଼ା, ପୂର୍ବ ଶତ୍ରୁତା, ପିଲାଙ୍କୁ ନେଇ ଚିନ୍ତିତ ରହିବେ। ଭାଇ, ପଡ଼ୋଶୀ କିମ୍ବା ସମ୍ପର୍କୀୟ ବିରୋଧାତ୍ମକ କଥା କହିପାରନ୍ତି। ଠିକ୍ ସମୟରେ ପ୍ରତିଟି ସମସ୍ୟାକୁ ସୁଧାରି ନେବାରେ ପ୍ରଯତ୍ନ କରିବେ। ପରିବହନ, ବ୍ୟବସାୟିକ ସ୍ଥିତି, କର୍ମକ୍ଷେତ୍ର ପ୍ରାୟତଃ ହାଲୁକା ରହିବ ଓ ଲାଭବାନ୍ ମଧ୍ୟ ହେବେ।

**ବୃଷ** — ଦୀର୍ଘଦିନ ହେଲା ଯେମିତି, ଯାହା ଚାହୁଁଛନ୍ତି ତାହା ନିଶ୍ଚିତ ପାଇବେ। ଆଲୋଚନାରେ ତର୍କ ଓ ବିବାଦୀୟ କଥା, ପିଲାଙ୍କ ସମସ୍ୟା ନେଇ ବ୍ୟସ୍ତତା ବଢିପାରେ। ପରିବହନ କ୍ଷେତ୍ରରେ ସମସ୍ୟା, କର୍ମପରିସର ମଧ୍ୟରେ କଚ୍ଛପଗତି ହେତୁ ଚିନ୍ତା କରିପାରନ୍ତି। ରୋହିଣୀ ନକ୍ଷତ୍ରର ପାରିବାରିକ ସମସ୍ୟା ସମାଧାନରେ ସଫଳ ହେବେ।

**ମିଥୁନ** — ଘରେ, ବାହାରେ ସବୁଠି ଆଦର, ସ୍ନେହ ପାଇବେ। ଫେରି ଯାଇଥିବା ବନ୍ଧୁଟି ପୁଣି ଲେଉଟି ଆସିବେ ଏଣୁ ମନରେ ସରସତା ରହିବ ନାହିଁ। ବାକି ଥିବା ଲୋକଟିଙ୍କୁ ବକେୟା ମାଗିବା କାରଣରୁ ପରିସ୍ଥିତି ଉତ୍ତେଜନା ମୂଳକ ହୋଇପାରେ। ପୁନର୍ବସୁର ଛାତି କିମ୍ବା ବେକରେ, ଆଣ୍ଠୁ କିମ୍ବା ଗଣ୍ଠିରେ ଯନ୍ତ୍ରଣା ଅନୁଭବ କରିପାରନ୍ତି।

**କର୍କଟ** — ବନ୍ଧୁମାନଙ୍କର ବେଖାତିର ମନୋଭାବ ହେତୁ ଟିକିଏ ଟିକିଏ କଥାରେ ରାଗିବେ। ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବେ। ପୁରୁଣା ସମସ୍ୟାଗୁଡିକ ତୁଟି ଯାଇଥିଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ। ଅଶ୍ଳେଷା ନକ୍ଷତ୍ରର ପୁରୁଣା ଘର, ଗାଡ଼ି, ମୋଟର ମରାମତି କରିବା ପାଇଁ ମନସ୍ଥ କରିବେ।

**ସିଂହ** — ସକାଳୁ ବନ୍ଧୁଙ୍କ ସାକ୍ଷାତ୍ ଓ ସହଯୋଗରୁ ଉପକୃତ ହୋଇପାରନ୍ତି। ମଘା ନକ୍ଷତ୍ରର ବିବାହ ପ୍ରସ୍ତାବ ନେଇ ଜଣେ ବ୍ୟକ୍ତି ହଠାତ୍ ଆସିବେ। ହଜି ଯାଇଥିବା ଟଙ୍କା କୌଣସି ଅଲଗା ସ୍ଥାନରେ ରଖି ଚିନ୍ତିତ ଓ ବିରକ୍ତ ହୋଇ ପାରନ୍ତି। ପାରିବାରିକ କ୍ଷେତ୍ର କ୍ରମଶଃ ସୁଧୁରିଯିବ ଯାହା ଫଳରେ ଛୋଟ କଥାରେ କଳହ ଭିତରକୁ ଟାଣି ହୋଇପାରନ୍ତି।

**କନ୍ୟା** — ଆକସ୍ମିକ ଭାବରେ ନିଜ ଲୋକମାନେ ଶତ୍ରୁତା ଆଚରଣ କରିପାରନ୍ତି। ଚିତ୍ରା ନକ୍ଷତ୍ର କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିବ। ସ୍ୱର୍ଣ୍ଣକାତର କଥାରେ ଚିହ୍ନା ପଡ଼ନ୍ତୁ ନାହିଁ, ଯାହାକି ସମସ୍ୟାକୁ ଦ୍ୱିଗୁଣିତ କରିବାରେ ସହାୟକ ହେବ। ପାରସ୍ପରିକ ମତଭେଦ କାରଣରୁ ପାରିବାରିକ ଅଶାନ୍ତି ଲାଗି ରହିବ।

**ତୁଳା** — କାମଗୁଡ଼ିକ ସୁବିଧାରେ ନ ହେବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଗାଡ଼ିକିଣିବା ପାଇଁ ମନ ବଳାଇଛନ୍ତି କିନ୍ତୁ ଆଉ କେତେଦିନ ଅପେକ୍ଷା କରନ୍ତୁ। ଅତି ଭଲ ସମ୍ପର୍କ ରହିଥିବା ବନ୍ଧୁଟି କ୍ରମଶଃ ଦୂରେଇ ଯିବ। ବିଶାଖା ନକ୍ଷତ୍ର ବ୍ୟକ୍ତିମାନଙ୍କ ସକାଶେ ଆଜିର ଦିନଟି ବହୁତ ଶୁଭ ହେବ।

**ବିଛା** — ଗୁରୁତ୍ୱପୂର୍ଣ୍ଣ କାମଟିକୁ ହେଳା କରି ମରୀଚିକା ପଛରେ ଦୌଡ଼ି ପାରନ୍ତି। କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିବ। ସାମୟିକ ଭାବରେ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଅନୁରାଧା ନକ୍ଷତ୍ର ସକାଶେ ଅଡୁଆ ପରିସ୍ଥିତି ସୃଷ୍ଟି ହେବ।

**ଧନୁ** — ବନ୍ଧୁମାନଙ୍କ ସହ ଆଲୋଚନା କିମ୍ବା ସଭାସମିତିରେ ଶେଷ ସମୟରେ ଅର୍ଥ ସମ୍ପର୍କିତ ଟଣା ଓଟରା ଲାଗିପାରେ। ଉତ୍ତରାଷାଢ଼ା ନକ୍ଷତ୍ର ମନଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଆବେଗକୁ ସହକର୍ମୀଟି ବୁଝିପାରିବ ନାହିଁ। ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ ମାତ୍ର ମଧ୍ୟାହ୍ନରେ ଟେନ୍‌ସନ ଦୂର ହେବ।

**ମକର** — ଆଜି ଅର୍ଥ ଲାଭ ଓ ବନ୍ଧୁମିଳନରୁ ମନ ଖୁସି ରହିବ। ଅପରାହ୍ନେ ବନ୍ଧୁଙ୍କ ଆଗମନ ଯୋଗୁ ମଉଜ ମଜଲିସ୍‌ରେ ସମୟ ଅତିବାହିତ କରିବେ। ଶ୍ରବଣା ନକ୍ଷତ୍ର ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇ ପାରେ। ଅନିଶ୍ଚିତତା ମଧ୍ୟରେ ଗତି କରି ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ।

**କୁମ୍ଭ** — ନିଜର ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ପାରିବାରିକ ଅବସ୍ଥାରେ ବିଶେଷ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। କାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ଧନିଷ୍ଠା ନକ୍ଷତ୍ର ସକାଶେ ସ୍ୱାସ୍ଥ୍ୟ ସମସ୍ୟା ଗୁରୁତର ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ଉତ୍ତରଭାଦ୍ରପଦ ନକ୍ଷତ୍ର କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଭଲ ସମ୍ପର୍କ ନ ଥିବା ଗୁପ୍ତ ଶତ୍ରୁ କେହି ଅସୁବିଧାରେ ପକାଇପାରନ୍ତି।

ଆଜି ଅକ୍ଟୋବର ୧୬ ତାରିଖ, ବିଶ୍ୱ ଖାଦ୍ୟ ଦିବସ, କାର୍ତ୍ତିକ କୃଷ୍ଣ ଦଶମୀ ଯୁକ୍ତ ଏକାଦଶୀ ଗୁରୁବାର। ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶିନକ୍ଷତ୍ର ଦିବା ଘ.୧୨.୪୩ ଗତେ ମଘା/ସିଂହ, ଏକାଦଶୀରେ ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୪୫ ଗତେ ଘ.୦୭.୧୭ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୧୨.୫୮ ଗତେ ଘ.୦୨.୨୫ ମଧ୍ୟେ ରାହୁ କାଳ।

## ସବ୍‌ସିଡି ପାଇଥିବା ...
ୟୁନିଟ୍‌ର ଯାଞ୍ଚ କରାଯାଇଥିଲା। ହେଲେ ଏଥିମଧ୍ୟରୁ ୨୯୦୯ଟି ବୃହତ୍ ୟୁନିଟ୍‌ର କୌଣସି ପତ୍ତା ମିଳୁନାହିଁ। ବୈଠକର ସୂଚନା ଅନୁଯାୟୀ, ମାଲକାନଗିରି ଓ ବରଗଡ଼ ଜିଲାରେ ପିଏମ୍‌ଇଜିପି ଠିକଣା ଭାବେ କାର୍ଯ୍ୟକାରୀ ହେଉଛି। ଏହି ଦୁଇ ଜିଲାରେ ପ୍ରାୟ ୯୦ପ୍ରତିଶତ ୟୁନିଟ୍ ଭଲ ପ୍ରଦର୍ଶନ କରୁଛନ୍ତି। ସରକାରୀ ରିହାତି ପାଇ ଉଦ୍ୟୋଗକୁ ଠିକଣା ଭାବେ କାର୍ଯ୍ୟକାରୀ କରୁଛନ୍ତି। ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କୁ ରୋଜଗାର ଯୋଗାଇ ଦେଉଛନ୍ତି। ମାତ୍ର ଯାଜପୁର, ମୟୂରଭଞ୍ଜ, ଝାରସୁଗୁଡ଼ା ଭଳି ଜିଲାରେ ପିଏମ୍‌ଇଜିପି କାର୍ଯ୍ୟକାରିତାରେ ପଛରେ ରହିଛି। ଏହି ଜିଲାଗୁଡ଼ିକରେ ୫୦ପ୍ରତିଶତ ୟୁନିଟ୍ ମଧ୍ୟ ଠିକଣା ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ବୈଠକରେ କେଭିଆଇସି ପକ୍ଷରୁ ଅବଗତ କରାଯାଇଥିଲା ଯେ, ଇତିମଧ୍ୟରେ ସରକାରୀ ରିହାତି ବାବଦ ୫୩.୧୪ କୋଟି ଟଙ୍କା ୧୯୮୧ଟି ୟୁନିଟ୍‌କୁ ଯୋଗାଇ ଦିଆଯାଇଛି। ଚଳିତବର୍ଷ ରାଜ୍ୟରେ ପିଏମ୍‌ଇଜିପିରେ ୫ ହଜାର ପ୍ରକଳ୍ପ ସୃଷ୍ଟି କରିବାକୁ ଲକ୍ଷ୍ୟ ରହିଛି। ଏଥିପାଇଁ ୧୮୬ କୋଟି ଟଙ୍କାର ରିହାତି ଦେବାକୁ ବୈଠକରେ ସ୍ଥିର ହୋଇଛି।

## ଢଗଢମାଳି
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଇଟିମିଟି କଣା ନ ଥାଏ ଠିକଣା**
**ଟେରା କଣା ବଡ଼ ମନ୍ଦରେ**
**ଯହିଁ ଥାଏ ଏକ–ଆଖିଆ କଣା**
**ନିଇତି ଲଗାଏ ଦ୍ୱନ୍ଦ୍ୱରେ ।**

ଟେରା ଏବଂ କଣା ବ୍ୟକ୍ତି ଅତି ଖରାପ ବୋଲି ସମାଜରେ ସୂଚିତ ହୋଇଥାନ୍ତି। ଏକ ଆଖିଆ କଣା ବ୍ୟକ୍ତି ମଧ୍ୟ ଅତ୍ୟନ୍ତ ଦ୍ୱନ୍ଦ୍ୱମୁଖର ହୋଇଥିବା ନେଇ ଲୋକବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଇଏ କି ବିଧିର ଲୀଳା–ଖେଳା**
**କୁଆ ବେକରେ ତୁଳସୀ ମାଳା !**

କୁଅଭ୍ୟାସରେ ପରିପୂର୍ଣ୍ଣ ଥିବା ବ୍ୟକ୍ତି ନିଜକୁ ସଚ୍ଚୋଟ ବୋଲି ଦେଖେଇ ହେବା ସହ ଅନ୍ୟ ଆଗରେ ନିଜର ଗୁଣଗାନ କରିବାରେ ସିଦ୍ଧହସ୍ତ ହୋଇଥାନ୍ତି। ଏଭଳି ବ୍ୟକ୍ତିଙ୍କ ଉପର ଚିକ୍କଣ ରୂପ ପ୍ରତି ଏଠାରେ ବ୍ୟଙ୍ଗୋକ୍ତି ଭାବ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ଅହମଦାବାଦ୍‌ରେ ...
ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ସାଧାରଣ ପରିଷଦ ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଆୟୋଜନ ଅଧିକାର ଲାଗି ଚାଲିଥିବା ଦୌଡ଼ରେ ଭାରତ ସହିତ ନାଇଜେରିଆ ପ୍ରତିଦ୍ୱନ୍ଦ୍ୱିତା କରୁଛି। କିନ୍ତୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆଫ୍ରିକୀୟ ଦେଶର ଆୟୋଜନ ଅଭିଳାଷକୁ ପୂରଣ କରିବା ପାଇଁ ଏକ ଷ୍ଟ୍ରାଟେଜି ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନେଇଛି। ଉଲ୍ଲେଖଯୋଗ୍ୟ, ଭାରତ ଅନ୍ତିମ ତଥା ପ୍ରଥମଥର ୨୦୧୦ ସଂସ୍କରଣ ନୂଆଦିଲ୍ଲୀରେ ଆୟୋଜନ କରିଥିଲା। ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଇଭାଲୁଏଶନ କମିଟି ଦ୍ୱାରା ଏକ ମୂଲ୍ୟାଙ୍କନ ପ୍ରକ୍ରିୟା ପରେ ଏହି ସୁପାରିସ୍ କରାଯାଇଛି। ଏହି କମିଟି ପ୍ରସ୍ତାବିତ ସହରର ଟେକ୍‌ନିକାଲ, ଆଥ୍‌ଲେଟ୍‌ଙ୍କ ଅଭିଜ୍ଞତା, ଭିତ୍ତିଭୂମି, ପ୍ରଶାସନ ଆଦିର ମୂଲ୍ୟାଙ୍କନ କରିଥାଏ। ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଅନ୍ତରୀଣ ସଭାପତି ଡ. ଡୋନାଲ୍ଡ ରୁକାରେ କହିଛନ୍ତି, ଏଭାଲୁଏଶନ କମିଟି ପକ୍ଷରୁ ଦାଖଲ କରାଯାଇଥିବା ତଥ୍ୟକୁ ଦୃଷ୍ଟିରେ ରଖି ଆମର ସଦସ୍ୟଙ୍କୁ ଅହମଦାବାଦ୍ ସହର ସୁପାରିସ୍ କରୁଛୁ। ଆମେ ଏବେ ଗ୍ଲାସ୍‌ଗୋରେ ବସିବାକୁ ଥିବା ବୈଠକକୁ ଅପେକ୍ଷା କରିଛୁ, ସେଠାରେ ଆମ ସଦସ୍ୟମାନେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ଏ ସମ୍ପର୍କରେ ଭାରତୀୟ ଅଲିମ୍ପିକ୍ ମହାସଂଘ(ଆଇଓଏ) ସଭାପତି ପି ଟି ଉଷା କହିଛନ୍ତି ଯେ, ଏହି କ୍ରୀଡ଼ା ମହାକୁମ୍ଭ ଭାରତର ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଓ ଏହାର ଦକ୍ଷତା ସହିତ ବିକଶିତ ଭାରତ ୨୦୪୭ ଅଭିମୁଖେ ଭାରତର ଯାତ୍ରାକୁ ପ୍ରଦର୍ଶିତ କରିବ। ଆମେ ୨୦୩୦ ଇଭେଣ୍ଟକୁ ଏକ ଶ୍ରେଷ୍ଠ ସୁଯୋଗ ଭାବେ ଦେଖୁଛୁ, ଯଦ୍ୱାରା ଆମେ ଆମ ଯୁବପିଢ଼ିଙ୍କୁ ପ୍ରେରଣା ଦେବା ସହିତ ଆମର ଅନ୍ତର୍ଜାତୀୟ ଭାଗୀଦାରିତାକୁ ସୁଦୃଢ଼ କରିପାରିବୁ।

## ୮୫ତମ ସ୍ଥାନକୁ ...
ବିଶ୍ୱର ସବୁଠୁ ଶକ୍ତିଶାଳୀ ପାସ୍‌ପୋର୍ଟ ଭାବେ ଗ୍ରହଣୟ ହୋଇଥିବା ଆମେରିକା ପାସ୍‌ପୋର୍ଟ ଚଳିତବର୍ଷ ଦ୍ୱାଦଶ ସ୍ଥାନକୁ ଖସିଆସିଛି। ୧୯୩ ଦେଶକୁ ନେଇ କରାଯାଇଥିବା ଏହି ସର୍ବେକ୍ଷଣରେ ସିଙ୍ଗାପୁର, ଦକ୍ଷିଣ କୋରିଆ ଓ ଜାପାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି। ବୈଶ୍ୱିକ ଯାତ୍ରା କ୍ଷେତ୍ରରେ ଏସିଆର କ୍ରମବର୍ଦ୍ଧିଷ୍ଣୁ ଆଧିପତ୍ୟକୁ ଏହା ଦର୍ଶାଉଛି। ଜର୍ମାନୀ, ଇଟାଲୀ, ସ୍ପେନ୍ ଓ ସୁଇଜରଲାଣ୍ଡ କ୍ରମାଗତ ଭାବେ ଶୀର୍ଷ ୧୦ ପାସ୍‌ପୋର୍ଟ ମଧ୍ୟରେ ସ୍ଥାନ ପାଇଛନ୍ତି।

ଭାରତୀୟ ପାସ୍‌ପୋର୍ଟର ର୍‍ୟାଙ୍କ ୨୦୦୬ରେ ୭୧ତମ ସ୍ଥାନରେ ଥିବାବେଳେ ୨୦୨୧ରେ ୯୦ତମ ସ୍ଥାନକୁ ଖସିଆସିଥିଲା। ୨୦୨୪ରେ ଏହା ୮୦ତମ ସ୍ଥାନରେ ରହିଥିଲା। ବର୍ତ୍ତମାନ ଭାରତୀୟମାନେ ଭୁଟାନ୍, ଇଣ୍ଡୋନେସିଆ, ମରିସସ୍, ନେପାଳ, ତ୍ରିନିଦାଦ ଓ ଟୋବାଗୋ ସମେତ ୧୨ ଦେଶକୁ ଭିଜାମୁକ୍ତ ପ୍ରବେଶ କରିପାରୁଛନ୍ତି। ଏହାବାଦ୍ ୨୭ଟି ଦେଶରେ ପହଞ୍ଚିବା ମାତ୍ରେ ସେମାନଙ୍କୁ ସେଠାକାର ଭିଜା ମିଳିପାରୁଛି। ଭାରତୀୟଙ୍କ ଅନ୍ୟ ଲୋକପ୍ରିୟ ଗନ୍ତବ୍ୟ ଦେଶ ମଧ୍ୟରେ ଶ୍ରୀଲଙ୍କା, ମାଳଦ୍ୱୀପ, ଜୋର୍ଡାନ୍ ଓ କାତାର ରହିଛି। ବଲିଭିଆ, କାମ୍ବୋଡିଆ, ଇଥିଓପିଆ, ମାଡାଗାସ୍କାର, ମଙ୍ଗୋଲିଆ, ମୋଜାମ୍ବିକ୍, ମ୍ୟାନ୍‌ମାର, ସାମୋଆ, ତାଞ୍ଜାନିଆ ଓ ତିମୋର–ଲେଷ୍ଟେକୁ ମଧ୍ୟ ଭାରତୀୟ ପାସ୍‌ପୋର୍ଟ ବଳରେ ସୁଗମ ଯାତ୍ରା ସମ୍ଭବ। ତେଣୁ ପାସ୍‌ପୋର୍ଟ ମୋବିଲିଟି (ଗତିଶୀଳତା)କୁ ହେନ୍‌ଲେ ମଧ୍ୟମ ବର୍ଗରେ ସ୍ଥାନିତ କରିଛି। ଏହି କ୍ଷେତ୍ରରେ ପାକିସ୍ତାନ ୧୦୩ତମ ସ୍ଥାନରେ ରହିଛି। ପାକିସ୍ତାନୀ ପାସ୍‌ପୋର୍ଟଧାରୀ ବର୍ତ୍ତମାନ ୩୧ ରାଷ୍ଟ୍ରକୁ ଭିଜାମୁକ୍ତ ଯାତ୍ରା କରିପାରୁଛନ୍ତି। ବାଂଲାଦେଶୀ ପାସ୍‌ପୋର୍ଟ ବଳରେ ୩୮ ଦେଶକୁ ଭିଜାମୁକ୍ତ ଯାତ୍ରା ସହ ଏହା ୧୦୦ତମ ସ୍ଥାନରେ ରହିଛି। ନେପାଳୀ ପାସ୍‌ପୋର୍ଟ ବଳରେ ୩୬ ଦେଶକୁ ଭିଜାମୁକ୍ତ ଯାତ୍ରା ସମ୍ଭବ ଥିବାରୁ ଏହାକୁ ୧୦୧ତମ ସ୍ଥାନ ମିଳିଛି। ସେହିପରି ଭୁଟାନ୍ ନାଗରିକ ୫୦ ଦେଶକୁ ଭିଜାମୁକ୍ତ ଯାତ୍ରା କରିପାରୁଛନ୍ତି। ତେଣୁ ଏହାର ପାସ୍‌ପୋର୍ଟକୁ ୯୨ତମ ସ୍ଥାନରେ ରଖାଯାଇଛି।

ଆମେରିକା ପାସ୍‌ପୋର୍ଟକୁ ଗୋଟିଏ ସମୟରେ ସବୁଠୁ ଶକ୍ତିଶାଳୀ ମନେକରାଯାଉଥିଲା। କିନ୍ତୁ ଭିଜାମୁକ୍ତ ଯାତ୍ରାରେ ଅସନ୍ତୁଳନ ହେତୁ ବର୍ତ୍ତମାନ ୧୮୦ ଦେଶକୁ ପ୍ରବେଶ ସମ୍ଭବ। ତେବେ କେବଳ ୪୬ ଦେଶର ଲୋକେ ଆମେରିକାକୁ ଭିଜାମୁକ୍ତ ଯାତ୍ରା କରିପାରିବେ। ଏହି ଅସନ୍ତୁଳିତ ସ୍ଥିତି ଯୋଗୁ ଆମେରିକା ଦ୍ୱାଦଶ ସ୍ଥାନକୁ ଖସିଆସିଛି। ଅନ୍ୟପକ୍ଷେ ମାତ୍ର ୨୪ ଦେଶକୁ ଭିଜାମୁକ୍ତ ଯାତ୍ରା ଅନୁମତି ଥିବା ଆଫ୍‌ଗାନିସ୍ତାନ ଉକ୍ତ ତାଲିକାର ସବୁଠୁ ତଳେ ରହିଛି। ଆଫ୍‌ଗାନ ପାସ୍‌ପୋର୍ଟର ସାମାନ୍ୟ ଉପରେ ସିରିଆ(୨୬ ଦେଶ) ଓ ଇରାକ୍(୨୯ ଦେଶ) ରହିଛନ୍ତି।

## ଭାଜପାରୁ ଜୟ,...
ବିଜେଡି ଢୋଲକିଆଙ୍କ ପରିବାରରୁ ପ୍ରାର୍ଥୀ ଦେବ ବୋଲି ପ୍ରଥମେ ଭାବିଥିଲା। ହେଲେ ପରବର୍ତ୍ତୀ ସମୟରେ ଜୟ ଭାଜପାରେ ଯୋଗଦେଇଥିଲେ। ଏହାପରେ ବିଜେଡି କାହାକୁ ପ୍ରାର୍ଥୀ କରିବ ତାହାକୁ ନେଇ ନାନା ଆଲୋଚନା ଲାଗି ରହିଥିଲା। କେତେଜଣ ସ୍ଥାନୀୟ ନେତାଙ୍କ ନାଁକୁ ନେଇ ଦଳ ପ୍ରାର୍ଥୀ କରିବା କଥା ଚିନ୍ତା କରୁଥିବା ଶୁଣାଯାଉଥିଲା। ହେଲେ ସବୁ କଳ୍ପନାଜଳ୍ପନାରେ ପୂର୍ଣ୍ଣଚ୍ଛେଦ ପକାଇ ନବୀନ ଦଳର ରାଜ୍ୟ ମହିଳା ସଭାପତିଙ୍କ ଉପରେ ଭରସା କରିଛନ୍ତି। ବରଗଡ଼ ଜିଲାର ଅତାବିରା ବିଧାନସଭା ଆସନରୁ ୨୦୨୪ରେ ନିର୍ବାଚନ ଲଢ଼ି ସ୍ନେହାଙ୍ଗିନୀ ପରାଜିତ ହୋଇଥିଲେ। ସ୍ନେହାଙ୍ଗିନୀଙ୍କ ପ୍ରାର୍ଥୀତ୍ୱ ଘୋଷଣା ସମୟରେ ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଛନ୍ତି, ସ୍ନେହାଙ୍ଗିନୀ ଛୁରିଆ ପଶ୍ଚିମ ଓଡ଼ିଶାର ଜଣେ ଟାଣୁଆ ନେତ୍ରୀ, ଯିଏ ବିଗତ ଦିନରେ ବିଜେଡି ସରକାରରେ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଛନ୍ତି। ଦଳର ବହୁ ପଦପଦବୀରେ ରହି ଅନେକ ଗୁରୁତ୍ୱ ପ୍ରସଙ୍ଗ ଉଠାଇଛନ୍ତି। ସେ ଦଳର ସମ୍ପତ୍ତି। ଜଣେ ମହିଳା ନେତ୍ରୀ। ସେ ରାଜ୍ୟର ଲୋକମାନଙ୍କ ପାଇଁ ବହୁ କାମ କରିଛନ୍ତି। ବିଶେଷକରି ଗରିବ ଏବଂ ମହିଳାମାନଙ୍କ ପାଇଁ ସେ ବହୁ ଭଲ କାର୍ଯ୍ୟ କରିଛନ୍ତି। ଉପନିର୍ବାଚନ ସମୟରେ ନୂଆପଡ଼ାକୁ ପ୍ରଚାରରେ ଯିବେ ବୋଲି ନବୀନ କହିଛନ୍ତି। ସୂଚନାଯୋଗ୍ୟ, ଜୟ ଭାଜପାରେ ଯୋଗଦେବା ପରେ ବିଜେଡିର ବହୁ ବରିଷ୍ଠ ନେତା ଦଳର ସଭାପତିଙ୍କ ନିର୍ଦ୍ଦେଶକ୍ରମେ ନୂଆପଡ଼ା ଗସ୍ତ କରିଥିଲେ। ସେଠାରେ ଦଳର ନେତା ଓ କର୍ମୀମାନଙ୍କ ସହ ଏକାଧିକ ବୈଠକ କରିବା ପରେ ସମସ୍ତେ ମଙ୍ଗଳବାର ରାତି ସୁଦ୍ଧା ଫେରି ଆସିଥିଲେ। ଏହାପରେ ବୁଧବାର ନବୀନ ନିବାସରେ ୨ଥରରୁ ଅଧିକ ବୈଠକ ବସିଥିଲା। ଶେଷରେ ସ୍ନେହାଙ୍ଗିନୀଙ୍କ ନାଁ ଘୋଷଣା କରାଯାଇଥିଲା। ମହିଳା ଏବଂ ଆଦିବାସୀ କାର୍ଡ ବିଜେଡି ଖେଳିଥିବା କୁହାଯାଉଛି। ଆସନ୍ତା ୧୯ରେ ବିଜେଡି ପ୍ରାର୍ଥୀ ତାଙ୍କ ନାମାଙ୍କନପତ୍ର ଦାଖଲ କରିବେ ବୋଲି ଜଣାପଡ଼ିଛି।

ଅନ୍ୟପଟେ ଜୟ ଢୋଲକିଆ ଗୁରୁବାର ତାଙ୍କ ନାମାଙ୍କନପତ୍ର ଦାଖଲ କରିବେ। ସକାଳ ୧୦.୩୦ରେ ନୂଆପଡ଼ାସ୍ଥିତ 'ଗୋତମା' ଏୟାରଷ୍ଟ୍ରିପ୍‌ଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହେବ। ଏଥିରେ ବିଜେଡି ଓ କଂଗ୍ରେସର ଶତାଧିକ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ମେମ୍ବରଙ୍କ ସମେତ ପୂର୍ବତନ ଜନପ୍ରତିନିଧି ଏବଂ ସମର୍ଥକମାନେ ସାମିଲହେବେ। ଏହାପରେ ଏକ ବିଶାଳ ଶୋଭାଯାତ୍ରାରେ ଢୋଲକିଆ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନାମାଙ୍କନପତ୍ର ଦାଖଲକରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ, ମନ୍ତ୍ରିମଣ୍ଡଳର ସଦସ୍ୟବୃନ୍ଦ, ସାଂସଦ ଓ ବିଧାୟକ ଏବଂ ଦଳୀୟ ପଦାଧିକାରୀ ଓ ନେତୃବୃନ୍ଦ ଉପସ୍ଥିତ ରହିବେ ବୋଲି ମୁଖପାତ୍ର ସୁଦୀପ୍ତ ରାୟ ସୂଚନା ଦେଇଛନ୍ତି।

## ଭାରତର ବାଣିଜ୍ୟିକ ...
ଆଲୋଚନା ଚାଲିଛି। ଆଲୋଚନା ଆଗକୁ ବଢ଼ାଇବା ପାଇଁ ଭାରତର ଏକ ପ୍ରତିନିଧି ଦଳ ୱାଶିଂଟନ୍ ଗସ୍ତରେ ରହିଛି। ରପ୍ତାନିକାରୀମାନେ ଟାରିଫ୍ ଚ୍ୟାଲେଞ୍ଜକୁ ସାମ୍ନା କରି ଯୋଗାଣ ଶୃଙ୍ଖଳ ବଜାୟ ରଖିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଆମେରିକାକୁ କରାଯାଉଥିବା ପ୍ରାୟ ୫୫% ଭାରତୀୟ ରପ୍ତାନି ଆମେରିକୀୟ ଟାରିଫ୍ ଯୋଗୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ପ୍ରଭାବିତ ହୋଇଛି। ସେପ୍ଟେମ୍ବର ପରଠାରୁ ଏହି ଶୁଳ୍କର ପ୍ରଭାବ ଅନୁଭୂତ ହେବ। ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଭାରତର ସାମଗ୍ରୀ ରପ୍ତାନି ପୂର୍ବବର୍ଷର ୨୧୩.୬୮ ବିଲିୟନ୍ ଡଲାରରୁ ୨୨୦.୧୨ ବିଲିୟନ୍ ଡଲାରକୁ ବୃଦ୍ଧି ପାଇଛି। କିନ୍ତୁ ଏହି ଅବଧିରେ ଆମଦାନୀ ୩୫୮.୮୫ ବିଲିୟନ୍ ଡଲାରରୁ ୩୭୫.୧୧ ବିଲିୟନ୍ ଡଲାରକୁ ବୃଦ୍ଧି ପାଇଥିବାରୁ ବାଣିଜ୍ୟିକ ନିଅଣ୍ଟର ବ୍ୟବଧାନ ବଢ଼ିଥିବା କୁହାଯାଉଛି। ଗତ ମାସରେ ସୁନା ଆମଦାନୀ ୯.୬ ବିଲିୟନ୍ ଡଲାରକୁ ବୃଦ୍ଧି ପାଇଥିଲା, ଯାହାକି ଅଗଷ୍ଟରେ ୫.୪ ବିଲିୟନ୍ ଡଲାର ରହିଥିଲା। ସେହିପରି ତୈଳ ଆମଦାନୀ ପୂର୍ବମାସରେ ୧୩.୨ ବିଲିୟନ୍ ଡଲାର ଥିବାବେଳେ ସେପ୍ଟେମ୍ବରରେ ୧୪ ବିଲିୟନ୍ ଡଲାରକୁ ବୃଦ୍ଧି ପାଇଥିଲା। ବାଣିଜ୍ୟିକ ନିଅଣ୍ଟ ବୃଦ୍ଧି ପାଇବାରେ ଲାଗିଥିବାରୁ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୮୯ ଟଙ୍କାର ନିକଟତର ହୋଇଛି।

**ରାଶନକାର୍ଡ ହିତାଧିକାରୀଙ୍କୁ ମିଳିପାରେ ଅଧିକ ୫ କେଜି ଚାଉଳ: ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର(ସୁନିତ୍ ମିଶ୍ର): ରାଶନକାର୍ଡ ହିତାଧିକାରୀଙ୍କ ପାଇଁ ଖୁସି ଖବର। ହିତାଧିକାରୀଙ୍କୁ ମୁଣ୍ଡ ପିଛା ବଢ଼ିପାରେ ଚାଉଳ ପରିମାଣ। ୫ କେଲୋ ଜାଗାରେ ଅଧିକ ଆଉ ୫ କିଲୋ ଚାଉଳ ଦେବାକୁ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ରାଶନକାର୍ଡରେ ଥିବା ପ୍ରାୟ ୩ କୋଟି ୨୫ ଲକ୍ଷ ହିତାଧିକାରୀଙ୍କୁ ଏହି ଅଧିକ ଚାଉଳ ମିଳିବ। ଏନେଇ ଖୁବଶୀଘ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଷ୍ପତ୍ତି ନେବେ। ଅନେକ ଗରିବ ହିତାଧିକାରୀଙ୍କୁ ୫ କିଲୋ ଚାଉଳ ପର୍ଯ୍ୟାପ୍ତ ହେଉ ନ ଥିବାରୁ ଏନେଇ ସରକାର ଚିନ୍ତା କରୁଥିବା ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ଏବେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଫାଇଲ ପଠାଯିବ। ମୁଖ୍ୟମନ୍ତ୍ରୀ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ସେ ସୂଚନା ଦେଇଛନ୍ତି।

## ବହୁଚର୍ଚ୍ଚିତ ଏସ୍ଆଇ ପରୀକ୍ଷା ଜାଲିଆତି

# ୩୦୦ ପଦବୀ ପାଇଁ ଡିଲ୍ ଚର୍ଚ୍ଚା

### ୧୮୬ଜଣ ଆଶାୟୀ ଟ୍ରେନ୍‌ରେ ଯାଇଥିଲେ

ଭୁବନେଶ୍ୱର,୧୫।୧୦
(ସତ୍ୟଜିତ ରାଉତ)

ବହୁଚର୍ଚ୍ଚିତ ପୋଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତ କରୁଥିବାବେଳେ ଦିନକୁଦିନ ନୂଆ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ଏହି ଜାଲିଆତିରେ ୩୦୦ ଏସ୍ଆଇ ପଦବୀ ଡିଲ୍ ହୋଇଥିଲା ବୋଲି ବିଶ୍ୱସ୍ତସୂତ୍ରରୁ ସୂଚନା ମିଳିଛି। ଦୁଇ ଜଣ ମଧ୍ୟସ୍ଥ ଓ ୧୧୪ ପରୀକ୍ଷାର୍ଥୀ ବସ୍‌ରେ ଯାଉଥିବାବେଳେ ବ୍ରହ୍ମପୁର ପୋଲିସ ଦ୍ୱାରା ଗିରଫ ହୋଇଥିଲେ। ତେବେ ପ୍ରଶ୍ନପତ୍ର ପାଇବାକୁ ଟ୍ରେନ୍‌ରେ ମଧ ଅନ୍ୟ ୧୮୬ଜଣ ଆଶାୟୀ ସମାନ ସ୍ଥାନକୁ ମଧ୍ୟସ୍ଥଙ୍କ ଜରିଆରେ ଯାଉଥିଲେ ବୋଲି କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। ଏପରିକି ପରୀକ୍ଷାର୍ଥୀମାନଙ୍କ ଅସଲ ସାର୍ଟିଫିକେଟ ମଧ୍ୟସ୍ଥଙ୍କ ପାଖରେ ରହିଯାଇଥିବା ଜଣାପଡ଼ିଛି। ଏପଟେ ୧୧୪ ଜଣ ଗିରଫ ହେବା ଖବର ପଦାକୁ ଆସିବା ପରେ ଅନ୍ୟ ୧୮୬ ଜଣ ଆଶାୟୀ ଫେରାର ହୋଇଯାଇଥିଲେ। ସେମାନେ କିଏ କିଏ ଥିଲେ ସେନେଇ କ୍ରାଇମବ୍ରାଞ୍ଚ ତଥ୍ୟ ହାସଲ କରିବାରେ ଲାଗିପଡ଼ିଛି ବୋଲି ଜଣେ କର୍ମଚାରୀ ନାମ ଗୋପନ ରଖିବା ସର୍ତ୍ତରେ ସୂଚନା ଦେଇଛନ୍ତି।

### ହାଇକୋର୍ଟରେ ଫେରାର ଶଙ୍କରଙ୍କ ସମେତ ୫ଜଣଙ୍କ ଆଗୁଆ ଜାମିନ ଆବେଦନ

କଟକ,୧୫।୧୦(କାର୍ତ୍ତିକ ସାହୁ)

ପୋଲିସ ସବ୍‌ଇନ୍ସପେକ୍ଟର (ଏସ୍ଆଇ) ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାରେ ଫେରାର ଶଙ୍କର ପୃଷ୍ଟିଙ୍କ ସମେତ ୫ଜଣ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ଶଙ୍କରଙ୍କ ଆବେଦନକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରିଛନ୍ତି। ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ମାମଲାରେ ଶଙ୍କରଙ୍କ ଆବେଦନ ଗତ ୮ ତାରିଖରେ ଦାଏର ହୋଇଥିଲା। ତେବେ ୨ ଦିନ ପରେ ଅର୍ଥାତ୍ ୧୦ ତାରିଖରେ ଆବେଦନ ଆଧାରରେ ମାମଲା ରୁଜୁ ହୋଇଛି। ହେଲେ ହାଇକୋର୍ଟରେ ମାମଲା ଶୁଣାଣି ପାଇଁ ତାଲିକାଭୁକ୍ତ ହୋଇ ନ ଥିବା ଜଣାଯାଇଛି।

ସୂଚନାଯୋଗ୍ୟ ଯେ, ପୋଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାରେ ପ୍ରଥମେ ୧୧୭ଜଣଙ୍କୁ ଗୋଳନ୍ଥରା ଥାନା ପୋଲିସ ଗିରଫ କରିଥିଲା। ସେମାନଙ୍କ ମଧ୍ୟରେ ୧୧୪ ନିଯୁକ୍ତି ଆଶାୟୀ ଥିବା ବେଳେ ୩ଜଣ ଦଲାଲ ରହିଥିଲେ। ପରେ ମାମଲା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଛି। ପରବର୍ତ୍ତୀ ସମୟରେ କ୍ରାଇମବ୍ରାଞ୍ଚ ଆଉ ୨ଜଣ ଦଲାଲଙ୍କୁ ଗିରଫ କରିବା ପରେ ଗିରଫଦାରି ସଂଖ୍ୟା ୧୧୯ରେ ପହଞ୍ଚିଛି। ହେଲେ ମଧ୍ୟସ୍ଥ ସାଜିଥିବା ଆଉ ୨ ଅଭିଯୁକ୍ତ ମୁନା ମହାନ୍ତି ଓ ଶଙ୍କର ପୃଷ୍ଟି ଅଦ୍ୟାବଧି ଫେରାର ଅଛନ୍ତି। କ୍ରାଇମବ୍ରାଞ୍ଚ ସମସ୍ତ ପ୍ରକାର ଚେଷ୍ଟା କରିବା ସତ୍ତ୍ୱେ ବି ୨ ଅଭିଯୁକ୍ତଙ୍କୁ ଖୋଜି ପାଇବାରେ ବିଫଳ ହୋଇଛି। ଏପରି କି ପ୍ରାୟ ୭ ରାଜ୍ୟରେ ତନାଘନା କରିବା ପରେ ବି ରାଜ୍ୟ ବାହାରେ ଦୁହିଁଙ୍କୁ ପାଇପାରିନାହିଁ କ୍ରାଇମବ୍ରାଞ୍ଚ। କ୍ରାଇମବ୍ରାଞ୍ଚ ବିଶେଷ ସୂତ୍ରରୁ ଜାଣିବାକୁ ପାଇଛି, ଅଭିଯୁକ୍ତ ଦ୍ୱୟ ଦେଶ ଛାଡ଼ି ପଳାଇ ଯାଇପାରନ୍ତି। ଫଳରେ ଅଭିଯୁକ୍ତ ଦୁହିଁଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ଲୁକ୍ ଆଉଟ୍ ସର୍କୁଲାର ସୋମବାର ଜାରି କରିଛି। ଏହାଦ୍ୱାରା ସେମାନଙ୍କ ଗତିବିଧି ଉପରେ ନଜର ରଖାଯିବ। ସେମାନେ ଦେଶ ଛାଡ଼ି ବାହାରକୁ ଯାଇପାରିବେ ନାହିଁ। ସେଭଳି କୌଣସି ପରିସ୍ଥିତି ଉପୁଜିଲେ ଆଇନ ଅନୁସାରେ ପଦକ୍ଷେପ ନିଆଯିବ। ଅପରପକ୍ଷରେ କ୍ରାଇମବ୍ରାଞ୍ଚ ଅଦ୍ୟାବଧି ମଧ୍ୟସ୍ଥ ସାଜିଥିବା ୨ ଫେରାର ଅଭିଯୁକ୍ତଙ୍କ ସମେତ ମୋଟ ୮ଜଣ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ଅଚଳ କରିଛି। ସେଥିରେ ଥିବା ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାକୁ ମଧ ଜବତ କରାଯାଇଛି। ମାତ୍ର ଏଯାବତ୍ ଏ ସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚ ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ସୂଚନା ମିଳିପାରିନାହିଁ।

ଅପରପକ୍ଷରେ ଏହି ଘଟଣାରେ ମାଷ୍ଟରମାଇଣ୍ଡ (ମୁଖ୍ୟ ଅଭିଯୁକ୍ତ) କୁହାଯାଉଥିବା ପଞ୍ଚସଫ୍ଟ ସଂସ୍ଥା ମାଲିକ ଶଙ୍କର ପୃଷ୍ଟି ଫେରାର ହୋଇଯାଇଥିବାବେଳେ କ୍ରାଇମବ୍ରାଞ୍ଚ ପକ୍ଷରୁ ଏକାଧିକ ଟିମ୍ ତାଙ୍କୁ ଧରିବାକୁ ଖୋଜାଖୋଜି ଚଳାଇଛନ୍ତି। ତେବେ ଶଙ୍କର ତାଙ୍କ ପତ୍ନୀ ଦିପ୍ତୀମୟୀ ସାହୁଙ୍କୁ ଧରି ଦୁବାଇ ଫେରାର ହୋଇଯାଇଥିବା ଶୁଣିବାକୁ ମିଳୁଛି। ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ(ଓପିଆର୍‌ବି) ଦ୍ୱାରା ପରିଚାଳିତ ହେବାକୁ ଥିବା ଏହି ପରୀକ୍ଷାକୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସଂସ୍ଥା ଆଇଟିଆଇକୁ ଦିଆଯାଇଥିଲା। ଆଇଟିଆଇ ଏହାକୁ ସିଲିକନ୍ ଟେକ୍‌ଲାବ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ସବ୍ କଣ୍ଟ୍ରାକ୍ଟ ଦେଇଥିଲା। ସିଲିକନ୍ ଏହି କାମକୁ ପଞ୍ଚସଫ୍ଟକୁ ଦେଇଥିଲା। ଏନେଇ ଓପିଆର୍‌ବି ଅବଗତ ଥିଲା ବୋଲି ଜଣାପଡିଛି। ତେଣୁ ଏଥିରେ ଓପିଆର୍‌ବିର କେଉଁ ଅଧିକାରୀଙ୍କ ସମ୍ପୃକ୍ତି ରହିଛି, ତାକୁ ନେଇ ଏବେ ସନ୍ଦେହ ବଢ଼ିବାରେ ଲାଗିଥିବାବେଳେ କ୍ରାଇମବ୍ରାଞ୍ଚ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରିବ କି ନାହିଁ ଚର୍ଚ୍ଚା ହେଉଛି।

# ୧୮ରୁ ଖୋଲିବ ଶିମିଳିପାଳ

ବାରିପଦା,୧୫।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବିଶ୍ୱ ପରିଚିତ ମୟୂରଭଞ୍ଜ ଜିଲାର ଶିମିଳିପାଳ ଜାତୀୟ ଉଦ୍ୟାନ ଅକ୍ଟୋବର ୧୮ରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବାକୁ ଯାଉଛି। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନିଙ୍କ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି।




ସବୁଜ ବନାନୀରେ ଭରପୂର ଶିମିଳିପାଳ ଜାତୀୟ ଉଦ୍ୟାନର ପ୍ରାକୃତିକ ସୌନ୍ଦର୍ଯ୍ୟ ଅନନ୍ୟ। ମହାବଳ ବାଘ, କଳାବାଘ, ଏସୀୟ ହାତୀ ଓ ଗୟଳ ପରି ବିଭିନ୍ନ ପ୍ରଜାତିର ପ୍ରାଣୀଙ୍କୁ ଅତି ନିକଟରୁ ଦେଖିବା ପାଇଁ ଏଠାରେ ସୁଯୋଗ ମିଳିଥାଏ। ଶିମିଳିପାଳ ଅଭୟାରଣ୍ୟର କୋର୍ ଅଞ୍ଚଳରେ ବିଗତ ବର୍ଷ ପରି ଚଳିତବର୍ଷ ମଧ ସଫାରି ବ୍ୟବସ୍ଥା ପ୍ରଚଳନ କରାଯାଇଛି। କାଳିଆଣି ତନଖି ଫାଟକ (ଯଶୀପୁର) ପଟୁ ୩୫ ଚାରି ଚକିଆ ଯାନ ଓ ପିଠାବଟା (ବାରିପଦା) ତନଖି ଫାଟକ ଦେଇ ୨୫ ଗାଡ଼ିକୁ ମିଶାଇ ମୋଟ ୬୦ଟି ଗାଡ଼ି ଦୈନିକ ଜଙ୍ଗଲ ଭିତରକୁ ପ୍ରବେଶ କରିବ ବୋଲି ସ୍ଥିରୀକୃତ ହୋଇଛି। ସେହିପରି ଏଥର ତାଳବନ୍ଧ, ଜାମୁଆଣି ଓ ଗୁଡୁଗୁଡ଼ିଆଠାରୁ ସକାଳ ୫ଟା୩୦ ଓ ଅପରାହ୍ନ ୩ଟାରେ ୩୫ଟି ଖୋଲା ଜିପ୍ ବା ସଫାରି ଗାଡ଼ିରେ ୫ଘଣ୍ଟା ଲେଖାଏ ବୁଲିବାର ପର୍ଯ୍ୟଟକମାନେ ମଜା ନେଇପାରିବେ। ଉକ୍ତ ୨ ତନଖି ଫାଟକରେ ପ୍ରବେଶ ଅନୁମତି ପତ୍ର ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ବୁକିଂ କାଉଣ୍ଟରରେ ଉପଲବ୍ଧ ରହିବ। ପ୍ରତି ପର୍ଯ୍ୟଟକଙ୍କ ପିଛା ପ୍ରବେଶ ଶୁଳ୍କ ଧାର୍ଯ୍ୟ କରାଯାଇଛି। ଅଭୟାରଣ୍ୟକୁ ସ୍ୱଚ୍ଛ ରଖିବା ପାଇଁ ପର୍ଯ୍ୟଟକମାନେ ଭିତରକୁ ପ୍ରବେଶ ସମୟରେ ନିଜ ସାଥିରେ ପ୍ଲାଷ୍ଟିକ୍ ସାମଗ୍ରୀ, ମାଦକଦ୍ରବ୍ୟ, ଆମିଷ ଓ ଅଗ୍ନି ସଂଯୋଗକାରୀ ସାମଗ୍ରୀ ଆଦି ନେବା ଉପରେ କଟକଣା ଜାରି କରାଯାଇଛି। ଶିମିଳିପାଳରେ ଥିବା ଯାତ୍ରୀନିବାସଗୁଡ଼ିକରେ ରାତ୍ରିଯାପନ ପାଇଁ ପର୍ଯ୍ୟଟକମାନେ (www.ecotourism.com) ୱେବ୍‌ସାଇଟ୍‌ରେ ଅଗ୍ରିମ ବୁକିଂ କରିପାରିବେ ବୋଲି କୁହାଯାଇଛି।

# ଜଳିଗଲା ୪ ମହଲା ଷ୍ଟେଶନେରି ମଲ୍

## କୋଟି କୋଟି ଟଙ୍କାର ସାମଗ୍ରୀ ନଷ୍ଟ

ବାଲେଶ୍ୱର,୧୫।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଟାଉନ ଥାନା ଅଧୀନ ସିନେମା ଛକ ନିକଟରେ ଥିବା ଏକ ୪ ମହଲା ବିଶିଷ୍ଟ ବନଜା ଷ୍ଟେଶନେରି ମଲ୍‌ରେ ବୁଧବାର ଭୋର୍ ସମୟରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ କୋଟି କୋଟି ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ନିଆଁ ଏପରି ଭୟାବହ ଥିଲା ଯେ, ଅଗ୍ନିଶମ ବିଭାଗ ୮ ଘଣ୍ଟା ଧରି ଉଦ୍ୟମ କରିବା ପରେ ପରିସ୍ଥିତି ଆୟତ୍ତ ହୋଇଥିଲା। ବିଦ୍ୟୁତ୍ ସର୍ଟସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।



ବାଲେଶ୍ୱର ସହରର ପଦ୍ମାବତୀ ସେନାପତି ଓ ଧନଞ୍ଜୟ ସେନାପତିଙ୍କ ନାମରେ ରହିଛି ଏହି ଷ୍ଟେଶନେରି ମଲ୍। ରାତି ପ୍ରାୟ ୩ଟା ୩୦ମିନିଟ୍‌ରେ କୋଠାରେ ନିଆଁ ଲାଗିଥିଲା। ପଡ଼ୋଶୀ ଲୋକେ ନିଆଁ ଲାଗିଥିବା ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବାଲେଶ୍ୱର ଦମକଳ କେନ୍ଦ୍ରରୁ ୪ଟି ଓ ରେମୁଣାରୁ ଗୋଟିଏ ଦମକଳ ଗାଡ଼ି ପହଞ୍ଚିଥିଲା। ନିଆଁ ଲିଭାଇବା ପାଇଁ ୩ଜଣ ଅଫିସର ଓ ୨୨ଜଣ କର୍ମଚାରୀ ନିୟୋଜିତ ଥିଲେ। ସ୍ଥାନୀୟ ପୋଖରୀରୁ ମଧ ୨ଟି ପମ୍ପସେଟ୍‌ରୁ ପାଣି ଅଣାଯାଇଥିଲା। ନିଆଁର ପ୍ରକୋପ ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଥିଲେ। ତେବେ ଅଗ୍ନିଶମ ବିଭାଗ ପକ୍ଷରୁ ଅତ୍ୟାଧୁନିକ ଯନ୍ତ୍ରପାତି ଓ ଜ୍ଞାନକୌଶଳ ବ୍ୟବହାର କରି ୮ଘଣ୍ଟା ପରେ ନିଆଁ ଲିଭାଇବାକୁ ସମର୍ଥ ହୋଇଥିଲେ। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

# ଦୃଷ୍ଟିବାଧିତଙ୍କ ପାଇଁ ପ୍ରତିଷ୍ଠା ହେବ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର,୧୫।୧୦(ସୁଚିସ୍ମିତା ସାହୁ)

ଧଳା ବାଡି ଦୃଷ୍ଟିବାଧିତ ବ୍ୟକ୍ତିଙ୍କୁ ସମାଜରେ ଆତ୍ମନିର୍ଭରଶୀଳ କରିପାରିଛି। ଜଣେ ଦୃଷ୍ଟିବାଧିତ ଯେପରି ସମାନତାର ଅଧିକାର ପାଇପାରିବ ଓ ସାଧାରଣ ଲୋକଙ୍କ ପରି କାମ କରିପାରିବ, ସେଥିପାଇଁ ଧଳାବାଡି ସେମାନଙ୍କ ଆତ୍ମବିଶ୍ୱାସକୁ ଜାଗ୍ରତ କରିଥାଏ। ତେବେ ରାଜ୍ୟ ସରକାର ଦୃଷ୍ଟିବାଧିତଙ୍କ ପାଇଁ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ପ୍ରୟାସ କରୁଛନ୍ତି ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ନିର୍ଦ୍ଦେଶିକା ପାରୁଲ ପଟାୱରୀ କହିଛନ୍ତି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ବୁଧବାର ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ଏସ୍ଆଇଏସ୍ଇଆର୍)ଠାରେ ରାଜ୍ୟସ୍ତରୀୟ ବିଶ୍ୱ ଧଳାବାଡି ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଟାୱରୀ ଏକ ଅନ୍ତର୍ଭୁକ୍ତିକରଣ ସମାଜ ଗଠନରେ ଧଳାବାଡି ଦିବସର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ଯୁଗଳ କିଶୋର ପ୍ରଧାନ ଏବଂ ଭୀମ ଭୋଇ ଦୃଷ୍ଟିହୀନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ତାପସ କୁମାର ମହାନ୍ତି ଯୋଗଦେଇ ଧଳାବାଡି ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ନିର୍ଦ୍ଦେଶିକା ପଟାୱରୀ ଧଳାବାଡି ଦିବସ ସଚେତନତା ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିସହ ସେ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ଧଳାବାଡି ବିତରଣ କରିବା ସହ ସେମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ରଜନୀ ଜାନୀ, ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ, ଭାସ୍କର ରଇତ, ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ ଲାନୋ, ଉନ୍ନୟନ ଅଧିକାରୀ ସେଖ ଇକ୍ବାଲ ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ। ଲୁଇ ବ୍ରେଲ୍ ଦୃଷ୍ଟିବାଧିତ ବିଦ୍ୟାଳୟର ଦୃଷ୍ଟିବାଧିତ ଶିକ୍ଷାର୍ଥୀମାନେ ଡ୍ରମ, ତୁରୀ, ଖଞ୍ଜି ଓ ଝୁମୁକା ଆଦି ବଦ୍ୟଯନ୍ତ୍ର ପରିବେଷଣ କରିଥିଲେ।







ଜୀବନର ଧାରାଠାରୁ ଆଧ୍ୟାତ୍ମିକତାକୁ ଗୋଟାଏ ବିଚ୍ଛିନ୍ନ ପୃଥକ୍ ବସ୍ତୁ ମନେ କରିବା ଭୁଲ। ଈଶୋପନିଷଦ କହେ- ସବୁ ତ୍ୟାଗ କର। ତେବେ ସବୁ ଭୋଗ କରିପାରିବ। ଅନ୍ୟ କାହାରି ବିତ୍ତକୁ ଲୋଭ କରନାହିଁ। ଜଗତରେ ତୁମର କର୍ତ୍ତବ୍ୟ କର୍ମ କରି ହିଁ - ତୁମେ ତୁମର ଶତବର୍ଷର ଜୀବନ ଯାପନ କରିବାକୁ ବାଞ୍ଛା କରିପାରିବ। **-ଶ୍ରୀଅରବିନ୍ଦ**

# କାଞ୍ଚିର ଅଶ୍ୱାରୋହୀ



ଦେବଦତ୍ତ ପଟ୍ଟନାୟକ

କାଞ୍ଚିର ବରଦରାଜ ପେରୁମଲ ମନ୍ଦିର (କିମ୍ବା କାଞ୍ଚିପୁରମ୍)ରେ ଗୋଟିଏ ଅଜବ ଅଶ୍ୱାରୋହୀଙ୍କ ମୂର୍ତ୍ତି ରହିଛି। ଗୋଟିଏପଟୁ ଏହା ଦକ୍ଷିଣ ଭାରତର ନାୟକ ରାଜା ଭଳି ଦେଖାଯାଏ ଏବଂ ଅନ୍ୟପାଖରୁ ଟ୍ରାଉଜର ଓ ଟ୍ୟୁନିକ ପରିଧାନ କରିଥିବା ଜଣେ ବିଦେଶୀଙ୍କ ଭଳି ଲାଗେ। ସେ ଜଣେ ବିଦେଶୀ ମନ୍ଦିରରକ୍ଷକ ନା ଜଣେ ପର୍ତ୍ତୁଗୀଜ୍ କିମ୍ବା ତୁର୍କୀର ସୈନିକ। ଅଶ୍ୱାରୋହୀମାନେ ତାମିଲନାଡୁରେ ରବୁତାନ ଭାବେ ଜଣାଶୁଣା, ଯାହା ରାଜପୁତଙ୍କ ଶବ୍ଦ ଯଥା ରାଓ୍ୱତ ଓ ରାଉତରୁ ଆସିଛି। ପଥର ଉପରେ ଖୋଦେଇ ହୋଇଥିବା ଏଭଳି ରକ୍ଷକ ମୂର୍ତ୍ତିଗୁଡ଼ିକ ବିଶେଷକରି ଆର୍କୋଟ ଓ ମହୀଶୂର ଅଞ୍ଚଳର ମନ୍ଦିରଗୁଡ଼ିକରେ ଦେଖିବାକୁ ମିଳେ। ଏଥିରୁ ସମ୍ଭବତଃ 'ହର୍ସ ଡ୍ୟାନ୍ସ ବା ଘୋଡ଼ାନାଚ' ସାମ୍ନାକୁ ଆସିଛି, ଯାହା 'ପୋଇକ୍କଲ କୁଥିରାଇ ଅଟ୍ଟମ' ଭାବେ ଜଣାଶୁଣା। ଏହା ସହ ଟେରାକୋଟା ଘୋଡ଼ା ମୂର୍ତ୍ତିଗୁଡ଼ିକ ସ୍ଥାନୀୟ ଅଞ୍ଚଳର ଦେବୀ ଆୟାନାରଙ୍କୁ ସନ୍ତୁଷ୍ଟ କରିବାକୁ କରାଯାଇଛି।

ସପ୍ତଦଶ ଶତାବ୍ଦୀରେ ନାୟକ ବଂଶର ରାଜାମାନେ କରିଥିବା ପଥର ଖୋଦେଇ କଳାକୃତି ଆମକୁ ସ୍ମରଣ କରାଇଦିଏ ଯେ, ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ କେନ୍ଦ୍ର ଏସିଆ, ପର୍ସିଆ ଏବଂ ଆରବ ଦେଶଗୁଡ଼ିକରୁ ଅତ୍ୟଧିକ ସଂଖ୍ୟକ ଘୋଡ଼ା ଭାରତ ଆମଦାନୀ କରୁଥିଲା। ତୁର୍କୀର ବିଲାୟତି (ବିଦେଶୀ) ଘୋଡ଼ା ଉତ୍ତରାଞ୍ଚଳରେ ଥିବା ମାର୍କେଟଗୁଡ଼ିକରୁ ସ୍ଥଳ ପଥ ଦେଇ ଭାରତକୁ ଆସିଥିଲା। ଉତ୍ତର ଭାରତର ରାଜାମାନେ ଦକ୍ଷିଣର ବିନ୍ଧ୍ୟ ପର୍ବତମାଳା ପାଦଦେଶରେ ଥିବା ଶତ୍ରୁ ରାଜାମାନଙ୍କୁ ଘୋଡ଼ା ଦେବାକୁ ମନା କରୁଥିଲେ। ଏଣୁ ଦକ୍ଷିଣର ରାଜାମାନେ 'ବାହାରି' ଆରବୀୟ ଘୋଡ଼ା ସମୁଦ୍ର ପଥରେ (ଆରବିକ ଶବ୍ଦ 'ବାହା'ର ଅର୍ଥ ସମୁଦ୍ର) ଆମଦାନୀ କରୁଥିଲେ। ୩,୦୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଭାରତକୁ ଘୋଡ଼ା ଆମଦାନୀ ହେଉଥିଲା। ରାଜ୍ୟ ଶାସନ ପାଇଁ ଏସବୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ଏବଂ ସେମାନଙ୍କର ଚାହିଦା ମଧ୍ୟ ରହିଥିଲା। ଏହା ଜଣାଶୁଣା ଯେ, ଆମ ଦେଶରେ ଘୋଡ଼ା ପ୍ରଜନନ କଷ୍ଟକର ଏବଂ ଏଥିରୁ ବୁଝାପଡୁଛି ଯେ, ପ୍ରତିବର୍ଷ ଘୋଡ଼ା ଆମଦାନୀ କରିବା ଆବଶ୍ୟକ ହେଉଥିଲା। ତେବେ ୮୦୦ ବର୍ଷ ପୂର୍ବେ ଗୁଜରାଟ ଓ ରାଜସ୍ଥାନର କେତେକ ଅଞ୍ଚଳରେ ଘୋଡ଼ା ପ୍ରଜନନ ଆରମ୍ଭ ହୋଇଥିଲା। ମଙ୍ଗୋଲୀୟଙ୍କ ଆକ୍ରମଣ ପରେ କେନ୍ଦ୍ର ଏସିଆରୁ ଘୋଡ଼ା ଆମଦାନୀ ବନ୍ଦ ହେବା ପରେ ଦିଲ୍ଲୀର ସୁଲତାନମାନଙ୍କ ଚାହିଦା ପୂରଣ କରିବା ସକାଶେ ଏହା କରାଯାଇଥିଲା। ତେବେ ତୁର୍କୀ ଓ ତାଜିକିସ୍ତାନର ବିଦେଶୀ ଘୋଡ଼ା ତୁଳନାରେ ସ୍ଥାନୀୟ ପ୍ରଜାତିର ଘୋଡ଼ା (ଯଥା ଟାଟୁ) ନିରସ ଥିଲା। ଘୋଡ଼ା ପ୍ରଜନନ କରାଯାଉଥିବା ଅନେକ ଅଞ୍ଚଳ ମଧ୍ୟରେ କାଠିଆୱାଡ଼ା ଥିଲା ଗୋଟିଏ, ଯେଉଁଠି ବିଦେଶୀ ପ୍ରଜାତିର ଘୋଡ଼ା ପ୍ରଜନନ ସଫଳ ହୋଇପାରିଥିଲା।



ଋକ୍‌ବେଦରେ ଘୋଡ଼ା ସମ୍ପର୍କରେ କିଛି ପଂକ୍ତି ରହିଛି, ଯାହା ବିଶ୍ୱରେ ସର୍ବପୁରାତନ। ୨୦୦ ଥର ଘୋଡ଼ା ବିଷୟରେ ସୂଚିତ କରାଯାଇଛି। ଏହା ଦର୍ଶାଉଛି ଯେ, କବିମାନେ ଦୂରଦୂରାନ୍ତ ଦେଶଗୁଡ଼ିକରୁ ଭାରତୀୟ ଉପମହାଦେଶକୁ ଆମଦାନୀ କରାଯାଉଥିବା ଏହି ବିଦେଶୀ ପ୍ରାଣୀଙ୍କ ସମ୍ବନ୍ଧରେ ଭଲ ଭାବେ ଅବଗତ ଥିଲେ। ହରପ୍ପାର ସହରଗୁଡ଼ିକରେ ଘୋଡ଼ା ନ ଥିଲେ, କାରଣ ଏହିସବୁ ସହର ଯେତେବେଳେ ଗଢ଼ି ଉଠିଥିଲା, ସେତେବେଳେ ସେଠାରେ ଘୋଡ଼ା ପାଳନ କରାଯାଉ ନ ଥିଲା। ତାମ୍ରଯୁଗରେ ଇଜିପ୍ଟ, ମେସୋପୋଟାମିଆ, ଚାଇନା କିମ୍ବା ଭାରତର ହରପ୍ପା ସଭ୍ୟତାରେ ଆମେ ଘୋଡ଼ା ଦେଖିବାକୁ ପାଇନାହୁଁ। ତେବେ ଲୌହଯୁଗରେ ଘୋଡ଼ାଟଣା ରଥଗୁଡ଼ିକ ସବୁଠି ଦେଖିବାକୁ ମିଳିଥିଲା, ଯାହା ପୁରାତନ ଇଜିପ୍ଟ, ପୁରାତନ ଗ୍ରୀସ୍ ଏବଂ ଚାଇନାର ସମାଧି ସ୍ଥଳଗୁଡ଼ିକରେ ଥିବା କଳାକୃତିଗୁଡ଼ିକରୁ ସୂଚନା ମିଳେ। ଘୋଡ଼ା ଯେତେବେଳେ ଭାରତକୁ ଆସିଲା, ସେତେବେଳେ ସେମାନଙ୍କ ସମ୍ପର୍କରେ ବୈଦିକ ସ୍ତୋତ୍ରଗୁଡ଼ିକରେ ଉଲ୍ଲେଖ କରାଯାଇଥିଲା।

ଏବେ ଜେନେଟିକ୍ ବା ଆନୁବଂଶିକ ପ୍ରମାଣରୁ ଜଣାପଡ଼େ ଯେ, ଖ୍ରୀଷ୍ଟପୂର୍ବ ୨୦୦୦ରେ କୃଷ୍ଣ ସାଗରର ଉତ୍ତର ଭାଗରେ ଘୋଡ଼ା ପାଳନ କରାଯାଉଥିଲା। ଏମାନଙ୍କ ଆକାର ଅତି ଛୋଟ ଥିଲା ଏବଂ ତା' ଉପରେ ବସି ଯାତାୟାତ କରିବା ସମ୍ଭବ ନ ଥିଲା। ସେମାନେ ମଧ୍ୟ ଓଜନିଆ ଗାଡ଼ି ଟାଣି ପାରୁ ନ ଥିଲେ। ଏଣୁ ଏହା ହାଲୁକା ରଥ ଆବିଷ୍କାର କରିବା ପାଇଁ ବାଟ ଦେଖାଇଲା। ଏହି କ୍ରମରେ ରଥୀ ଓ ସାରଥି ଦୁଇ ଜଣ ବସି ପାରୁଥିବା ହାଲୁକା ସ୍ପୋକ୍‌ଲଗା ଚକଯୁକ୍ତ ରଥ ତିଆରି ହୋଇପାରିଲା। ଏହା ଥିଲା ସେ ସମୟର ସବୁଠୁ ବଡ଼ ମିଲିଟାରୀ ଉଦ୍ଭାବନ। ମହାଭାରତରେ ଏଭଳି ରଥ ସ୍ମରଣୀୟ ହୋଇ ରହିଛି। କୁରୁକ୍ଷେତ୍ରରେ ୪ଟି ଘୋଡ଼ା ଟାଣୁଥିବା ରଥରେ କୃଷ୍ଣ ଓ ଗାଣ୍ଡିବ ଧନୁର୍ଦ୍ଧାରୀ ଅର୍ଜୁନ ବସିଥିବା ଦେଖିବାକୁ ପାଉଛୁ।

ଖ୍ରୀଷ୍ଟପୂର୍ବ ୭୦୦ ପାଖାପାଖି ଘୋଡ଼ା ଟାଣୁଥିବା ରଥାରୋହୀ ଧାରାରେ ପରିବର୍ତ୍ତନ ଆସି ଅଶ୍ୱାରୋହୀ ଟ୍ରେଣ୍ଡ ପ୍ରବେଶ କରିଥିଲା। ପ୍ରାୟ ଖ୍ରୀଷ୍ଟପୂର୍ବ ୩୩୧ରେ ରଥ ଉପରେ ବସି ଯୁଦ୍ଧ କରୁଥିବା ପାରସ୍ୟର ସମ୍ରାଟ୍‌ଙ୍କୁ ଅଶ୍ୱାରୋହୀ ଆଲେକ୍‌ଜାଣ୍ଡର ପରାସ୍ତ କରିବା ପରେ ଅଶ୍ୱାରୋହଣ ସାଧାରଣ ଭାବେ ଗ୍ରହଣୀୟ ହୋଇଗଲା। ଖ୍ରୀଷ୍ଟପୂର୍ବ ୨୦୦ରୁ ଖ୍ରୀଷ୍ଟାବ୍ଦ ୨୦୦ ମଧ୍ୟରେ ଇଣ୍ଡୋ-ଗ୍ରୀକ୍ (ଯବନ), ସାକ-ପଲଭ (ସ୍କିଥିଆନ୍- ପାର୍ଥିଆନ୍) ଏବଂ କୁଶାଣ (ୟୁଜେହି)ମାନେ ଘୋଡ଼ା ବ୍ୟବସାୟକୁ ନିୟନ୍ତ୍ରଣ କରୁଥିଲେ। ମୌର୍ଯ୍ୟ ବଂଶର ରାଜାମାନେ ଘୋଡ଼ା ଆମଦାନୀ କରିବା ସହ ହାତୀ ରପ୍ତାନି କରୁଥିଲେ। ରାଜକୁମାର ସିଦ୍ଧାର୍ଥ ଘୋଡ଼ା ଚଢ଼ି ରାଜପ୍ରାସାଦ ଛାଡ଼ି ଚାଲିଯାଇଥିଲେ। କିନ୍ତୁ ମହାଭାରତ ଓ ରାମାୟଣରେ କୌଣସି ଅଶ୍ୱାରୋହୀ ନାହାନ୍ତି, ଯାହା ସୂଚିତ କରେ ଯେ ଏହି କାବ୍ୟ ହେଉଛି ଅତି ପୁରୁଣା କାହାଣୀଗୁଡ଼ିକର ସମାହାର, ଯଦିଓ ଏହାର ବହୁ ପୂର୍ବରୁ ପ୍ରାଚୀନ ପାଣ୍ଡୁଲିପିଗୁଡ଼ିକ ଲେଖାଯାଇଥିଲା।

ଯଦି କେହି ସାଞ୍ଚି ଓ ଭାରହୁତ ଯାତ୍ରା କରନ୍ତି, ତେବେ ସେଠାକାର ବୌଦ୍ଧ ସ୍ଥଳଗୁଡ଼ିକରେ ପୁରୁଷମାନେ ଘୋଡ଼ା ଚଢୁଥିବାର ମୂର୍ତ୍ତିଗୁଡ଼ିକ ଦେଖିବାକୁ ପାଇବେ। ସେମାନେ ସାଡଲ ଏବଂ ଉଦ୍ଦିଷ୍ଟ ଫୁଟ୍ ଷ୍ଟିରୁପ (ପାଦ ରଖିବା ପାଇଁ ଲୌହ ଫନ୍ଦା) ନ ଥାଇ ଘୋଡ଼ା ଉପରେ ବସି ଯାଉଥିଲେ, ଯାହା ଆମେ ବରଦରାଜ ପେରୁମଲ ମନ୍ଦିରରେ ଥିବା ଅଶ୍ୱାରୋହୀଙ୍କ ମୂର୍ତ୍ତିରେ ଦେଖିବାକୁ ପାଉ। କିନ୍ତୁ ଏହି ଅଶ୍ୱାରୋହୀମାନେ ଟୋ-ଷ୍ଟିରୁପ ବା ଅଙ୍ଗୁଳି ରଖିବା ପାଇଁ ଫନ୍ଦା ବ୍ୟବହାର କରୁଥିଲେ। ଏହା ପରବର୍ତ୍ତୀ ସମୟରେ ଲୌହ ନିର୍ମିତ ଷ୍ଟିରୁପ ଏବଂ କାଠ ତିଆରି ସାଡଲ ଉଦ୍ଭାବନ କରାଯାଇଥିଲା, ଯାହାକୁ ଖ୍ରୀଷ୍ଟାବ୍ଦ ୧୦୦୦ ପରେ ତୁର୍କମାନେ ଭାରତକୁ ଆଣିଥିଲେ।

ବୋଧଗୟା ଭଳି ବୌଦ୍ଧସ୍ଥଳୀରେ ସୂର୍ଯ୍ୟ ଦେବତା ୪ଟି ଘୋଡ଼ା ଟାଣୁଥିବା ରଥରେ ବସିଥିବା ପ୍ରଥମେ ଦେଖିବାକୁ ମିଳିଥିଲା। ଏହା ଗ୍ରୀକ୍‌ର ସୂର୍ଯ୍ୟ ଦେବତାଙ୍କୁ ଅନୁସରଣ କରାଯାଇ ତିଆରି କରାଯାଇଥିଲା। ପୁରୁଣା ବୈଦିକ ଲେଖା (ଖ୍ରୀଷ୍ଟପୂର୍ବ ୧୦୦୦)ରେ ବର୍ଣ୍ଣିତ ୭ଟି ଘୋଡ଼ାଟଣା ରଥରେ ସୂର୍ଯ୍ୟ ଦେବତା ବସିଥିବାର ଛବିଗୁଡ଼ିକ ଥିବାବେଳେ ସେଥିରେ ସେ ବୁଟ୍ ପିନ୍ଧିଥିବା ଦେଖାଯାଏ, ଯାହା କୁଶାଣଙ୍କ ପ୍ରଭାବ (ଖ୍ରୀଷ୍ଟାବ୍ଦ ୨୦୦)କୁ ସୂଚିତ କରେ। ସୂର୍ଯ୍ୟଙ୍କ ପୁତ୍ର ରେବନ୍ତଙ୍କୁ ସବୁବେଳେ ଜଣେ ଅଶ୍ୱାରୋହୀ ରୂପରେ ଦେଖିବାକୁ ମିଳେ, ଯାହାଙ୍କ ସହିତ ଗୋଟିଏ କୁକୁର ଓ ଶିକାରୀ ବାର୍‌ହାମାନେ ରହିଥାଆନ୍ତି। ତାଙ୍କ ମୂର୍ତ୍ତି ଛବିଗୁଡ଼ିକରେ ଲୌହ ଷ୍ଟିରୁପ ନାହିଁ। ଏଥିରୁ ବୁଝାପଡୁଛି ଯେ, ଏହିସବୁ ମୂର୍ତ୍ତିଗୁଡ଼ିକୁ ଖ୍ରୀଷ୍ଟାବ୍ଦ ୧୦୦୦ ପୂର୍ବେ ନିର୍ମାଣ କରାଯାଇଥିଲା। ବରଦରାଜ ପେରୁମଲ ମନ୍ଦିରରେ ମଧ୍ୟ ଲୌହ ଷ୍ଟିରୁପ ଦେଖିବାକୁ ପାଉ। ଏହିଭଳି ଆମେ ଘୋଡ଼ା କଳାର ଭାରତୀୟ ଇତିହାସ ଉପରେ ବିଦେଶୀ ପ୍ରଭାବ ପ୍ରସଙ୍ଗକୁ ପ୍ରକାଶ କରେ, ଯାହାକୁ ପାଠ୍ୟ ପୁସ୍ତକରେ ସ୍ଥାନିତ କରାଯିବା ଦରକାର।

-devduttofficial@gmail.com

# ପୋଷଣ ନିରାପତ୍ତା



ପ୍ର. ଦେବବ୍ରତ ପାଣିଗ୍ରାହୀ

ପ୍ରତିବର୍ଷ ଅକ୍ଟୋବର ୧୬ ତାରିଖକୁ ବିଶ୍ୱ ଖାଦ୍ୟ ଦିବସ ରୂପେ ପାଳନ କରାଯାଏ। ଏହି ଦିବସ ସମଗ୍ର ବିଶ୍ୱ ଏବଂ ସର୍ବୋପରି ଭାରତ ପାଇଁ ଏକ ଆହ୍ୱାନର ଦିନ। ଖାଦ୍ୟ ଉତ୍ପାଦନ ଓ ତା'ର ନିରାପତ୍ତା ଆଜିର ସମସ୍ୟା ନୁହେଁ। କେଉଁ କାଳରୁ ଏ ସମସ୍ୟା ଉଭୟ ପରିମାଣ, ଗୁଣବତ୍ତା ରୂପରେ ରହିଆସିଛି। କିନ୍ତୁ ଏ ଦୁଇଟି ସମସ୍ୟା ବିଷୟରେ ବିଶ୍ୱବାସୀ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଅର୍ଥାତ୍ ୧୯୪୫ରେ ଅନୁଭବ କରିଥିଲେ। ସେହି ବର୍ଷ ବିଶ୍ୱ ନେତୃବୃନ୍ଦ କାନାଡ଼ାରେ ଏକତ୍ର ହୋଇଥିଲେ ଏବଂ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଏକ ବିଶ୍ୱସ୍ତରୀୟ ଅନୁଷ୍ଠାନ 'ଖାଦ୍ୟ ଓ କୃଷି ସଂଗଠନ' (ଏଫ୍‌ଏଓ) ପ୍ରତିଷ୍ଠା ହେଲା। ସମୟ କ୍ରମେ ଖାଦ୍ୟ ନିରାପତ୍ତା ବିଶ୍ୱବାସୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ରୂପେ ସ୍ଥାନ ପାଇଲା। ୧୯୭୩ରେ ଏହି ସଂଗଠନ ଦ୍ୱାରା ଆହୂତ ସମ୍ମିଳନୀରେ ସାରା ବିଶ୍ୱରୁ କ୍ଷୁଧା ମୁକ୍ତି ପାଇଁ ବିଶ୍ୱସ୍ତରୀୟ ବୁଝାମଣା ସ୍ୱାକ୍ଷର ହେଲା। ଏହି ପ୍ରତିଶ୍ରୁତିବଦ୍ଧତାକୁ ଅଧିକ ସୁଦୃଢ଼ କରିବା ପାଇଁ ଏହି ସଙ୍ଗଠନର ୧୯୭୯ ସମ୍ମିଳନୀରେ ଅକ୍ଟୋବର ୧୬କୁ ବିଶ୍ୱ ଖାଦ୍ୟ ଦିବସ ରୂପେ ପାଳନ କରିବାକୁ ସ୍ଥିର କରାଗଲା। ତେବେ ଚଳିତବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ଉତ୍ତମ ଖାଦ୍ୟ, ଉନ୍ନତ ଭବିଷ୍ୟତ ପାଇଁ ପରସ୍ପର ମଧ୍ୟରେ ହାତ

## ବିଶ୍ୱ ଖାଦ୍ୟ ଦିବସ ଉପଲକ୍ଷେ

ମିଳାଇବା'। ଏହି ପ୍ରସଙ୍ଗକୁ ବିଶ୍ଳେଷଣ କଲେ ଜଣାଯାଏ ବିଶ୍ୱସ୍ତରରେ ଅନାହାରରେ ଥିବା ୬୭.୩ କୋଟି ଜନତାଙ୍କୁ କ୍ଷୁଧାମୁକ୍ତ କରିବା ପାଇଁ ଉଭୟ ବ୍ୟକ୍ତି, ବିଭିନ୍ନ ସଂସ୍ଥା, ଗୋଷ୍ଠୀ ମଧ୍ୟରେ ସୁସମ୍ପର୍କ ଏବଂ ସହଯୋଗ ସ୍ଥାପନ କରି ଭବିଷ୍ୟତ ପାଇଁ ଏକ ଶାନ୍ତିପୂର୍ଣ୍ଣ, ଚିରନ୍ତନ, ସମୃଦ୍ଧ ଖାଦ୍ୟ ନିରାପତ୍ତା ବ୍ୟବସ୍ଥା ସୃଷ୍ଟି କରିବା।

ଚିରନ୍ତନ ଓ ପୋଷଣ ନିରାପତ୍ତା ପାଇଁ ଖାଦ୍ୟ ନିରାପତ୍ତାର ତିନୋଟି ଦିଗ ଯଥା ଖାଦ୍ୟ ଉତ୍ପାଦନ, ବିତରଣ ଏବଂ ଗ୍ରହଣକୁ ଠିକ୍ ରୂପେ ନିର୍ବାହ କରିବାକୁ ପଡ଼ିବ। କୃଷିର ବ୍ୟବସାୟୀକରଣ,ଏହାକୁ ଶିଳ୍ପର ମାନ୍ୟତା ପ୍ରଦାନ, କୃଷିରେ ଆବଶ୍ୟକ ପୁଞ୍ଜି ବିନିଯୋଗ କରି ଆୟ ଦ୍ୱିଗୁଣିତ କରିବାକୁ ଯଥାସାଧ୍ୟ ଚେଷ୍ଟା କରିବା ଆବଶ୍ୟକ। ଏଥିପାଇଁ ଜନତା-ଘରୋଇ-ଭାଗୀଦାରି ଶୈଳୀରେ କାର୍ଯ୍ୟ କରିବା, ଚୁକ୍ତିଭିତ୍ତିକ ଚାଷକୁ ପ୍ରାଧାନ୍ୟ, ସମବାୟର ସୁଦୃଢ଼ୀକରଣ, କୃଷିରେ ଅଧିକ ଅର୍ଥ ବିନିଯୋଗ, ଗ୍ରାମାଞ୍ଚଳରେ ଜଳସମ୍ପଦ, ଶକ୍ତି, ଗମନାଗମନ, ସୂଚନା ଓ ଯୋଗାଯୋଗ ଆଦି କୃଷି ଭିତ୍ତିଭୂମିର ଉନ୍ନତି, ଚିରନ୍ତନ କୃଷିକୁ ଆଦରିବା ପାଇଁ ସଚେତନତା ସୃଷ୍ଟି, କେତେକ ସ୍ୱତନ୍ତ୍ର ଓ ଅଦିନିଆ ପନିପରିବାକୁ ଜୈବିକ ଉପାୟରେ ଚାଷ କରିବା ଏବଂ ଖାଦ୍ୟଶସ୍ୟର ମାନ ନିର୍ଦ୍ଧାରଣ ଉପରେ ଯଥେଷ୍ଟ ଗୁରୁତ୍ୱ ଦେବା ଜରୁରୀ। ଜଳବାୟୁ ପରିବର୍ତ୍ତନ ପରିସ୍ଥିତିରେ ନୂତନ ଫସଲ ଖସଡ଼ା ପ୍ରସ୍ତୁତି, ବିଲ, ଫଳ ଓ ପନିପରିବା ଫସଲରେ ଉପଯୁକ୍ତ କିସମର ବ୍ୟବହାର, ମୃତ୍ତିକାର ଉର୍ବରତା ରକ୍ଷା ପାଇଁ ମାଟିକୁ ସମସ୍ତ ଖାଦ୍ୟ ଉପାଦାନ ଯୋଗାଣ, ପରିବେଶ ପ୍ରଦୂଷଣକୁ ରୋକିବା ଏବଂ ଉପଯୁକ୍ତ ଅନିଷ୍ଟକ ନାଶକର ଠିକ୍ ପରିମାଣ, ସମୟ ଏବଂ ପ୍ରଣାଳୀରେ ପ୍ରୟୋଗ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଆମ କୃଷି ଉତ୍ପାଦରେ ବିଷାକ୍ତ ନକଲି ରଙ୍ଗ, ଫଳ ପଚାଇବା ପାଇଁ ବିଷାକ୍ତ ପଦାର୍ଥ ଓ ଅତ୍ୟଧିକ ହରମୋନ୍ ବ୍ୟବହାର ବର୍ଜନ କରିବା ଦରକାର। ଫଳ ଓ ପନିପରିବା ସମେତ ସମସ୍ତ କୃଷି ଉତ୍ପାଦକୁ ଉପଯୁକ୍ତ ଉପାୟରେ ସଂରକ୍ଷଣ କରିବା, ଏଥିରୁ ମୂଲ୍ୟଯୁକ୍ତ ପଦାର୍ଥ ସୃଷ୍ଟି ଓ ରପ୍ତାନିଯୁକ୍ତ କୃଷି ଉତ୍ପାଦର ପରିମାଣ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିବା ଉଚିତ୍। ଗୋପାଳନର ବ୍ୟବସାୟୀକରଣ, ଦେଶୀ ଗାଈ କିସମଙ୍କର ସଂରକ୍ଷଣ, ଅଣ୍ଡା ଉତ୍ପାଦନ ପାଇଁ ଅଣ୍ଡାଦେବା କୁକୁଡ଼ା ପାଳନ ଉପରେ ଗୁରୁତ୍ୱ, ଛେଳି ମେଣ୍ଢା ଓ ଘୁଷୁରି ପାଳନ, ଉପଯୁକ୍ତ ପରିବେଶ ଓ ଖାଦ୍ୟ ଯୋଗାଇବା ଉପରେ ଗୁରୁତ୍ୱାରୋପ, ପକ୍ଷୀ ପାଳନ ସମ୍ବନ୍ଧୀୟ ସମସ୍ତ ସରକାରୀ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି ଏବଂ ଏହାର ଉପଯୋଗ କରିବା ବାଞ୍ଛନୀୟ। ମାଛ ଉତ୍ପାଦନ ବଢ଼ାଇବାକୁ ବିଭିନ୍ନ ଉପାୟ ଅବଲମ୍ବନ ସହ ଉପଯୁକ୍ତ ପୋଷଣ ପାଇଁ ମାଛ ଖାଇବାକୁ ଲୋକଙ୍କୁ ସଚେତନ କରାଇବା ଆବଶ୍ୟକ। ଘରେ, ବାହାଘର ଭୋଜି, ହୋଟେଲ ଓ ରେଷ୍ଟୁରାଣ୍ଟରେ କୌଣସି ପରିସ୍ଥିତିରେ ଖାଦ୍ୟ ନଷ୍ଟ କରିବା ଉଚିତ ନୁହେଁ। ଉପଯୁକ୍ତ ପରିମାଣର ଗୁଣ ଏବଂ ପୋଷଣଯୁକ୍ତ ଖାଦ୍ୟଗ୍ରହଣ ପ୍ରତ୍ୟେକ ନାଗରିକଙ୍କ ଅଧିକାର ହୋଇଥିବାରୁ ଏହାକୁ ପାଇବା ପାଇଁ ଜନସାଧାରଣ, ବ୍ୟକ୍ତିଗତ, ଗୋଷ୍ଠୀଗତ ଏବଂ ପ୍ରତ୍ୟେକ ଦେଶର ସରକାର ଶପଥନେବା ଆଜିର ଦିବସର ବଡ଼ ଆହ୍ୱାନ।

ମୋ:୯୪୩୭୨୭୨୦୦୯

## ଏଇ ଭାରତରେ

ଜୈବିକ ପଦ୍ଧତିରେ ହଳଦୀ ଏବଂ ଧାନ ଚାଷ କରିବା ସହ ବିହନ ସଂରକ୍ଷଣ କରୁଛନ୍ତି ଜଣେ ପୂର୍ବତନ ସୀମା ସଶସ୍ତ୍ରବଳ(ଏସ୍‌ଏସ୍‌ବି) ଅଧିକାରୀ ଉତ୍କର୍ଷ ପାଣ୍ଡେ। ସେ ଉତ୍ତରପ୍ରଦେଶ ପ୍ରତାପଗଡ଼ ଭଦାଉନ୍ ଗାଁରେ ରହି ସେଠାରେ ଜୈବିକ ପଦ୍ଧତିରେ ସ୍ଥାନୀୟ ଅଞ୍ଚଳର ପୁରୁଣା ତଥା କଳାନାମକ ବାସ୍ନାଧାନ ଚାଷ କରୁଛନ୍ତି। ସେ ଏସ୍‌ଏସ୍‌ବିରୁ ଅବସର ନେବାପରେ ଗାଁକୁ ଫେରି ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି କ୍ରମରେ ସେ ଜୈବିକ ଚାଷକୁ ପସନ୍ଦ କରିଥିଲେ। ପାଣ୍ଡେ ଏବେ ୭ ଏକର ପରିମିତ ଫାର୍ମରେ ଚାଷ କରୁଛନ୍ତି। ଏହାର ନାମ ଦେଇଛନ୍ତି 'ଋଷିଗ୍ରାମ ଅର୍ଗାନିକ୍ସ'। ତାଙ୍କ ଫାର୍ମରେ ବିଶେଷକରି କଳା ହଳଦୀ ଓ କସ୍ତୁରୀ ହଳଦୀ ଚାଷ ହେଉଛି। ଗୋପାଳନ ସହ ଗୋବରରୁ ଜୈବିକ ଖତ ପ୍ରସ୍ତୁତ କରୁଛନ୍ତି। ଏହାବ୍ୟତୀତ ସେ ୩୦୦୦ରୁ ଊର୍ଦ୍ଧ୍ୱ ଚନ୍ଦନ ଗଛ ରୋପଣ କରିଛନ୍ତି ଏବଂ 'ହର୍ ଘର୍ ଚନ୍ଦନ' ଅଭିଯାନ ଚଳାଇଛନ୍ତି। ନର୍ସରୀରେ ୫୦,୦୦୦ ଚାରା ଉତ୍ତାରି ସେ ଲୋକମାନଙ୍କୁ ଚନ୍ଦନ ଚାରା ଯୋଗାଇ ଦେଉଛନ୍ତି। ଏହା ବ୍ୟତୀତ ହଳଦୀ ଚାଷ ପାଇଁ ୧୩ଟି ରାଜ୍ୟରେ ୫୦୦ରୁ ଅଧିକ କୃଷକଙ୍କୁ ସହଯୋଗ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୧୬ ଅକ୍ଟୋବର ୧୯୭୬

- ରାଜ୍ୟର ମରୁଡ଼ି ପରିସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ କେନ୍ଦ୍ରୀୟ ଅନୁଧ୍ୟାନକାରୀ ଦଳ ପଠାଇବା ଲାଗି ରାଜ୍ୟ ସରକାରଙ୍କ ଅନୁରୋଧ।
- ଜିମ୍ବାୱେ-ବନତାର ମୁକ୍ତି ସଂଗ୍ରାମରେ ଯଥାସମ୍ଭବ ସବୁପ୍ରକାର ସହାୟତା ଦେବା ନିମନ୍ତେ ଭାରତ ଓ ତାଞ୍ଜାନିଆ ପକ୍ଷରୁ ଦୃଢ଼ ପ୍ରତିଶ୍ରୁତି ଘୋଷଣା।
- ଦକ୍ଷିଣ ଆଫ୍ରିକା ଗଣସଙ୍ଗଠନର ନାମ୍ବିଆ ଜାତୀୟତାବାଦୀମାନଙ୍କୁ ଆଫ୍ରିକାର ଦେଶଗୁଡ଼ିକ ସମ୍ପୂର୍ଣ୍ଣ ସମର୍ଥନ କରୁଛନ୍ତି ବୋଲି ଜାତିସଂଘର ନିରାପତ୍ତା ପରିଷଦରେ ଜଣାଇ ଦିଆଯାଇଛି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 4 | 7 | |
| 7 | 4 | | | | 9 | | | |
| | | 8 | | | 1 | | | 5 |
| | | | | 5 | 2 | | | |
| 9 | | 5 | | | 3 | | | |
| | 8 | | | | | 1 | | |
| | | | 4 | | | | | |
| | | | | 8 | | 2 | 4 | 3 |
| 5 | | | | 2 | | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 7 | 5 | 3 | 8 | 2 | 4 | 6 |
| 8 | 3 | 6 | 1 | 2 | 4 | 7 | 9 | 5 |
| 2 | 5 | 4 | 9 | 6 | 7 | 3 | 1 | 8 |
| 4 | 8 | 1 | 3 | 5 | 9 | 6 | 2 | 7 |
| 5 | 2 | 3 | 7 | 1 | 6 | 9 | 8 | 4 |
| 7 | 6 | 9 | 4 | 8 | 2 | 5 | 3 | 1 |
| 3 | 7 | 5 | 8 | 9 | 1 | 4 | 6 | 2 |
| 1 | 4 | 2 | 6 | 7 | 3 | 8 | 5 | 9 |
| 6 | 9 | 8 | 2 | 4 | 5 | 1 | 7 | 3 |

ଗତକାଲିର ଉତ୍ତର

# ଶାସନ ବ୍ୟବସ୍ଥାରେ ଅନାସ୍ଥା



ହରେକୃଷ୍ଣ ପଣ୍ଡା

ଭାରତୀୟ ମୂଳ ସମ୍ବିଧାନରେ ଅନାସ୍ଥା ବ୍ୟବସ୍ଥା ଭଳି ଏକ ବ୍ୟବସ୍ଥା ନ ଥିବା ବେଳେ ପରବର୍ତ୍ତୀ ସମୟରେ ତାହାକୁ ଲୋକ ସଭାରେ ପାସ୍ କରାଯାଇ ଆଇନରେ ପରିଣତ କରାଯାଇଛି। ସେତେବେଳେ ଏହାର ଆଭିମୁଖ୍ୟ ଯାହା ଥିଲା ପରବର୍ତ୍ତୀ ସମୟରେ ଏହାର ମୂଲ୍ୟବୋଧ ସମ୍ପର୍କରେ ଅଦ୍ୟାବଧି ସମୀକ୍ଷା ହୋଇ ନ ଥିବା ଦେଖାଯାଏ। ଏବେ ଯଦି ଏହାର ପୁନଃ ମୂଲ୍ୟାୟନ କରାଯାଇପାରନ୍ତା ତେବେ ଅଶାନ୍ତ ରାଜନୈତିକ ବାତାବରଣ ପ୍ରଶମିତ ହୋଇପାରନ୍ତା। ଆମେ ଯଦି ଅନାସ୍ଥା ପ୍ରସଙ୍ଗ ଏବଂ ଦେଶ ବା ଜନତାଙ୍କ ସ୍ୱାର୍ଥକୁ ମିଶ୍ରିତ ଭାବେ ଦେଖିବା ତେବେ ଅତୀତରେ ଯାହା ନ ଥିଲା ତାହା ଏବେ ଦୃଶ୍ୟମାନ। ତାହା ହେଉଛି ମୁନାଫା,କଳାବଜାରି ଓ ବିରୋଧୀ ଶକ୍ତି ମିଶିଯାଇ ଏକ ମହାଶକ୍ତିରେ ପରିଣତ ହୋଇପାରୁଛନ୍ତି। ବିରୋଧୀ ଦଳ ମଧ୍ୟରୁ କିଣାବିକା ନୂଆକଥା ନୁହଁ। ଅନାସ୍ଥା ପାଇଁ ଏକ ସ୍ୱତନ୍ତ୍ର ବିଚାର ରହିଛି। ଯେତେବେଳେ ଦାୟିତ୍ୱରେ ଥିବା ସରକାର ବା ପରିଚାଳନା ବ୍ୟକ୍ତି ତା'ର ସାମର୍ଥ୍ୟ ହରାଇ ଥାଏ କିମ୍ବା ତା'ର ଦକ୍ଷତା ନ ଥିବା ଜଣାପଡ଼େ ଏବଂ ଉପୁଜୁଥିବା କୌଣସି ସମସ୍ୟାର ନିଷ୍ପତ୍ତି ନେଇ ନ ପାରେ ସେତେବେଳେ ଅନାସ୍ଥା ପ୍ରସ୍ତାବ ଆଣିବାର ଆବଶ୍ୟକତା ଦେଖାଯାଏ। ଏହି ପ୍ରସ୍ତାବ ଜାତୀୟ ସ୍ୱାର୍ଥ ଓ ଲୋକଙ୍କ ମତକୁ ପାଥେୟ କରି ପ୍ରସଙ୍ଗଟିକୁ ଉପସ୍ଥାପନ କରାଯାଇଥାଏ। ଏଥିରେ ନିଜ ଦଳୀୟ ସ୍ଥିତି ବା ପ୍ରତିପତି ପ୍ରଦର୍ଶନ ପାଇଁ ଆଦୌ ନୁହେଁ। ସରକାରଙ୍କ ବିଲ୍ ଯେତେବେଳେ ଲୋକ ସଭାରେ ପାସ୍ ନ ହୋଇ ପାରେ ସେତେବେଳେ ଅନାସ୍ଥା ଆସିବାର ନିୟମ ରହିଛି। ସଂଖ୍ୟା ଗରିଷ୍ଠତାକୁ ଭିତ୍ତି କରି ବିରୋଧୀ ଦଳର ଏକ ପ୍ରଚେଷ୍ଟା ବୋଲି କୁହାଯାଏ। ନିୟମ ୧୮୪/ଏ ଅନୁସାରେ ସରକାର ନିଜର ସଂଖ୍ୟା ଗରିଷ୍ଠତା ପ୍ରମାଣିତ କରି ନ ପାରିଲେ ବାଚସ୍ପତି ପଦକ୍ଷେପ ନିଅନ୍ତି। ସରକାରଙ୍କୁ ଏ କ୍ଷେତ୍ରରେ ଇସ୍ତଫା ଦେବାକୁ ପଡ଼େ ନଚେତ ଗୃହ ଭଙ୍ଗ କରିଦିଅନ୍ତି। ଜନସାଧାରଣ ଏଇଠି ପ୍ରଶ୍ନ ଉଠାନ୍ତି ଆମେ ତ ମତଦାନ କରି ସରକାର ଗଠନ କଲୁ, କିନ୍ତୁ ଆମ୍ଭମାନଙ୍କ ମତ ନ ନେଇ ସରକାର ଭାଙ୍ଗିଲା କେମିତି? ଗଣତନ୍ତ୍ର କୁହେ ଲୋକମାନଙ୍କ ଦ୍ୱାରା, ଲୋକମାନଙ୍କ ପାଇଁ, ଲୋକମାନଙ୍କର, କିନ୍ତୁ ଏଠି ବ୍ୟତିକ୍ରମ ହେଲା କିପରି? ନିର୍ବାଚିତ ପ୍ରତିନିଧିଙ୍କୁ ତାଙ୍କର ଅକାର୍ଯ୍ୟ ପାଇଁ ଫେରାଇ ଆଣିବା ଅଧିକାର ଯଦି ସମ୍ବିଧାନ ଲୋକଙ୍କୁ ଦେଇଥାଆନ୍ତା ତେବେ ଅନାସ୍ଥାର ଆବଶ୍ୟକତା ବୋଧହୁଏ ପଡି ନ ଥାଆନ୍ତା। କିନ୍ତୁ ଅନାସ୍ଥା ଯେତେବେଳେ ଆଇନରେ ପରିଣତ ହୋଇଯାଇଛି ତାକୁ ମାନିବାକୁ ପଡ଼ିବ ଏ ସମ୍ପର୍କରେ ଅଧିକାଂଶ ଲୋକମାନେ ଏବେ ବି ଜାଣି ନାହାନ୍ତି।

ତେବେ ଆସନ୍ତୁ ଜାଣିବା ଦେଶରେ ଅନାସ୍ଥାର ଇତିହାସ। ଭାରତରେ ପ୍ରଥମେ ପ୍ରଜା ସୋସାଲିଷ୍ଟ ପାର୍ଟିର ଲୋକ ସଭା ସଦସ୍ୟା ଆଚାର୍ଯ୍ୟ କୃପାଳିନୀ ୧୯୬୩ରେ ଭାରତ ଚାଇନା ଯୁଦ୍ଧ ପରେ ନେହେରୁଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ୧୯୮୧-୮୨ରେ ପ୍ରଧାନମନ୍ତ୍ରୀ



ଇନ୍ଦିରା ଗାନ୍ଧୀ ବହୁଥର ଅନାସ୍ଥାର ସମ୍ମୁଖୀନ ହୋଇଥିଲେ। ୧୯୬୪ରେ ସ୍ୱାଧୀନ ସଦସ୍ୟ ଏନ୍‌ସି ଚାଟାର୍ଜି ଓ ଅନ୍ୟମାନେ ଲାଲବାହାଦୁର ଶାସ୍ତ୍ରୀଙ୍କ ବିରୋଧରେ ୩ ଥର ଏବଂ ୧୯୯୯ରେ ଯଶୋବନ୍ତ ସିଂହ ଓ ଅନ୍ୟମାନେ ନରସିଂହ ରାଓଙ୍କ ବିରୋଧରେ ୩ ଥର, ୧୯୭୯ରେ ୱାଇ.ବି. ଚୌହାନ ମୋରାରଜୀ ଦେଶାଇଙ୍କ ବିରୋଧରେ ୨ ଥର, ୧୯୮୭ରେ ରାଜୀବ ଗାନ୍ଧୀ, ୨୦୦୩ରେ ସୋନିଆ ଗାନ୍ଧୀ ଅଟଳବିହାରୀ ବାଜପେୟୀଙ୍କ ବିରୋଧରେ ଏବଂ ନରେନ୍ଦ୍ର ମୋଦି ଥରେ ଲେଖାଏ ଅନାସ୍ଥାର ସମ୍ମୁଖୀନ ହୋଇଛନ୍ତି। ଏହିସବୁ ଅନାସ୍ଥା କାଟ ଖାଇଥିବା ବେଳେ ୧୨ ଜୁଲାଇ ୧୯୭୯ରେ ମୋରାରଜୀ ଦେଶାଇ ଇସ୍ତଫା ଦେଇଥିଲେ। ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ମିଳିତ ମନ୍ତ୍ରିମଣ୍ଡଳରେ ଥିବା ଯୋଗୁ ଆସ୍ଥା ଭୋଟରେ ଜିତି ନ ପାରି ଗୃହକୁ ଭଙ୍ଗ କରିଥିଲେ। ତେବେ ଏହି ଅନାସ୍ଥା ପ୍ରସଙ୍ଗଟି ଭାରତର ନୁହେଁ, ଏହା ପ୍ରଥମେ ସୃଷ୍ଟି ହୋଇଥିବା ଜର୍ମାନୀ ଦେଶରୁ ଆସିଛି। ଏହା ଏବେ ସ୍ପେନ, ହଙ୍ଗେରୀ, ଇସ୍ରାଏଲ, ପୋଲାଣ୍ଡ, ବେଲଜିୟମରେ ପ୍ରବର୍ତ୍ତିତ ହେବା ପରେ ଭାରତକୁ ଆସିଥିଲା। ଆମ ଭାରତୀୟ ସମ୍ବିଧାନରେ ପ୍ରଥମେ ଅନାସ୍ଥା ନିୟମ ନ ଥିଲା। ସମ୍ବିଧାନର ଧାରା ୭୫ରେ କେବଳ ସ୍ପଷ୍ଟୀକରଣ ଦିଆଯାଇଥିଲା ମନ୍ତ୍ରୀମାନେ ଲୋକ ସଭାରେ ପରସ୍ପର ଦାୟୀ ରହିବେ। ଏଭଳି ଆଇନକୁ ଆଖି ଆଗରେ ରଖି ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ଦୂରଦୃଷ୍ଟି ସହ ୨୦୦୩ରେ ଏକ ମନ୍ତବ୍ୟ ଦେଇ କହିଥିଲେ, ରାଜନୈତିକ ଅସ୍ଥିରତା ଦୂର କରିବା ପାଇଁ ଭାରତରେ ସବୁବେଳେ ମିଳିତ ମନ୍ତ୍ରିମଣ୍ଡଳ ହେବା ଦରକାର। ସଂଖ୍ୟା ଗରିଷ୍ଠ ଦଳର ନେତା ପ୍ରଧାନମନ୍ତ୍ରୀ ହେବେ, ସେ ଅନ୍ୟମନ୍ତ୍ରୀମାନଙ୍କୁ ବିଭିନ୍ନ ଦଳରୁ ବାଛିବେ। ତାଙ୍କର ଏଭଳି ପ୍ରସ୍ତାବକୁ କେହି ଆଲୋଚନା କଲେ ନାହିଁ। ଏବେ ଓଡ଼ିଶା ବିଧାନସଭାରେ ସେହି ଅନାସ୍ଥାକୁ ନେଇ ଯେଉଁ ଯେଉଁ ତୁମ୍ବିତୋଫାନ ଦେଖାଗଲା ତାହା ଆପେଆପେ ଅଗ୍ରାହ୍ୟ ହୋଇଗଲା। ଓଡ଼ିଶା ବିଧାନସଭାରେ ମଧ୍ୟ ଦେଖାଯାଇଛି ପ୍ରଥମ ବିଧାନସଭାରେ ନବକୃଷ୍ଣ ଚୌଧୁରୀଙ୍କ ବିରୋଧରେ ୨ଟି, ୩ୟ ବିଧାନସଭାରେ ୧୯୬୧ରେ ବିଜୁ ପଟ୍ଟନାୟକଙ୍କ ବିରୋଧରେ ୩ଟି, ଚତୁର୍ଥ ବିଧାନସଭାରେ ୧୯୬୪ରେ ବୀରେନ ମିତ୍ରଙ୍କ ବିରୋଧରେ ୩ ଟି, ୧୯୭୦ରେ ଆର୍.ଏନ୍. ସିଂଦେଓଙ୍କ ବିରୋଧରେ ଗୋଟିଏ, ୧୯୭୯ରେ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ବିରୋଧରେ ଗୋଟିଏ, ୧୯୮୩ରେ ଜାନକୀ ପଟ୍ଟନାୟକଙ୍କ ବିରୋଧରେ ଦୁଇଟି, ୨୦୦୧ରେ ନବୀନ ପଟ୍ଟନାୟକଙ୍କ ବିରୋଧରେ ଦୁଇଥର ଅନାସ୍ଥାର ସମ୍ମୁଖୀନ ହୋଇଛନ୍ତି। ଓଡ଼ିଶା ବିଧାନସଭାରେ ସବୁବେଳେ ଅନାସ୍ଥା କାଟ ଖାଇଛି। ତେବେ ଦେଶ ତଥା ରାଜ୍ୟରେ ଯେତେଗୁଡ଼ିଏ ଅନାସ୍ଥା ପ୍ରସ୍ତାବ ଆସିଛି ତାହାଦ୍ୱାରା ଦେଶ ବା ରାଜ୍ୟର କି ଉନ୍ନତି ଘଟିଛି? ଦେଖାଯାଇଛି ଦଳୀୟ ଆସ୍ଥା ପ୍ରକଟ ପାଇଁ, କେତେବେଳେ ଦୁଇଦଳ ମିଶି ନିଜର ଏକତା ସୃଷ୍ଟି, ଦୁର୍ନୀତି, ଅନୀତି ବିରୋଧରେ କଠୋର ଆଇନର ନମନୀୟତା, ସରକାରୀ ଦଳକୁ ଶ୍ରେୟ ନ ଦେବା, କ୍ଷମତାର ଲାଳସା ପାଇଁ ବିରୋଧୀ ଦଳ ପଞ୍ଜିପତି, ଶିଳ୍ପପତି ଓ କଳାବଜାରକାରୀଙ୍କ ଆବେଦନକ୍ରମେ ଏହିସବୁ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। ଗୃହର ଅଯଥା ସମୟ, ଅର୍ଥ, ଶକ୍ତି ବ୍ୟୟ ହେଉଥିବା ଦେଖିବାକୁ ମିଳୁଛି। ତେବେ ଆଇନ ବିଶାରଦ, ରାଜନୀତିଜ୍ଞ, ସମ୍ବିଧାନ ସମୀକ୍ଷକମାନେ ଏହି ଆଇନର ପୁନର୍ମୂଲ୍ୟାୟନ କରିବାର ଯଥାର୍ଥତା ସମ୍ପର୍କରେ ଚିନ୍ତା କରିବା ଆବଶ୍ୟକ।

**ସୟେଦପୁର, ଯାଜପୁର**
**ମୋ: ୯୪୩୭୩୧୫୬୨୩**

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତା ଜାମ୍ ହେଉଛି

ମହାଶୟ,

ରାସ୍ତାଜାମ୍ ବ୍ରହ୍ମପୁରର ଏକ ନିତିଦିନିଆ ସମସ୍ୟା। ସାଧାରଣତଃ ଜନସଚେତନତା ଅଭାବରୁ ହିଁ ଏପରି ଅବସ୍ଥା ଦେଖାଯାଇଥାଏ। ପୂର୍ବରୁ ଯେତେବେଳେ ସହରରେ ଦଶଟି ସିନେମା ହଲ୍ ଥିଲା, ମ୍ୟାଟିନ୍ ଓ ଫାଷ୍ଟ ଶୋ' ସରିବା ପରେ ଉତ୍କଳ ଏସ୍‌ଏସ୍‌ଭିଟି, ଲିଙ୍ଗରାଜ, ଶିବା ଓ ଶକ୍ତି ଅଞ୍ଚଳ ଜନଗହଳି ହେଉଥିଲା, ସମ୍ପ୍ରତି ଏସବୁ ଆଉ ନାହିଁ। ଆଜିକାଲି ଗେଟ୍‌ବଜାର ଛକ, ସିଟି ହସ୍ପିଟାଲ ଛକ, ୱାନ୍‌ୱେ ଟ୍ରାଫିକ୍ ରୋଡ୍, କମାପଲ୍ଲୀ ଛକ, ଟାଟା ବେଞ୍ଜିରୋଡ୍, ଫରେଷ୍ଟ ଗେଟ୍, ନୂଆ ବସ୍‌ଷ୍ଟାଣ୍ଡ ରୋଡ୍, ଯାନ୍ତ୍ରିକ ମାର୍ଗ ଛକ ପ୍ରଭୃତିରେ ଅବଶ୍ୟ ଟ୍ରାଫିକ୍ ପୋଲିସ ରହୁଛନ୍ତି। ମାତ୍ର କେତେକ ସ୍କୁଲ କଲେଜ ସରିବା ବେଳେ ଏକାଧିକ ଯାନବାହନ ଚଳାଚଳ ଯୋଗୁ ସାମୟିକ ଭାବେ ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ୍ ହେଉଛି। କେହି ଆପତ୍ତି ବା ଅଭିଯୋଗ କରନ୍ତି ନାହିଁ। ବ୍ରହ୍ମପୁର ଏକଦା ମହୁରୀ ଜମିଦାରଙ୍କ ଅଧୀନରେ ଥିଲା। ସେତେବେଳେ ସମ୍ଭ୍ରାନ୍ତ ଲୋକେ ଘୋଡ଼ା ବ୍ୟବହାର କରୁଥିଲେ। ସେଥିପାଇଁ ସହରରେ ଅନେକ ଗଳି ରାସ୍ତା ରହିଛି। ଏ ପତ୍ର ପ୍ରେରକ ଗତମାସରେ ଆଙ୍କୋଲୀ ଓ କାଞ୍ଜିପଲ୍ଲୀ ମଧ୍ୟରେ ଏପରି ରାସ୍ତା ଜାମ୍‌କୁ ଅଙ୍ଗେ ଅଙ୍ଗେ ଅନୁଭବ କରିଛି। ମନୁଷ୍ୟକୃତ ରାସ୍ତା ଅବରୋଧ ଯୋଗୁ ରୋଗୀକୁ ନେଇ ଡାକ୍ତରଖାନା ଯାଉଥିବା ଆମ୍ବୁଲାନ୍ସ ପ୍ରତି ବିପଦ ରହିଛି।

**-ପ୍ରତାପ ଚନ୍ଦ୍ର ପାଢ଼ୀ, କିଶନ୍ ନଗର, ଆଙ୍କୋଲୀ, ବ୍ରହ୍ମପୁର, ଗଞ୍ଜାମ।**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନାହିଁ ମୋ ବାସନା ଡାକିବାକୁ ତିଳେ
ଆସ ପାଶେ ବୋଲି ପ୍ରିୟେ ଚାରୁଶୀଳେ !
ଲଭିବାକୁ ତବ ଦେହ ମନ ଭାଷା
ନାହିଁ ମୁଁ ଭାବନା କରି
ଚମ୍ପକହାସ ହସିଯାଅ ଖାଲି
ଆଗୋ ଗୋରଚନା-ଗୋରୀ !

-(ରୂପର ସ୍ତବ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଝାରପଡ଼ା ଜେଲରେ ମାଓବାଦୀ ନେତା ଆଜାଦ୍‌ଙ୍କ ଆମରଣ ଅନଶନ

ଭୁବନେଶ୍ୱର,୧୫।୧୦
(ସତ୍ୟଜିତ ରାଉତ)

୧୫ ବର୍ଷ ଧରି ଝାରପଡ଼ା ସ୍ୱତନ୍ତ୍ର କାରାଗାରରେ ଥିବା ମାଓବାଦୀ ନେତା ଦୁନ୍ନା କେଶବ ରାଓ ଓରଫ ଆଜାଦ୍ ବୁଧବାର ଆମରଣ ଅନଶନରେ ବସିଛନ୍ତି। ତାଙ୍କ ବିରୋଧରେ ଥିବା ମାମଲାଗୁଡ଼ିକର ଶୀଘ୍ର ବିଚାର ପ୍ରକ୍ରିୟା ଶେଷ କରିବାକୁ ସେ ଦାବି କରିଛନ୍ତି। ଏନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ଥିବାବେଳେ ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ସରକାରଙ୍କ ପକ୍ଷରୁ ଏ ଦିଗରେ କୌଣସି କର୍ଣ୍ଣପାତ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ ଏହି

## ଶୀଘ୍ର ଶୁଣାଣି ପ୍ରକ୍ରିୟା ଶେଷ କରିବାକୁ ଦାବି

- ୧୫ବର୍ଷ ହେବ ଜେଲରେ ଅଛନ୍ତି ଆଜାଦ୍
- ରାଜ୍ୟ ସରକାରଙ୍କୁ ଓଏଚଆର୍‌ସିଙ୍କ ରିପୋର୍ଟ ତଲବ


ଆଜାଦ୍

ଘଟଣାକୁ ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆର୍‌ସି) ମଧ୍ୟ ଗୁରୁତ୍ୱର ସହ ନେଇଛନ୍ତି। ଏନେଇ ହୋଇଥିବା ଏକ ପିଟିଶନ୍‌ର ଶୁଣାଣି କରି ଓଏଚ୍‌ଆର୍‌ସି ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାହାରୀ ରାଜ୍ୟ ସରକାରଙ୍କୁ ମଙ୍ଗଳବାର ରିପୋର୍ଟ ତଲବ କରିଛନ୍ତି। ଅକ୍ଟୋବର ୩୧ ସୁଦ୍ଧା ଏ ସମ୍ପର୍କରେ ରିପୋର୍ଟ ଦାଖଲ କରିବାକୁ ଗୃହ ବିଭାଗ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଅନୁଯାୟୀ, ଆଜାଦ୍‌ଙ୍କ ବିରୋଧରେ ଓଡ଼ିଶାରେ ୪୩ଟି ମାମଲା ଏବଂ ଆନ୍ଧ୍ରପ୍ରଦେଶରେ ୧୬ଟି ମାମଲା ରହିଥିବା ଜଣାପଡ଼ିଛି। ୨୦୧୧ ମେ ୧୮ରେ ଆନ୍ଧ୍ରପ୍ରଦେଶ ପୋଲିସ ନିକଟରେ ଆଜାଦ୍ ଆତ୍ମସମର୍ପଣ କରିଥିଲେ। ସେହି ସମୟରେ ସେ ସିପିଆଇ ଦଳର ଓଡ଼ିଶା ରାଜ୍ୟ ପରିଚାଳନା କମିଟି (ଓଆର୍‌ସିଓସି)ର ସଦସ୍ୟ ଥିଲେ। ଏଥିସହ ଦକ୍ଷିଣାଞ୍ଚଳ ଜୋନ୍‌ର ମାଓବାଦୀ କମାଣ୍ଡାଣ୍ଟ ମଧ୍ୟ ଥିଲେ। ଆତ୍ମସମର୍ପଣବେଳେ ତାଙ୍କୁ ସମାଜର ମୁଖ୍ୟସ୍ରୋତକୁ ଫେରାଇ ଅଣାଯିବ ବୋଲି ପୋଲିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଆତ୍ମସମର୍ପଣର ୧୦ଦିନ ପରେ ମେ ୨୯ରେ ଓଡ଼ିଶା ପୋଲିସ ତାଙ୍କୁ ନିଜ ହେପାଜତକୁ ଆଣି ଜୁନ ୨ରେ ଗିରଫ ଦର୍ଶାଇଥିଲା। ତାଙ୍କ ବିରୋଧରେ ଥିବା ମାମଲାଗୁଡ଼ିକର ଦ୍ରୁତ ଶୁଣାଣି ଓ ତାଙ୍କୁ ରାଜନୈତିକ କଏଦୀ ଦର୍ଶାଇବାକୁ ଦାବି କରି ପୂର୍ବରୁ ଏକାଧିକ ଥର ସେ ଅନଶନରେ ବସିଥିଲେ। ଓଡ଼ିଶାରେ ଥିବା ତାଙ୍କ ବିରୋଧରେ କିଛି ମାମଲାରେ ଶୁଣାଣି ସରିଥିବାବେଳେ ଆଉ କେତେକ ମାମଲାର ଶୁଣାଣି ମଧ୍ୟ ଆରମ୍ଭ ହୋଇ ନ ଥିବା ଜଣାପଡ଼ିଛି। ତେବେ ଏନେଇ ଆଜାଦ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ଜୁଲାଇ ଚତୁର୍ଥ ସପ୍ତାହରେ ସୁପ୍ରିମକୋର୍ଟ ଏହି ମାମଲାରେ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଥିଲେ। ଆନ୍ଧ୍ର ଓ ଓଡ଼ିଶା ସରକାରଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସ୍ୱତନ୍ତ୍ର କୋର୍ଟରେ ଆଜାଦ୍‌ଙ୍କ ବିରୋଧରେ ଥିବା ମାମଲାଗୁଡ଼ିକର ସେପ୍ଟେମ୍ବରରୁ ଶୁଣାଣି ଆରମ୍ଭ କରି ଏକ ବର୍ଷ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶନାମାରେ କୁହାଯାଇଥିଲା। ହେଲେ ଏଯାଏ ଶୁଣାଣି ପ୍ରକ୍ରିୟାର ଅଗ୍ରଗତି ହୋଇ ନ ଥିବାରୁ ଆଜାଦ୍ ଜେଲରେ ଧାରଣା ଦେଇଥିବା ଜଣାପଡ଼ିଛି।

# ଭିଜିଲାନ୍ସ ଜାଲରେ ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ

ପୋଲସରା,୧୫।୧୦(ସୁବ୍ରତ ବେହେରା)


ସୁରେଶ କୁମାର ବେହେରା

ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ସୁରେଶ କୁମାର ବେହେରା ବୁଧବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ମାଛ ଯାଁଳ ବିଲ୍ କରିଦେବା ପାଇଁ ଜଣେ ହିତାଧିକାରୀଙ୍କଠାରୁ ସେ ୮ ହଜାର ଟଙ୍କା ଫୋନ୍ ପେ' ମାଧ୍ୟମରେ ନେଇଥିବା ବେଳେ ଧରା ପଡ଼ିଛନ୍ତି। ତାଙ୍କ କାର୍ଯ୍ୟାଳୟ, ଭଡ଼ାଘର ଓ ବାଲୁଗାଁ ବଜାରରେ ଥିବା ପୈତୃକ ଘରେ ଚଢ଼ାଉ ଚାଲିଛି। ମାଛ ଚାଷ କରିଥିବା ହିତାଧିକାରୀ ଜଣଙ୍କ ଯାଁଳ ବିଲ୍ କରିଦେବା ପାଇଁ ସହକାରୀ ମତ୍ସ୍ୟ ଅଧିକାରୀ ବେହେରାଙ୍କୁ ଅନୁରୋଧ କରିଥିଲେ। ଏଥିପାଇଁ ବେହେରା ଲାଞ୍ଚ ମାଗିଥିଲେ। ତାଙ୍କ କହିବା ମୁତାବକ ହିତାଧିକାରୀ ଜଣଙ୍କ ଫୋନ୍ ପେ' ମାଧ୍ୟମରେ ୮ ହଜାର ଟଙ୍କା ଲାଞ୍ଚ ଦେଇ ବ୍ରହ୍ମପୁର ଭିଜିଲାନ୍ସ କାର୍ଯ୍ୟାଳୟରେ ଜଣାଇଥିଲେ। ବୁଧବାର ଭିଜିଲାନ୍ସ ଡିଏସ୍‌ପି ଶିବେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ବ୍ଲକ ପରିସରରେ ଥିବା ସହକାରୀ ମତ୍ସ୍ୟ ଅଧିକାରୀ ବେହେରାଙ୍କ କାର୍ଯ୍ୟାଳୟ ଓ ଘରେ ଚଢ଼ାଉ କରାଯାଇଥିଲା। ବ୍ଲକ ପରିସରରେ ଥିବା କାର୍ଯ୍ୟାଳୟରୁ ୫୦ହଜାର ଟଙ୍କା ଓ ପୋଲସରା ସହର ବାପୁଜୀ ନଗରସ୍ଥିତ ଭଡ଼ାଘରୁ ୧ ଲକ୍ଷ ଟଙ୍କା ସହ କାଗଜପତ୍ର ଭିଜିଲାନ୍ସ ଟିମ୍ ଜବତ କରିଛି।

# ୫ ଅଭିଯୁକ୍ତ ଗିରଫ, ୨ ପିସ୍ତଲ ଜବତ

## ଚାଲାଣବେଳେ ୩୫୦ କେଜି ଗଞ୍ଜେଇ ଜବତକଲା ପୋଲିସ


ଖବରଦାତା ସମ୍ମିଳନୀରେ ଏସ୍‌ପି ଅଭିଯୁକ୍ତମାନଙ୍କ ସମ୍ପର୍କରେ ସୂଚନା ଦେଉଛନ୍ତି।

ଜୟପୁର/ ନନ୍ଦପୁର/ପାଡୁଆ, ୧୫।୧୦, (ପବନ ପାଣିଗ୍ରାହୀ/ ତୁଷାର କାନ୍ତ ମହାନ୍ତି/ ଶଙ୍କର ପୂଜାରୀ)

କୋରାପୁଟ ଜିଲାରେ ଆଣ୍ଟି କ୍ରାଇମ ଡ୍ରାଇଭ ଜାରି ରହିଛି। ଗଞ୍ଜେଇ ଚାଲାଣବେଳେ କୋରାପୁଟ ଜିଲା ପାଡୁଆ ଥାନା ପୋଲିସ ଏକ ଗାଡ଼ିରୁ ୩୫୦ କେଜି ଗଞ୍ଜେଇ ସହ କାର୍ ଜବତକରି ୫ ଅଭିଯୁକ୍ତଙ୍କୁ ଗିରଫ ସହ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ଜୟପୁର ସଦର ଥାନା କୁସୁମପୁଟର ଲାଲ ବାହାଦୁର ଦର୍ଜି(୩୪), ମାଛକୁଣ୍ଡ ବାଲେଲ୍ ଗ୍ରାମର ତ୍ରିନାଥ ଖରା (୩୦), ସୁରେଶ ବେଷାୟୀ(୨୨), ସଞ୍ଜୟ ଖରା (୧୯) ଓ ଗାଡ଼ି ଡ୍ରାଇଭର ଯୋଗେଶ ଖରା (୨୦)। ସେମାନଙ୍କଠାରୁ ୨ଟି ପିସ୍ତଲ ଜବତ କରାଯାଇଥିବା ବୁଧବାର କୋରାପୁଟ ଏସ୍‌ପି ରୋହିତ ବର୍ମା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଲାଲ ବାହାଦୁର ଜଣେ ଦୁର୍ଦ୍ଧାନ୍ତ ଅପରାଧୀ। ତାଙ୍କ ନାମରେ ୨୦ଟି ଆପରାଧିକ ମାମଲା ରହିଛି। ବହୁ ମାମଲାରେ ସେ ପଳାତକ ଥିଲେ। ତାଙ୍କ ବିରୋଧରେ କୋର୍ଟ ଜାମିନ ବିହୀନ ଓାରେଣ୍ଟ ଜାରି କରିଥିବା ଏସ୍‌ପି ସୂଚନା ଦେଇଛନ୍ତି।

ମଙ୍ଗଳବାର ଏକ କାର୍ (ଓଆର୍-୧୦ଏଚ୍-୦୮୩୭)ରେ ଦୋକାନପୁଟ ଅଞ୍ଚଳରୁ ପଟାଙ୍ଗିକୁ ଗଞ୍ଜେଇ ଚାଲାଣ ହେଉଥିବା ପାଡୁଆ ପୋଲିସ ଖବର ପାଇଥିଲା। ପାଡୁଆ ଏସ୍‌ଆଇ ସୁରେନ୍ଦ୍ର କୁମାର ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ମିଲି ସୁକଲର ଛକରେ ଜଗି ରହିଥିଲା। ଗାଡ଼ିଟିକୁ ଅଟକାଇବାରୁ ଡ୍ରାଇଭର ଦ୍ରୁତଗତିରେ ଅର୍ଲାଓପୁଟ ପଟେ ନେଇଥିଲେ। ପିଛା କରିବାରୁ ଚାଲାଣକାରୀମାନେ ପୋଲିସକୁ ଦେଖାଇ ଗାଡ଼ି ଛାଡ଼ି ପଳାଇବାକୁ ଚେଷ୍ଟା କରିଥିଲେ। ତଥାପି ମଧ୍ୟ ପୋଲିସ ୫ ଜଣଙ୍କୁ କାବୁକରିବାରେ ସଫଳ ହୋଇଥିଲା। ଅଭିଯୁକ୍ତମାନଙ୍କଠାରୁ ଜବତ ବନ୍ଧୁକ ମଧ୍ୟରୁ ଗୋଟିଏରେ ଅଟୋ ପିସ୍ତଲ ମେଡ୍ ଇନ୍ ୟୁଏସ୍‌ଏ ଲେଖାଯାଇଛି। ଏହା ବ୍ୟତୀତ ୨ଟି ମାଗ୍‌ଜିନ, ୪ଟି ଜୀବନ୍ତ ଗୁଳି ଜବତ ହୋଇଛି। ଚାଲାଣକାରୀଙ୍କର ବିହାର ମାଫିଆଙ୍କ ସହ ଗଞ୍ଜେଇ କରାବାର ରହିଥିବା ଜାଣିବା ପରେ ଏକ ଟିମ୍ ବିହାର ଗସ୍ତ କରିଛି। ୧୬ ପ୍ୟାକେଟ ଗଞ୍ଜେଇକୁ ମାଜିଷ୍ଟ୍ରେଟ ଅତିରିକ୍ତ ତହସିଲଦାର ମାଧବ ପାଙ୍ଗୀଙ୍କ ଉପସ୍ଥିତିରେ ଓଜନ କରାଯାଇଥିଲା। ପାଡୁଆ ଥାନା କେସ୍ ନଂ ୧୧୪/୨୫ରେ ମାମଲା ରୁଜୁକରାଯାଇଛି। ଉକ୍ତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପାର୍ଥ କଶ୍ୟପ, ଜୟପୁର ସଦର ଥାନାଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ, ପାଡୁଆ ଥାନାଧିକାରୀ ଅଶୋକ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅସ୍ତ୍ରଶସ୍ତ୍ର ସହ ୧୩୮ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୧୫।୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ମାଓବାଦୀ ସଙ୍ଗଠନ ଦିନକୁ ଦିନ ଭୁଶୁଡ଼ିବାରେ ଲାଗିଛି। ଛତିଶଗଡ଼ରେ ମାଓବାଦୀ ଦମନ ଅଭିଯାନ ଜୋର୍‌ଦାର ହେବା ପରେ ଏନ୍‌କାଉଣ୍ଟରରେ ବହୁ ଟପ୍ କ୍ୟାଡର ମାଓବାଦୀ ନିହତ ହୋଇଛନ୍ତି। ମୁଖ୍ୟ ନେତାଙ୍କ ମୃତ୍ୟୁ ପରେ ମାଓବାଦୀ ସଙ୍ଗଠନକୁ ସକ୍ରିୟ ଭାବେ ଚଳାଇବା ନିମନ୍ତେ ଟପ୍ କ୍ୟାଡରଙ୍କ ଅଭାବ ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ଗତ ୬ ମାସ ମଧ୍ୟରେ ବହୁ ସଂଖ୍ୟକ ମାଓବାଦୀ ଆତ୍ମସମର୍ପଣ କରୁଥିବା ଦେଖିବାକୁ ମିଳିଛି । ଗତ ୨୪ ଘଣ୍ଟା ମଧ୍ୟରେ ଛତିଶଗଡ଼ର ସୁକ୍‌ମା, କାଙ୍କେର ଓ ଗଡଚିରୋଲି ଜିଲାରେ ମୋଟ ୧୩୮ ଜଣ ମାଓବାଦୀ


ସୁକ୍‌ମା ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀ।

ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ଗଡଚିରୋଲିରେ ୬୧ଜଣ, ସୁକ୍‌ମାରେ ୨୭ ଜଣ ଓ କାଙ୍କେରରେ ୫୦ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ବହୁ ଦୁର୍ଦ୍ଧାନ୍ତ ମାଓବାଦୀଙ୍କ ନାମରେ ପୁରସ୍କାର ରାଶି ଘୋଷଣା ହୋଇଥିବାବେଳେ ସେମାନେ ଅସ୍ତ୍ରଶସ୍ତ୍ର ସହ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ପୋଲିସ ନିକଟରେ ଏଲଏମ୍ ଜି, ଏକେ ୪୭, ଇନ୍‌ସାସ ରାଇଫଲକୁ ସମର୍ପିତ କରିଥିଲେ । ସୁକ୍‌ମାରେ ଆତ୍ମସମର୍ପଣ କରିଥିବା ୨୭ ମାଓବାଦୀଙ୍କ ମଧ୍ୟରୁ ୫୦ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀ ଥିବା ପୋଲିସ ସୂତ୍ରରୁ ପ୍ରକାଶ । ବର୍ତ୍ତମାନ ମାଓବାଦୀ ସଂଗଠନ ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ିଯାଇଥିବାବେଳେ ସଂଗଠନର ଟପ୍ କ୍ୟାଡର ମାଓବାଦୀମାନେ ଇତିମଧ୍ୟରେ ପୋଲିସ ଗୁଳିରେ ମୃତ୍ୟୁବରଣ କରିଛନ୍ତି। ଅନ୍ୟପକ୍ଷରେ ସଂଗଠନରେ ପୂର୍ବ ଆଦର୍ଶ ନ ଥିବା, ଛତିଶଗଡ ସରକାରଙ୍କ ଦ୍ୱାରା ଉନ୍ନୟନମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଓ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ନିମନ୍ତେ ଏହି ନିଷ୍ପତ୍ତି ନେଇଥିବା ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ପ୍ରକାଶ କରିଛନ୍ତି। ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀଙ୍କୁ ୫୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବା ସହ ସମସ୍ତଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ ।

# ଟାଙ୍ଗିଆରେ ହାଣି ଯୁବକଙ୍କୁ ହତ୍ୟା, ଜଣେ ଗୁରୁତର

ବିଷମକଟକ,୧୫।୧୦(ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ଅନ୍ତର୍ଗତ ଭାଟଗୁଡ଼ା ଗ୍ରାମରେ ମଙ୍ଗଳବାର ରାତିରେ ଏକ ହତ୍ୟାକାଣ୍ଡ ହୋଇଛି । ସାମାନ୍ୟ ବଚସାରୁ ଜଣେ ଶ୍ରମିକ ତାଙ୍କ ସହଯୋଗୀଙ୍କୁ ଟାଙ୍ଗିଆରେ ଆକ୍ରମଣ କରିବାରୁ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇ ବିଷମକଟକସ୍ଥିତ ଖ୍ରୀଷ୍ଟିଆନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଅଞ୍ଚଳର ଦିଲ୍ଲୀପ ଲୋହୋରା। ବୁଧବାର ସକାଳେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଅଭିଯୁକ୍ତଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ବିଷମକଟକ ବ୍ଲକ୍ ଭାଟଗୁଡ଼ା ଗ୍ରାମରେ ମେଗା ପାନୀୟ ଜଳ ପ୍ରକଳ୍ପର ପାଣିଟାଙ୍କି ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳ ଲାଞ୍ଜିଗଡ଼ ଅଞ୍ଚଳର ଶ୍ରମିକମାନେ ସେଠାରେ ରହି ନିର୍ମାଣ କାର୍ଯ୍ୟ କରୁଛନ୍ତି । ମଙ୍ଗଳବାର ରାତି ପ୍ରାୟ ୧୧ଟା ବେଳେ ସେମାନଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ପରେ ଏହି ଗଣ୍ଡଗୋଳ ଉଗ୍ରରୂପ ନେଇଥିଲା। ଜଣେ ଶ୍ରମିକ କୁନାଲ ଲୋହୋରା ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆରେ ଆକ୍ରମଣ କରିବାରୁ ତାଙ୍କ ସହଯୋଗୀ ଦିଲ୍ଲୀପଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଆକ୍ରମଣରେ ଗୁରୁତର ହୋଇଥିବା ଲଳିତ ମାଝିଙ୍କ ଚିତ୍କାର ଶୁଣି ଭାଟଗୁଡ଼ା ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳକୁ ଯାଇ ଆହତଙ୍କୁ ଉଦ୍ଧାରକରି ମେଡିକାଲକୁ ପଠାଇବା ପରେ ମୃତଦେହ ଜବତ କରିଛି। ମୃତକଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ ପରେ ହସ୍ତାନ୍ତର କରାଯାଇଛି। ଅଭିଯୁକ୍ତ କୁନାଲଙ୍କୁ ପୋଲିସ ଅଟକ ରଖି କେସ୍ ନମ୍ବର ୧୫୩/୨୫ରେ ମାମଲା ରୁଜୁକରି ଅଧିକ ତଦନ୍ତ ଜାରି ରଖିଥିବା ବିଷମକଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି।

# ଆକ୍ରମଣରେ ଗୁରୁତର ଭିଣୋଇଙ୍କ ମୃତ୍ୟୁ, ୨ ଗିରଫ

ଛେଣ୍ଡିପଦା,୧୫।୧୦ (ଅଜିତ ଧଳ)

ସମ୍ପର୍କୀୟ ଶାଳକଙ୍କ ଆକ୍ରମଣରେ ଗୁରୁତର ହୋଇ ଚିକିତ୍ସାଧୀନ ଥିବା ଭିଣୋଇଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଅନୁଗୋଳ ଜିଲା ଜରପଡ଼ା ଥାନା ନାଉପଦା ଗାଁର ଅଜୟ ନାଏକ। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ବୁଧବାର ଅଭିଯୁକ୍ତ ବାଲିପଟା ଗାଁର ସମ୍ପର୍କୀୟ ଶାଳକ ବନି ନାଏକ ଏବଂ ସହଯୋଗୀ ଦାଶରଥୀ ନାଏକଙ୍କୁ ଗିରଫ କରିଛି।

ଅଭିଯୋଗରୁ ପ୍ରକାଶ, ଗତ ସୋମବାର ବାଲିପଟା ଗ୍ରାମର ବନି ଓ ଦାଶରଥି ଯାତ୍ରା ଦେଖିଯିବାକୁ କହି ଭିଣୋଇ ଅଜୟଙ୍କୁ ସାଙ୍ଗରେ ନେଇଥିଲେ। ହେଲେ ଅଜୟ ମଙ୍ଗଳବାର ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ଘରଠାରୁ ୨ କିଲୋମିଟର ଦୂର ଶିବ ମନ୍ଦିର କେନାଲରୁ କ୍ଷତବିକ୍ଷତ ଅବସ୍ଥାରେ ଉଦ୍ଧାର କରିଥିଲେ। ତୁରନ୍ତ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଅଜୟଙ୍କ ମୃତ୍ୟୁ ହୋଇଯାଇଥିଲା। ଏ ନେଇ ଅଜୟଙ୍କ ପରିବାର ଲୋକେ ଛେଣ୍ଡିପଦା ଥାନାରେ ହତ୍ୟା ଅଭିଯୋଗ କରିବା ପରେ ପୋଲିସ ବାଲିପଟା ଗାଁକୁ ଯାଇ ତଦନ୍ତ କରିବା ସହ ଅଭିଯୁକ୍ତ ବନି ଏବଂ ସହଯୋଗୀ ଦଶରଥୀଙ୍କୁ ଗିରଫ କରିଛି।

# ଭଡ଼ାଘରେ ବ୍ଲକ୍ କୃଷି ଅଧିକାରିଣୀଙ୍କ ଝୁଲନ୍ତା ମୃତଦେହ

ବାସୁଦେବପୁର,୧୫।୧୦
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକରେ କାର୍ଯ୍ୟରତ କୃଷି ଅଧିକାରିଣୀ ନିହାରିକା ଦଳେଇ(୩୭)ଙ୍କ ଝୁଲନ୍ତା ମୃତଦେହ ବୁଧବାର ମଧ୍ୟାହ୍ନରେ ସେ ରହୁଥିବା ଭଡ଼ାଘରୁ ଜବତ କରାଯାଇଛି। ଗତ କିଛି ମାସ ହେବ ନୀହାରିକା ବାଲିନଗର ଗ୍ରାମର ଭଡ଼ାଘରେ ରହି ଆସୁଥିଲେ। ଗତ ୨ ଦିନ ଧରି ସେ ଅଫିସକୁ ଆସୁ ନ ଥିଲେ। ବୁଧବାର ସକାଳେ ସେ ନିଜ ଶିଶୁକନ୍ୟାକୁ ବ୍ଲକ୍‌ରୋଡ୍‌ରେ ଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନକୁ ଛାଡ଼ିବାକୁ ଆସିଥିଲେ। କିନ୍ତୁ ମଧ୍ୟାହ୍ନ ପରେ ସେ ଶିଶୁକନ୍ୟାଙ୍କୁ ସ୍କୁଲରୁ ନେବାକୁ ଆସି ନ ଥିଲେ। ବ୍ଲକ୍ କୃଷି କାର୍ଯ୍ୟାଳୟର କେତେଜଣ କର୍ମଚାରୀ ତାଙ୍କ ଭଡ଼ାଘରକୁ ଯାଇ ନିହାରିକାଙ୍କୁ ଖୋଜିଥିବା ବେଳେ ଘରର କବାଟ ଭିତର ପଟୁ ବନ୍ଦ ଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ସ୍ଥାନୀୟ ଲୋକେ, କୃଷି ବିଭାଗ କର୍ମଚାରୀମାନେ ବାସୁଦେବପୁର ପୋଲିସକୁ ସୂଚନା ଦେଇଥିଲେ। ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି। ମୃତା ନୀହାରିକାଙ୍କର ୮ ବର୍ଷୀୟା ଶିଶୁକନ୍ୟାକୁ ବ୍ଲକ୍ କୃଷି କାର୍ଯ୍ୟାଳୟରେ ରଖାଯାଇଥିବା ବେଳେ ଆଇଆଇସି ସେଠାରେ ପହଞ୍ଚି ଶିଶୁର ଦେଖାଶୁଣା କରିଛନ୍ତି। ନିହାରିକାଙ୍କ ଘର ଭଦ୍ରକ ବଙ୍କସାହିରେ ବୋଲି ଜଣାପଡ଼ିଥିବା ବେଳେ ତାଙ୍କ ସ୍ୱାମୀ ସତ୍ୟସମ୍ବିତ ପାଢ଼ୀ ଭୁବନେଶ୍ୱରରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଥିବା ଜଣାପଡ଼ିଛି। ତାଙ୍କ ସ୍ୱାମୀଙ୍କ ଘର କଟକ ଜିଲା ଚୌଦ୍ୱାରରେ। ତେବେ ଏହା ଏକ ଆତ୍ମହତ୍ୟାଜନିତ ଘଟଣା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅପରାହ୍ନ ୪ଟା ବେଳେ ମୃତ ନୀହାରିକାଙ୍କ ସ୍ୱାମୀ ସତ୍ୟସମ୍ବିତ ଓ ତାଙ୍କ ବାପା ଅନିରୁଦ୍ଧ ଦଳେଇ ବାସୁଦେବପୁରରେ ପହଞ୍ଚିବା ପରେ ତାଙ୍କ ଉପସ୍ଥିତିରେ ମୃତଦେହ ଝୁଲନ୍ତା ଅବସ୍ଥାରେ ବାହାର କରାଯାଇ ବ୍ୟବଚ୍ଛେଦ ପାଇଁ ବାସୁଦେବପୁର ଡାକ୍ତରଖାନା ପଠାଯାଇଛି। ମୃତ ନୀହାରିକାଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ହେଲେ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ଆଇଆଇସି କହିଛନ୍ତି।

## ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ

# ପ୍ଲେ ସ୍କୁଲ ମାଲିକ ଗିରଫ

ଅନୁଗୋଳ,୧୫।୧୦
(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ସହରରେ ଥିବା ଏକ ପ୍ଲେ ସ୍କୁଲ ଶିକ୍ଷୟିତ୍ରୀଙ୍କୁ ବିବାହ ପାଇଁ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଲେ। କିଛିଦିନ ଧରି ଏପରି ସମ୍ପର୍କ ପରେ ଆଉ ଧରାଛୁଆଁ ଦେଲେନି ପ୍ଲେ ସ୍କୁଲ ମାଲିକ। ଶେଷରେ ପ୍ରତାରଣାର ଶିକାର ଶିକ୍ଷୟିତ୍ରୀ ଜଣକ ଏ ନେଇ ଅନୁଗୋଳ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପ୍ଲେ ସ୍କୁଲ ମାଲିକଙ୍କୁ ଗିରଫ କରିଛି।

ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଅନୁଗୋଳ ସହରରେ ଅଭିଯୁକ୍ତଙ୍କ ଏକ ପ୍ଲେ ସ୍କୁଲ ରହିଛି। ଉକ୍ତ ସ୍କୁଲରେ ଜଣେ ଯୁବତୀ ସହକାରୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ଅଭିଯୁକ୍ତ ସ୍କୁଲ ମାଲିକ ସମ୍ପୃକ୍ତା ଶିକ୍ଷୟିତ୍ରୀଙ୍କୁ ବାରମ୍ବାର ପ୍ରେମ ନିବେଦନ କରିଥିଲେ। ଶିକ୍ଷୟିତ୍ରୀ ଜଣକ ତାହାକୁ ପ୍ରତ୍ୟାଖ୍ୟାନ କରିଦେବାରୁ ସେ ବିବାହ ପ୍ରତିଶ୍ରୁତି ଦେଇ ସମ୍ପର୍କ ବଢ଼ାଇଥିଲେ। ଏପରିକି ଘରେ କଥା ହେଇ ବିବାହ କରିବେ ବୋଲି କହି ଶାରୀରିକ ସମ୍ପର୍କ ରଖିଥିଲେ। ମାତ୍ର ପରେ ସେ ବିବାହ ପାଇଁ ସିଧାସଳଖ ମନା କରିଥିଲେ। ଏ ନେଇ ଶିକ୍ଷୟିତ୍ରୀ ଜଣକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ମଙ୍ଗଳବାର ଅଭିଯୁକ୍ତ ପ୍ଲେ ସ୍କୁଲ ମାଲିକଙ୍କୁ ଗିରଫ କରିଛି।

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking)
JUIDCO BHAWAN, KUTCHERY ROAD, RANCHI-834001, JHARKHAND.
Ph No.: +91-651-2225878,
CIN: U45200JH2013SGC001752,
e-mail Id-pdt.juidco@gmail.com,juidcolimited@gmail.com

**Tender Cancellation Notice**

**NIT No** – JUIDCO Ltd/NIT/DPR-PMC/SWM/HC/25/657
**Tender ID** – 2025_UDD_102016_1
**PR No.** – 354878

**Project Title** - "Request for Proposal (RFP) for selection of Consultant for providing Consultancy service for Preparation of DPR of Solid Waste Management (SWM) Project and Project Monitoring Consultancy (PMC) at Chattarpur and Hariharhganj"
The tender having details as mentioned above is cancelled due to unavoidable reasons. All bidders are therefore requested to wait for future correspondence regarding fresh tender.

Sd/-
Project Director (Tech)
JUIDCO Ltd.

PR 364183 (Urban Development and Housing) 25-26 (D)

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଉପ ମୁଖ୍ୟ ବୈଦ୍ୟୁତିକ ସେବା ଯନ୍ତ୍ରୀ, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ତା୦୭।୧୧।୨୦୨୫ରିଖ ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: ଟେଣ୍ଡର ସଂଖ୍ୟା: ଏଡିଇଇ-ସୋଲାର-୨୦୨୫-୫ଆର୍-୪, ତାରିଖ: ୧୪।୧୦।୨୦୨୫ । କାର୍ଯ୍ୟର ବର୍ଣ୍ଣନା: ଗାର୍ଡେନ୍ ରିଚ୍‌ଠାରେ ୫୫ ଗୋଟି ୧୦ କେଡବ୍ଲ୍ୟୁପି, ୨୧ ଗୋଟି ୫ କେଡବ୍ଲ୍ୟୁପି ଏବଂ ୪୬ ଗୋଟି ୨ କେଡବ୍ଲ୍ୟୁପିର ଗ୍ରୀଡ୍ ସଂଯୁକ୍ତ ରୁଫ୍ ଟପ୍ ସୋଲାର ପ୍ଲାଣ୍ଟର ବ୍ୟବସ୍ଥା କରିବା । ଟେଣ୍ଡର ମୂଲ୍ୟ: ₹୩,୬୬,୫୦,୨୨୧.୮୦ (ପ୍ରଯୁଜ୍ୟ ଜିଏସଟି ସମେତ) । ଅମାନତ ରାଶି: ₹୩,୩୩,୩୦୦। ଟେଣ୍ଡର ଦସ୍ତାବିଜ ମୂଲ୍ୟ: ଶୂନ (ଜିସିସି-୨୦୨୨ ଅନୁଯାୟୀ ଇ-ଟେଣ୍ଡର କାରଣରୁ) । ବନ୍ଦ ହେବା ତାରିଖ: ତା୦୭।୧୧।୨୦୨୫ରିଖ ୧୫.୦୦ ଘଟିକାରେ । କାର୍ଯ୍ୟର ସମାପ୍ତି ଅବଧି: ଏଲ୍‌ଓଏ ଜାରି ହେବା ତାରିଖରୁ ୦୬ (ଛଅ) ମାସ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-727)

यूनियन बैंक ऑफ़ इंडिया Union Bank of India
भारत सरकार का उपक्रम | A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର**
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ଯେହେତୁ ନିମ୍ନସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ବିଶେଷ କରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।** ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ଭୁବନେଶ୍ୱର ମୁଖ୍ୟ ଶାଖା /** ୧) ଋଣଗ୍ରହୀତା: ଶ୍ରୀ ଅମିତାଭ ଘଡେଇ / ୨) କୋ-ଓବ୍ଲିଗାଣ୍ଟ: ଶ୍ରୀମତୀ ମହେଶ୍ୱେତା ମହାପାତ୍ର, ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ୧୯୭୫/୫୩୨୪, ଆକାରପୁରୀ କଲୋନୀ, ରଥ ରୋଡ, ଓଲ୍ଡ ଟାଉନ୍, ଗୌତମ ନଗର, ଭୁବନେଶ୍ୱର, ଓଡ଼ିଶା | ଟ.୧୯,୯୮,୨୫୯.୯୬ + ସେବାବଦ ସୁଧ | ୧୮.୦୭.୨୦୨୫ / ୧୪.୧୦.୨୦୨୫ | ଶ୍ରୀମତୀ ମହେଶ୍ୱେତା ମହାପାତ୍ର (ବିକ୍ରୟ ଦଲିଲ୍ ନଂ.: ୧୧୧୨୨୨୦୧୪୪୦, ତାରିଖ: ୧୪.୦୩.୨୦୨୨)ଙ୍କ ନାମରେ ଥିବା ବାସୋପଯୋଗୀ ଫ୍ଲାଟ୍ ଯାହାର ଫ୍ଲାଟ୍ ନଂ.: ୪୦୪, ୪ର୍ଥ ମହଲା, "ଶିବଶକ୍ତି ଏନ୍‌କ୍ଲେଭ୍" ୨ ବିଏଚ୍‌କେ, କ୍ଷେତ୍ର: ୧୩୮୨ ବର୍ଗଫୁଟ, ଖାତା ନଂ.: ୧୫୯, ଅନୁରୂପ ଖାତା ନଂ.: ୩୧୧/୪୩୨, ପ୍ଲଟ୍ ନଂ.: ୩୩୧ (ସ୍ଥିତିବାନ), କିସମ: ଘରବାରୀ, ମୌଜା: କଣ୍ଟିଲୋ, ଏସ୍‌ଆର୍‌ଓ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା |
| **ଓଏମ୍‌ସି କ୍ୟାମ୍ପସ୍ ଶାଖା /** ୧) ଋଣଗ୍ରହୀତା: ମେସର୍ସ ଜୟଦୁର୍ଗା ଟ୍ରାନ୍ସପୋର୍ଟ, ଅଂଶୀଦାରମାନେ: (କ) ଶ୍ରୀ ଶୁଭେନ୍ଦୁ କୁମାର ଦାସ, (ଖ) ଶ୍ରୀ ଚିତ୍ତରଞ୍ଜନ ଓଝା, ଉଭୟଙ୍କ ଠିକଣା-୧: ବ୍ଲକ୍-ସି, ପ୍ଲଟ୍ ନଂ.: ୨୨୯, ଜଗନ୍ନାଥ ବିହାର, ରୋଡ ନଂ.: ୬, ଝାରପଡ଼ା, ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଠିକଣା-୨: ରୁମ୍ ନଂ.: ଏ-୧, ପ୍ଲଟ୍ ନଂ.: ୨୩୩୫/୪୦୬୧/୫୧୫୪, ସା: ଜଗତ୍‌ପୁର, ଗୋଲେଇ ଛକ, ଦୁର୍ଗା ମଣ୍ଡପ ନିକଟ, ଜଗତ୍‌ପୁର, କଟକ - ୭୫୪୦୨୧ / ୨) ଗ୍ୟାରେଣ୍ଟିଦାତା: ଶ୍ରୀ ଚିତ୍ତରଞ୍ଜନ ଓଝା (ଅଂଶୀଦାର), ପିତା: ଶ୍ରୀ ନିତ୍ୟାନନ୍ଦ ଓଝା, ସା: ବ୍ରାହ୍ମଣ ମଣିଯୋରି, କଟକ, ଓଡ଼ିଶା - ୭୫୪୨୦୬ / ୩) ବନ୍ଧକଦାତା: ଶ୍ରୀ ଶୁଭେନ୍ଦୁ କୁମାର ଦାସ (ପରିଚାଳନା ଅଂଶୀଦାର), ପିତା: କୃଷ୍ଣ ଚନ୍ଦ୍ର ଦାସ, ଗୋପିନାଥପୁର, ପଧାନପଡା, କଟକ, ଓଡ଼ିଶା - ୭୫୪୨୦୦ | ଟ.୫୫,୦୫,୧୯୯.୫୧ + ସେବାବଦ ସୁଧ | ୨୧.୦୭.୨୦୨୫ / ୧୪.୧୦.୨୦୨୫ | ଶ୍ରୀ ଶୁଭେନ୍ଦୁ କୁମାର ଦାସଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ଖାତା ନଂ.: ୨୬୬/୧୮୦୨, ପ୍ଲଟ୍ ନଂ.: ୯୦୩/୨୩୮୭, ମୌଜା: ଅନନ୍ତପୁର, ଥାନା: ବାଲିଅନ୍ତା ନଂ.: ୮, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, କ୍ଷେତ୍ର: ଏକର ୦.୦୪୦ ଡିସିମିଲି କିମ୍ବା ୧୭୪୨ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୯୦୨, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୯୦୪, ପଶ୍ଚିମ: ପ୍ଲଟ୍ ନଂ.: ୯୦୩ର ଅବଶିଷ୍ଟ |
| **ରସୁଲଗଡ ଶାଖା /** ୧) ଋଣଗ୍ରହୀତା/ବନ୍ଧକଦାତା: ୧(କ) ଶ୍ରୀ ବିରଞ୍ଚି ନାରାୟଣ ବେହେରା / ୧(ଖ) କୋ-ଆପ୍ଲିକାଣ୍ଟ / ବନ୍ଧକଦାତା: ଶ୍ରୀ ରବିନ୍ଦ୍ର କୁମାର ବେହେରା, ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ୨୭୧, ସା: ନହରକଣ୍ଟା, ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା - ୭୫୨୧୦୧ | ଟ.୧୯,୫୫,୭୩୭.୧୨ + ସେବାବଦ ସୁଧ | ୦୧.୦୮.୨୦୨୫ / ୧୩.୧୦.୨୦୨୫ | ଶ୍ରୀ ବିରଞ୍ଚି ନାରାୟଣ ବେହେରା ଏବଂ ଶ୍ରୀ ରବିନ୍ଦ୍ର କୁମାର ବେହେରାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୭୧/୨୧୮୧/୨୭୬୫, ଖାତା ନଂ: ୬୦୯/୮୪୩, କ୍ଷେତ୍ର: ଏକର ୦.୦୩୦ ଡିସିମିଲି ଏବଂ ପ୍ଲଟ୍ ନଂ.: ୨୭୧, ଖାତା ନଂ: ୭୨୦/୧୧୦, କ୍ଷେତ୍ର: ଏକର ୦.୦୧୫ ଡିସିମିଲି, **ମୋଟ କ୍ଷେତ୍ର: ଏକର ୦.୦୪୫ ଡିସିମିଲି,** ଉପରୋକ୍ତ ୨ଟି ପ୍ଲଟ୍‌ର ମୌଜା: ନହରକଣ୍ଟା, ମଞ୍ଚେଶ୍ୱର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର (କାଗଜାତ୍ ଅନୁଯାୟୀ)ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: କୈଳାସ ଚନ୍ଦ୍ର ସାହୁ ଏବଂ ଅନ୍ୟମାନେ, ପୂର୍ବ: ସବ୍ ପ୍ଲଟ୍ ନଂ.: ⅕, ପଶ୍ଚିମ: କୈଳାସ ଚନ୍ଦ୍ର ସାହୁ ଏବଂ ଅନ୍ୟମାନେ |
| **ପୁବାଶାସନ ଶାଖା /** ୧) ଋଣଗ୍ରହୀତା: ଶ୍ରୀ ତଥାଗତ ଭରଦ୍ୱାଜ, ପିତା: ଶ୍ରୀ ଆର୍ତ୍ତତ୍ରାଣ ଜେନା / ୨) ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନେ: ୨(କ) ଶ୍ରୀ ଆର୍ତ୍ତତ୍ରାଣ ଜେନା, ପିତା: ୰ କୁଞ୍ଜ ବିହାରୀ ଜେନା, ୨(ଖ) ଶ୍ରୀ ମନ ଆନନ୍ଦ ସାଗର, ପିତା: ଶ୍ରୀ ଆର୍ତ୍ତତ୍ରାଣ ଜେନା, ସମସ୍ତଙ୍କ ଠିକଣା- ସା/ଗ୍ରାମ: କାକରୁଦ୍ରପୁର, ପୋ: ବାଲିଅନ୍ତା, ଥାନା: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା - ୭୫୨୧୦୨ | ଟ.୧୭,୬୨,୦୮୮.୩୫ + ସେବାବଦ ସୁଧ | ୨୮.୦୭.୨୦୨୫ / ୧୪.୧୦.୨୦୨୫ | ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୬୯୦, ବର୍ତ୍ତମାନର ଖାତା ନଂ.: ୨୩, କ୍ଷେତ୍ର: ଏକର ୦.୧୩୦ ଡିସିମିଲି, ମୌଜା: କାକରୁଦ୍ରପୁର, ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ଉତ୍ତର: ବାରି, ଦକ୍ଷିଣ: ସର୍ବସାଧାରଣ ରାସ୍ତା, ପଶ୍ଚିମ: ରାଜ କିଶୋର ଜେନା, ପୂର୍ବ: ବିମଳ ଚନ୍ଦ୍ର ଜେନା |

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୫.୧୦.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking)
JUIDCO BHAWAN, KUTCHERY ROAD, RANCHI, JHARKHAND
Ph. No.: +91-651-2225878, Mob. No.: +91 9471006062
E-mail Id-juidcolimited@gmail.com
CIN: U45200JH2013SGC001752

**Notice Inviting Tender**
3rd Tender Call
NIT No.: JUIDCO/ NIT/DPR-PMC/SWM/HC/25/ 668
Dated:15.10.2025

| | | |
|---|---|---|
| 1. | Name of the work | "Request for Proposal (RFP) for selection of Consultant for providing Consultancy services for Preparation of DPR of Solid Waste Management (SWM) Project and Project Monitoring Consultancy (PMC) at Chattarpur and Hariharganj." |
| 2. | Mode of Bid Submission | e-tendering (http://jharkhandtenders.gov.in) |
| 3. | Tender Fee and Earnest Money to be submitted online | Tender document fee: Rs 10,000/- (Rupees Ten Thousand)only – Non-Refundable. Bid Security : Rs. 2,00,000/- (Rupees Two lakh only), to be paid online. |
| 4. | Date / Time of Publication of Tender on Website | 15.10.2025; 17.00hrs |
| 6. | Last Date / Time of Bid Submission | 29.10.2025; 17.00hrs |
| 7. | Date/Time of Bid Opening | 30.10.2025; 17.00hrs |
| 8. | Name and Address of office inviting Tender. | Jharkhand Urban Infrastructure Development Company Ltd, JUIDCO Bhawan, Kutchery Chowk, Ranchi-834001 |
| 9. | Helpline No. of e-Procurement Cell | +91 651 2225878 |

Note: Only e-tenders will be accepted.
Further details are available on Jharkhand Government e-procurement website http://jharkhandtenders.gov.in

Sd/-
Project Director (Tech.)
JUIDCO Ltd., Ranchi

PR 364215 Urban Development and Housing(25-26).D

## ପାର୍ବଣ ଋତୁରେ ୬୮୪ ଜୁଆଡ଼ି ଗିରଫ

ଛତ୍ରପୁର, (ଦିଲୀପ ସାମଲ)ପାର୍ବଣ ଋତୁରେ ଗଞ୍ଜାମ ପୋଲିସ ପକ୍ଷରୁ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ସ୍ୱତନ୍ତ୍ର ଡ୍ରାଇଭ କରାଯାଇ ବିଭିନ୍ନ ଜୁଆଆଡ୍ଡା ଉପରେ ଚଢ଼ାଉ କରାଯାଇଥିଲା । ସେପ୍ଟେମ୍ବର ୧୫ରୁ ଅକ୍ଟୋବର ୧୪ ପର୍ଯ୍ୟନ୍ତ ପୋଲିସ ଜିଲାର ବିଭିନ୍ନ ଥାନା ପକ୍ଷରୁ ୧୧୩ଟି ଜୁଆଆଡ୍ଡା ଉପରେ ଚଢ଼ାଉ ହୋଇଥିଲା । ଏନେଇ ମାମଲା ରୁଜୁ ହେବା ସହ ୩୫ ଗାଡ଼ି ଓ ୨୮ ଲକ୍ଷ ୩୨ ହଜାର ୮୫୦ ଟଙ୍କା ଜବତ କରାଯାଇଛି । ଏଥିସହ ଜୁଆ ଖେଳୁଥିବା ୬୮୪ ଜଣଙ୍କୁ ଗିରଫ କରାଯାଇଛି ।

## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କାର ବାଣ ଜବତ

ପାତ୍ରପୁର,୧୫।୧୦(ଉମା ଚରଣ ନେପାକ): ଗଞ୍ଜାମ ଜିଲା ଜରଡା ଥାନା ପକ୍ଷରୁ ବୁଧବାର ପାତ୍ରପୁର ତଳ ବସଷ୍ଟାଣ୍ଡ ଦୁର୍ଗା ମନ୍ଦିର ନିକଟସ୍ଥ ବାଣ ଗୋଦାମ ଉପରେ ଚଢାଉ କରାଯାଇଥିଲା । ସେଠାରୁ ଲକ୍ଷାଧିକ ଟଙ୍କାର ବେଆଇନ ବାଣ ଜବତ ହୋଇଛି । ବେଆଇନ ବାଣ କାରବାର ସମ୍ପର୍କରେ ସୂଚନା ପାଇ ଅପରାହ୍ନରେ ଚିକିଟି ଏସଡିପିଓ ବିଶ୍ୱାମିତ୍ର ହରପାଲଙ୍କ ଉପସ୍ଥିତିରେ ଜରଡା ଭାରପ୍ରାପ୍ତ ଥାନା ଅଧିକାରୀ ମିନାକ୍ଷୀ ଦଳବେହେରା ଓ ତାଙ୍କ ଟିମ୍ ଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ଥିବା ଉକ୍ତ ଗୋଦାମ ଘରୁ ବିପୁଳ ପରିମାଣର ବାଣ ଜବତ କରିଥିଲେ । ଜବତ ବାଣ ଓ ସାମଗ୍ରୀର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କା ହେବ ବୋଲି ଏସ୍‌ଡିପିଓ ସୂଚନା ଦେଇଛନ୍ତି । ଜବତ ବାଣକୁ ୨ଟି ଗାଡିରେ ଥାନାକୁ ଅଣାଯାଇଥିଲା । ଅନ୍ୟପକ୍ଷରେ ପାତ୍ରପୁର ମୁଖ୍ୟ ରାସ୍ତା କଡ଼ରେ ଏକାଧିକ ବାଣ ଦୋକାନ ଖୋଲିଥିବା ବେଳେ କେବଳ ଗୋଟିଏ ଘରେ ପୋଲିସ ଚଢ଼ାଉ କରି ହାତ ଝାଡି ଦେଇଥିବାରୁ ବୁଦ୍ଧିଜୀବୀ ମହଲରେ ବିସ୍ମୟ ସୃଷ୍ଟି କରିଛି । ଜରଡା ଥାନା ଅଞ୍ଚଳର ପାତ୍ରପୁର, ଜରଡା, ଜୟନ୍ତୀପୁର, ବି. ନୂଆଗାଁ, ସୁରଙ୍ଗି ଓ ସବରଦାଇପେଟା ଆଦିରେ ବେଆଇନ ବାଣ ବ୍ୟବସାୟ ଚାଲିଛି ।

### ୧୦୦ ଟିବି ରୋଗୀଙ୍କୁ ପୁଷ୍ଟିସାର ଖାଦ୍ୟ

କବିସୂର୍ଯ୍ୟନଗର,୧୫।୧୦(କୃପାସିନ୍ଧୁ ସ୍ୱାଇଁ) ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୈଠକ ଗୃହରେ ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଛି । ଏଠାରେ ଛତ୍ରପୁରସ୍ଥିତ ଆଇଆରଇଏଲ ପକ୍ଷରୁ ମିଳିଥିବା ୧୦୦ ପ୍ୟାକେଟ ପୁଷ୍ଟିସାରଯୁକ୍ତ ଶୁଖିଲା ଖାଦ୍ୟ ସାମଗ୍ରୀକୁ ୧୦୦ ଜଣ ଟିବି ରୋଗୀଙ୍କୁ ବଣ୍ଟନ କରାଯାଇଥିଲା । ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଶାନ୍ତ କୁମାରଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ପ୍ରତିନିଧି ଶ୍ରୀକାନ୍ତ ମହାପାତ୍ର, ମୁଖ୍ୟ ବକ୍ତା ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପୀତାମ୍ବର ସେଠୀ, ସମ୍ମାନିତ ଅତିଥି ରୂପେ କବିସୂର୍ଯ୍ୟନଗର ବିଧାୟକ ପ୍ରତିନିଧି ଅଶୋକ ଜେନା, ଯୁବ ସମାଜିକ କର୍ମୀ ରାମପ୍ରସାଦ ମହାରଣା, ଆଇନଜୀବୀ ବି. ଶଙ୍କର ପାତ୍ର ଉପସ୍ଥିତ ଥିଲେ । ଟିବି ରୋଗର ନିରାକରଣ ଓ ସୁସ୍ଥ ସ୍ୱାସ୍ଥ୍ୟ ଉପରେ ଅତିଥିମାନେ ବିଭିନ୍ନ ପରାମର୍ଶ ଦେଇଥିଲେ । ଟିଡିସି ଗୋପବନ୍ଧୁ ସ୍ୱାଇଁ ପରିଚାଳନା କରିଥିଲେ ।

### ବାଲିପଦର, ଡେଙ୍ଗାପଦରରୁ ବାଣ ଜବତ

ବୁଗୁଡା,୧୫।୧୦(କାଳିଚରଣ ଦାଶ)

ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଡେଙ୍ଗାପଦର ଗାଁ ଛକ ଏବଂ ବାଲିପଦର ଗ୍ରାମରେ ପୋଲିସ ଚଢାଉ କରି ବାଣ ଜବତ କରିଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି । ବୁଧବାର ସକାଳେ ବାଲିପଦର ଗ୍ରାମରେ ବିନା ଲାଇସେନ୍ସରେ ବାଣ ବିକ୍ରି ହେଉଥିବା ବେଳେ ପୋଲିସ ଚଢାଉ କରି ସେଗୁଡ଼ିକୁ ଜବତ କରିବା ସହ କେସ୍ ନଂ. ୬୪୪/୨୫ରେ ଏକ ମାମଲା ରୁଜୁ କରିଛି । ସେହିପରି ଡେଙ୍ଗାପଦର ଗାଁ ଛକରେ ବେଆଇନ ବାଣ ବିକ୍ରି ଉପରେ ଚଢାଉ କରି ବାଣ ଜବତ ସହ କେଶ୍ ନଂ. ୬୪୫/୨୫ରେ ଏକ ମାମଲା ମଧ ରୁଜୁ ହୋଇଛି । ତେବେ ଉଭୟ ସ୍ଥାନରୁ ଜବତ ବାଣର ପରିମାଣ ୫୦ ହଜାର ଟଙ୍କା ହୋଇଥିବା ବେଳେ ଏହି ଚଢାଉ କାର୍ଯ୍ୟରେ ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡିଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀମାନେ ସାମିଲ ଥିଲେ ।

# ପକ୍କା ରାସ୍ତା ପାଇଁ ଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

ଖଜୁରିପଡ଼ା,୧୫।୧୦(ବିଦୁର ବେହେରା) ଗାଁକୁ ଯିବା ଆସିବା କରିବାପାଇଁ ଭଲ ରାସ୍ତା ଟିଏ ନାହିଁ । ପ୍ରତିଦିନ ରାସ୍ତା ସମସ୍ୟା ସହିତ ଜୁଝିହୁଅନ୍ତି ଗ୍ରାମବାସୀ । ପାଦ ଚଲା ରାସ୍ତାରେ ଘଞ୍ଚ ଜଙ୍ଗଲ ଦେଇ ନଦୀ ନାଳ ଡେଇଁ ଶିକ୍ଷା, ସ୍ୱାସ୍ଥ୍ୟ, ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ ପାଇଁ ଗ୍ରାମବାସୀ ବିପଦ ପୂର୍ଣ୍ଣ ରାସ୍ତାରେ ଯାତାୟାତ କରନ୍ତି । କାହାର ଦେହ ଖରାପ ହେଲେ ଗାଁକୁ ଆମ୍ବୁଲାନ୍ସ ପହଞ୍ଚି ପାରୁନି । ଏହି ଭଳି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଖଜୁରିପଡ଼ା ବ୍ଲକ ଦଳପଡା ପଞ୍ଚାୟତ


ପୋଲ ନ ଥିବାରୁ ନଦୀରେ ପାରହେଇ ଯାଉଛନ୍ତି ଲୋକମାନେ ।

ଅଧୀନସ୍ଥ ସାକାଡି ଗ୍ରାମବାସୀ । ପଞ୍ଚାୟତ କାର୍ଯ୍ୟାଳୟଠାରୁ ୭ କିମି ଦୂରରେ ରହିଛି ଏହି ସାକାଡ଼ି ଗ୍ରାମ । ରାସ୍ତା ଅସୁବିଧା ପାଇଁ ଗାଁକୁ ସରକାରଙ୍କ ଜନ କଲ୍ୟାଣ ଯୋଜନା ପହଞ୍ଚି ପାରୁନି । ଏହି ଗାଁକୁ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ବିଧାୟକ ଉମା ଚରଣ ମଲ୍ଲିକଙ୍କୁ ଅଭିଯୋଗ ଜଣାଇବାର ଦୀର୍ଘଦିନ ବିତି ଯାଇଥିଲେ ସୁଦ୍ଧା ଗାଁକୁ ରାସ୍ତା ନିର୍ମାଣ ହୋଇନାହିଁ । ଏନେଇ ଗ୍ରାମର ସାଇବନ କହଁର, କାର୍ତ୍ତିକ ଜାନି, ବିଜୟ ଜାନି ସମେତ ବହୁ ଗ୍ରାମବାସୀ ଜିଲାପାଳଙ୍କୁ ରାସ୍ତା ନିର୍ମାଣ ପାଇଁ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ନିବେଦନ କରିଛନ୍ତି । ଜିଲାପାଳ ଏ ଦିଗରେ କେବେ ପଦକ୍ଷେପ ନେଉଛନ୍ତି ତାହା ଦେଖିବା ଅପେକ୍ଷାରେ ଅଛନ୍ତି ଗ୍ରାମବାସୀ ।

## ଚାମ୍ପିୟନ କବାଡ଼ି ଟିମ୍‌କୁ ସମ୍ବର୍ଦ୍ଧନା


ଅତିଥିଙ୍କ ଗହଣରେ କ୍ରୀଡାବିତମାନେ ।

ଆସିକା,୧୫।୧୦(ସୁରେନ୍ଦ୍ର ନାଥ ସାହୁ): ଗଞ୍ଜାମ ଜିଲା ହିଂଜିଳିକାଟୁସ୍ଥିତ ବୃନ୍ଦାବନ ବିଦ୍ୟାପଠୀ ଠାରେ ଗତ ୧୦ ତାରିଖ ଠାରୁ ୩ଦିନ ଧରି ହୋଇଥିବା ଜିଲାସ୍ତରୀୟ କବାଡି ପ୍ରତିଯୋଗିତାରେ ଆସିକା ବ୍ଲକ ଚାମ୍ପିୟନ ହୋଇଛି । ମଙ୍ଗଳବାର ଆସିକା ହରିହର ହାଇସ୍କୁଲଠାରେ ବିଜୟୀ ଖେଳାଳିମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ଆସିକା ବ୍ଲକ କ୍ରୀଡା ସଂଗଠନ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୂନନ୍ଦନ ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ରୂପେ ବ୍ଲକ କ୍ରୀଡା ସଂପାଦକ କୈଳାସ ଗୌଡ, ସହ ସମ୍ପାଦକ ମଦନମୋହନ ବାଡତ୍ୟା, ପୂର୍ବତନ ବ୍ଲକ କ୍ରୀଡା ସଂପାଦକ ଇନ୍ଦିରା ଦାସ, ସାରଙ୍ଗଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭଲ ଖେଳ ପ୍ରଦର୍ଶନ କରି ଜାତୀୟ ସ୍ତରକୁ ମନୋନୀତ ହେବାକୁ ଖେଳାଳିମାନଙ୍କୁ ଆଶିର୍ବାଦ କରିଥିଲେ । କାର୍ଯକ୍ରମରେ ସ୍ୱଦେଶ କୁମାର ଦଳାଇ, ଚନ୍ଦ୍ରଶେଖର ଦାସ, ଜଗନ୍ନାଥ ବିଶ୍ୱାଳ, ସନ୍ତୋଷ ବେହେରାଙ୍କ ସମେତ ବହୁ କ୍ରୀଡା ଶିକ୍ଷକ ସାମିଲ ଥିଲେ ।

## ବିଜେଡି ନେତାଙ୍କ ବିୟୋଗରେ ଶୋକସଭା

ରମ୍ଭା,୧୫।୧୦(ବନବାସୀ ସେଠୀ)

ରମ୍ଭା ମିଞ୍ଚିନି ପାଟଣା ସ୍ଥିତ ବାବା ଆଖଣ୍ଡଳ ମଣି ମନ୍ଦିର ପ୍ରାଙ୍ଗଣରେ ରମ୍ଭା ଟାଉନ ସଭାପତି ଶ୍ରୀକାନ୍ତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଛି । ଏଥିରେ ପୂର୍ବତନ ବାଚସ୍ପତି ରାମଚନ୍ଦ୍ର ପଣ୍ଡା ଯୋଗଦେଇ ନାରାୟଣଙ୍କ ଅକାଳ ବିୟୋଗରେ ରମ୍ଭା ବିଜେଡିର ବହୁତ ବଡ କ୍ଷତି ହୋଇଗଲା ବୋଲି କହିଥିଲେ । ରମ୍ଭା ତଥା ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ତାଙ୍କର ଖ୍ୟାତି ରହିଥିଲା । ସଭାରେ ରମ୍ଭା ଏନଏସିର ପୂର୍ବତନ ଚେୟାରମ୍ୟାନ ବିଜୟ ଚନ୍ଦ୍ର ବିଶ୍ୱାଳ, ପୂର୍ବତନ ମଣ୍ଡଳ ସଭାପତି ରାଜେନ୍ଦ୍ର ପାତ୍ର, ବନବାସୀ ନାହାକ, ମନୋଜ ତରେଇ, ବାବାଜୀ ପାତ୍ର, ସୁବାଷ ଚନ୍ଦ୍ର ବେଜ, ପୂର୍ବତନ କାଉନସିଲର କାମେଶ୍ୱର ବେହେରା, ଡ଼ମ୍ବରୁଧର ପାତ୍ର, ଉମେଶ ମହାନ୍ତି, ଦୁଃଶାସନ ପାତ୍ର, ବୁଲୁ ବେହେରା, ଜିତେନ୍ଦ୍ର ନାୟକ ପ୍ରମୁଖ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ ।

## ୮ ଜଣିଆ ଡକାୟତି ଗ୍ୟାଙ୍ଗକୁ ଧରିଲା ପୋଲିସ

ବାଲିଗୁଡ଼ା,୧୫।୧୦(ସଞ୍ଜୟ କୁମାର ପାଣିଗ୍ରାହୀ) କନ୍ଧମାଳ ଜିଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକ୍ ସାରଙ୍ଗଗଡ଼ ଥାନା ପୋଲିସ ୮ ଜଣିଆ ଡକାୟତି ଗ୍ୟାଙ୍ଗକୁ ଧରି ସେମାନଙ୍କ ମଧ୍ୟରୁ ୭ ଜଣଙ୍କୁ କୋର୍ଟଚାଲାଣ କରିଛି । ଗୁଟିଙ୍ଗିଆର କାଦପିଡା ଡ୍ୟାମ ନିକଟରେ କ୍ୟାମ୍ପ କରି ରହୁଥିବା ସମ୍ବଲପୁର ଅଞ୍ଚଳର ଯାଯାବରମାନଙ୍କ ଠାରୁ ଉକ୍ତ ଡକାୟତି ଗ୍ୟାଙ୍ଗ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ନଗଦ ୧୦ ହଜାର ୫ ଶହ ଟଙ୍କା, ଏକ ବାଇକ୍ ଓ ମୋବାଇଲ ଲୁଟି ନେଇଥିଲେ । ଯାଯାବରଙ୍କ ପକ୍ଷରୁ ଅଭିଯୋଗ ପରେ ସାରଙ୍ଗଗଡ଼ ପୋଲିସ ତଦନ୍ତ କରି ୮ ଜଣିଆ ଡକାୟତି ଗ୍ୟାଙ୍ଗକୁ ଗିରଫ କରିଛି । ସେମାନଙ୍କଠାରୁ ଲୁଟ୍ କରିଥିବା ଟଙ୍କା, ବାଇକ୍, ମୋବାଇଲ ଓ ସେମାନେ ବ୍ୟବହାର କରିଥିବା ପିକଅପ ଭ୍ୟାନ୍ (ନଂ ଓଡି୧୧ଟି-୬୮୬୯)କୁ ଜବତ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ସାରଙ୍ଗଗଡ଼ ଥାନା ଅନ୍ତର୍ଗତ ଦାସିଗୁଡା ଗ୍ରାମର ଗୁଡୁ ଓରଫ ଗୁଛାକେଶ ପ୍ରଧାନ, ଜିରିଡିକିଆର ରବିନ୍ଦ୍ର ପ୍ରଧାନ, ପାଇଖଣ୍ଡା ସାହିର ପିଣ୍ଟୁ ସାହୁ ଓ ଚିଣ୍ଟୁ ସାହୁ, ଅଶୋକ ନଗର ହରିଜନ ସାହିର ମାନସ ନାୟକ, ଓମ୍ କୁମାର ମୁଖି, ଦୀପକ ମୁଖୀ ଓ ଜଣେ ନାବାଳକ (୧୭) ଅଛନ୍ତି । ୭ ଜଣ ଡକାୟତଙ୍କୁ କୋର୍ଟ ଚାଲାଣ କରାଯାଇଛି । ନାବାଳକଙ୍କୁ ଗୁରୁବାର ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ନିକଟରେ ହାଜର କରାଯିବ ବୋଲି ପୋଲିସ କହିଛି । ଏନେଇ ଥାନାଧିକାରୀ ବଧୁଲିକା ବିଶ୍ୱାଳ ନଂ.୧୮୭/୨୫ରେ ଦଫା ୩୧୦(୨) ଓ ୧୦୯ ବିଏନଏସ ଧାରାରେ ଏକ ମାମଲା ରୁଜୁ କରି ଏସଆଇ ଅନୀଲ ପଲେଇଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ ।

## କାର ଧକ୍କାରେ ୨ ଗୁରୁତର

ଗଞ୍ଜାମ,୧୫।୧୦(ବିଦ୍ୟାଧର ସାହୁ): ଗଞ୍ଜାମ ଥାନା ଅନ୍ତର୍ଗତ ପୁଇଁତୋଳା ଛକରେ ମଙ୍ଗଳବାର ରାତି ୯ଟା ବେଳେ କାର ଧକ୍କାରେ ୨ଜଣ ଗୁରୁତର ହୋଇଛନ୍ତି । ଜଣେ ହେଲେ ପୁଇଁତୋଳା ଗ୍ରାମର ସନ୍ତୋଷ ତରାଇ ଓ ଅନ୍ୟ ଜଣେ ଆହତଙ୍କ ପରିଚୟ ମିଳି ପାରିନି । କୌଣସି କାମରେ ସନ୍ତୋଷ ଲୁନାରେ ଗାଁ ଛକକୁ ଯାଇଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ଅନ୍ୟ ଯୁବକ ମଧ ନିଜେ ବାଇକ୍‌ରେ ଯାଉଥିଲେ । ସନ୍ତୋଷଙ୍କ ମୁହଁରେ ଗଭୀର ଆଘାତ ଲାଗିଛି । ସ୍ଥାନୀୟ ଲୋକେ ଆହତଙ୍କୁ ପ୍ରଥମେ ଛତ୍ରପୁର ମେଡିକାଲରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି । ଘଟଣାସ୍ଥଳରୁ କାର୍‌ଟି ଫେରାର ହୋଇଯାଇଛି ।

### ମା'ବ୍ରାହ୍ମଣୀ ଦେଈ ମନ୍ଦିର ପରିସରରୁ ହାଡ଼ ମିଳିବା ଘଟଣା

## ଘଟଣା ସ୍ଥଳ ଅନୁଧ୍ୟାନ କଲେ ଏସ୍‌ପି


ଏସ୍‌ପି ମନ୍ଦିର ଚାରିପାର୍ଶ୍ୱ ଅନୁଧ୍ୟାନ କରି ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି ।

ମୋହନା.୧୫।୧୦(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ କର୍ଚ୍ଚବାଡି ଗାଁରେ ଥିବା ମା' ବ୍ରାହ୍ମଣୀଦେଈ ମନ୍ଦିର ପରିସରରେ ମଙ୍ଗଳବାର ସକାଳେ ଏକ ହାଡ ପଡିଥିବା ପୂଜାରୀ ନରେନ୍ଦ୍ର ପାଇକ ମନ୍ଦିରକୁ ପୂଜା କରିବାକୁ ଯାଇ ଦେଖିବାକୁ ପାଇଥିଲେ । ମନ୍ଦିର ପରିସରରେ ଥିବା ସିଂହ ପାଖରେ ଏକ ହାଡ଼ ପଡିଥିବା ସେ ଦେଖିଥିଲେ । ପରେ ନରେନ୍ଦ୍ର ଏ ସମ୍ପର୍କରେ ଗ୍ରାମବାସୀଙ୍କୁ ଜଣାଇବା ସହ ପୋଲିସକୁ ଅବଗତ କରାଇଥିଲେ । ଖବର ପାଇ ମୋହନା ଥାନା ଅଧିକାରୀ ବସନ୍ତ ସେଠୀ ଘଟଣା ସ୍ଥଳରେ ପହଞ୍ଚି ପଡିଥିବା ହାଡ଼ ଜବତ କରିଥିଲେ । ଏହି ଘଟଣାରେ ବୁଧବାର ଏସ୍‌ପି ଯତୀନ୍ଦ୍ର ପଣ୍ଡା, ଥାନା ଅଧିକାରୀ ସେଠୀ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏନେଇ ମନ୍ଦିର କମିଟି, ଗ୍ରାମବାସୀ, ସରପଞ୍ଚ, ସମିତି ସଭ୍ୟଙ୍କ ସହ ଏସ୍‌ପି ଆଲୋଚନା କରି ପଚରାଉଚରା କରିଥିଲେ । ମନ୍ଦିର ଚାରିପାଖରେ ସିସି କ୍ୟାମେରା ଲଗାଇବାକୁ ସେ ସରପଞ୍ଚ ଚାନ୍ଦିନୀ ମଲ୍ଲିକ, ସମିତିସଭ୍ୟ ଟୁନା ମଲ୍ଲିକଙ୍କୁ ପରାମର୍ଶ ଦେଇଥିଲେ । ଏଥିରେ ଗ୍ରାମବାସୀ ଭୟଭୀତ ନ ହେବାପାଇଁ ଆଶ୍ୱସନା ଦେଇ ଏହି ଘଟଣାରେ ଯିଏ ଦୋଷୀ ଧରାପଡିବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।

## ହୃଦ୍‌ଘାତରେ ବିଜେଡି ବ୍ଲକ୍ ସଭାପତିଙ୍କ ବିୟୋଗ

ଦିଗପହଣ୍ଡି,୧୫।୧୦(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ବିଜେଡି ସଭାପତି ବିଭୂତି ଭୂଷଣ ମହାପାତ୍ର(୬୩)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି । ଦିଗପହଣ୍ଡି ଏନ୍‌ଏସି ୱାର୍ଡ ନଂ.୨ ବିଷ୍ଣୁପ୍ରିୟା ନଗରରେ ରହୁଥିବା ବିଭୂତି ମଙ୍ଗଳବାର ରାତି ପ୍ରାୟ ସାଢ଼େ ୧୦ଟାରେ ଖାଇସାରି ବସିଥିବା ବେଳେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ । ପରେ ଫାର୍ମାସିଷ୍ଟ ସୀମାଞ୍ଚଳ ପଣ୍ଡାଙ୍କୁ ଫୋନ୍ କରି ଡାକିବା ସମୟରେ ପାଖରେ ବସିଥିବା ତାଙ୍କ ପତ୍ନୀଙ୍କ ଉପରେ ସେ ଟଳିପଡ଼ିଥିଲେ । ବମକେଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ଭଗବାନ୍ ବାଡ଼ତ୍ୟା ଏବଂ ଫାର୍ମାସିଷ୍ଟ ସୀମାଞ୍ଚଳ ପଣ୍ଡା ତାଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଅଚେତ ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ମୃତଦେହକୁ ପୈତୃକ ଗାଁ ପନାଡ଼ ଗ୍ରାମକୁ ନିଆଯାଇଥିଲା । ସେଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ପଞ୍ଚାୟତ ଜନସାଧାରଣ ଶେଷଦର୍ଶନ କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ତାଙ୍କ ପରଲୋକ ଖବର ପାଇ ବିଜେଡି ରାଜ୍ୟ ପରିଷଦ ସଦସ୍ୟ ବିପ୍ଳବ ପାତ୍ର, ବିଜେଡି ଗଞ୍ଜାମ ଜିଲା ସଭାପତି ବିକ୍ରମ ପଣ୍ଡା, ଦିଗପହଣ୍ଡି ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ବ୍ରହ୍ମପୁର ଏମ୍‌ପିଙ୍କ ପ୍ରତିନିଧି କେ. ହରିବନ୍ଧୁ ରେଡ୍ଡୀ, ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, କାଉନ୍‌ସିଲର ଦୀପକ ମିଶ୍ର, ସୁଶାନ୍ତ ପାତ୍ର, ସରପଞ୍ଚ ସଂଘ ବ୍ଲକ ସଭାପତି ଫନେନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ ପ୍ରମୁଖ ଶୋକପ୍ରକାଶ କରି ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

### ୭ ରାଷ୍ଟ୍ରର ମହିଳା ଉଦ୍ୟୋଗୀଙ୍କୁ ନେଇ ଆଭାସି କାର୍ଯ୍ୟକ୍ରମ

## ଭାରତରୁ ପ୍ରତିନିଧିତ୍ୱ କଲେ ଛତ୍ରପୁରର ସଙ୍ଗୀତା, ଜ୍ୟୋତି


ଆଭାସି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସଙ୍ଗୀତା ଓ ଜ୍ୟୋତି ।

ଛତ୍ରପୁର, ୧୫।୧୦(ଦିଲୀପ ସାମଲ) ଆନ୍ତର୍ଜାତିକ ଗ୍ରାମାଞ୍ଚଳ ମହିଳା ଦିବସ ଅବସରରେ ବୁଧବାର ବାଂଲାଦେଶ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳ ମହିଳା ଉଦ୍ୟୋଗୀମାନଙ୍କ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ଏସିଆ ମହାଦେଶର ୭ଟି ରାଷ୍ଟ୍ରର ମହିଳା ଉଦ୍ୟୋଗୀମାନେ ଆଭାସି ମାଧ୍ୟମରେ ଭାଗ ନେଇଥିଲେ । ଭାରତରୁ ୨ ମହିଳା ଉଦ୍ୟୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ସେମାନେ ହେଲେ ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର କାଳିଆବାଲି ଗାଁର ଏସ୍. ଜ୍ୟୋତି ରେଡ୍ଡୀ ଏବଂ ନରେନ୍ଦ୍ରପୁର ପଞ୍ଚାୟତ ନରେନ୍ଦ୍ରପୁର ଗ୍ରାମର ସଙ୍ଗୀତା ଦଳାଇ । ଏହି ୨ ମହିଳା ଆଭାସୀ ମାଧ୍ୟମରେ ବାଂଲାଦେଶ ସରକାରଙ୍କ ମନ୍ତ୍ରୀଙ୍କ ଉପସ୍ଥିତିରେ ସେମାନଙ୍କ ଉଦ୍ୟୋଗଜନିତ ସଫଳତା ଉପରେ କହିଥିଲେ । ସଙ୍ଗୀତା ପ୍ରଥମେ ୪୦ ହଜାର ଟଙ୍କା ଋଣ ନେଇଥିଲେ । ୧୦ଟି ଗାଈ ରଖିବା ସହ ପରବର୍ତ୍ତୀ ସମୟରେ ସେ ସିଆଇଏଫ୍ ଋଣ ବାବଦରେ ୧ ଲକ୍ଷ ଟଙ୍କା ନେଇଥିଲେ । ଏବେ ବାର୍ଷିକ ୨ ଲକ୍ଷ ଆୟ କରି ବେଶ୍ ସଫଳତା ପାଇଛନ୍ତି । ସେହିପରି ଜ୍ୟୋତି ବ୍ରଏଲର କୁକୁଡ଼ା, କିଆଫୁଲ ଚାଷ ଏବଂ ବିନା ପିଡ଼ିଆରେ ପନିପରିବାର ଚାଷ କରୁଛନ୍ତି । ୨ ଲକ୍ଷ ୭୫ ହଜାର ଟଙ୍କା ଋଣ ଆଣି ଏ ସବୁ ବ୍ୟବସାୟ କରିଥିଲେ । ତାଙ୍କର ବାର୍ଷିକ ଆୟ ଏବେ ୫ ଲକ୍ଷ ଟଙ୍କା ବୋଲି ସେ ପ୍ରକାଶ କରିଥିଲେ । ଆଭାସୀ ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଜୀବିକା ମିଶନର ଜିଲା ପ୍ରକଳ୍ପ ସଂଯୋଜକ ସନ୍ତୋଷ ରଥ, ଛତ୍ରପୁର ବ୍ଲକ ସଂଯୋଜିକା ମାନିନୀ ଜେନା, ଜୋନାଲ ସଂଯୋଜକ ରୁଦ୍ର ଆଶିଷ ବେହେରା, ସାହିଲ ତ୍ରିପାଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ବ୍ଲକ୍ ଅଧ୍ୟକ୍ଷା ଦାୟିତ୍ୱ ଗ୍ରହଣ କଲେ ରୀନା ପ୍ରଧାନ



ରାଇକିଆ,୧୫।୧୦(ପ୍ରଦୀପ ବେହେରା) କନ୍ଧମାଳ ଜିଲା ରାଇକିଆ ବ୍ଲକ୍ ଅଧ୍ୟକ୍ଷା ଭାବେ ରିନା ପ୍ରଧାନ ଦାୟିତ୍ୱ ଗ୍ରହଣ କରିଛନ୍ତି । ବ୍ଲକ୍ ଅଧ୍ୟକ୍ଷ ପ୍ରିତମ ପ୍ରଧାନ ଅନାସ୍ଥା ଭୋଟରେ ପଦବୀ ହରାଇବା ପରେ ଉପାଧ୍ୟକ୍ଷା ଥିବା ରୀନା ଅଧ୍ୟକ୍ଷା ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ୨୦୨୨ ପଞ୍ଚାୟତ ନିର୍ବାଚନରେ ଗୁମାମହା ପଞ୍ଚାୟତରୁ ସମିତି ସଭ୍ୟା ନିର୍ବାଚିତ ହୋଇଥିଲେ । ପରବର୍ତ୍ତୀ ସମୟରେ ବ୍ଲକ୍ ଉପାଧ୍ୟକ୍ଷା ହୋଇଥିଲେ । ସେପ୍ଟେମ୍ବର ୨୬ରେ ଅନୁଷ୍ଠିତ ଅନାସ୍ଥା ଭୋଟରେ ପ୍ରିତମ ପ୍ରଧାନ ପଦବୀ ହରାଇବା ପରେ ଜିଲାପାଳଙ୍କ ଆଦେଶ ପତ୍ର ପ୍ରକାରେ ବୁଧବାର ରୀନା ଅଧ୍ୟକ୍ଷା ଦାୟିତ୍ୱ ନେଇଛନ୍ତି । ଏହି କାର୍ଯ୍ୟକ୍ରମରେ ବ୍ଲକ୍‌କାର୍ଯ୍ୟାଳୟ ପରିସରରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ବହୁ ସମର୍ଥକମାନଙ୍କ ଉପସ୍ଥିତିରେ ନୂତନ ଅଧ୍ୟକ୍ଷା କାର୍ଯ୍ୟାଳୟକୁ ପ୍ରବେଶ କରିଥିଲେ । ଏବିଡିଓ ଦିବ୍ୟସିଂହ କହଁରଙ୍କ ସମେତ ବ୍ଲକ୍ କର୍ମଚାରୀ ବୃନ୍ଦ ସ୍ୱାଗତ କରିଥିଲେ ।

### ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ

## ଜିଲାସ୍ତରୀୟ ପରିଚାଳନା କମିଟି ବୈଠକ


ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

ପାରଳାଖେମୁଣ୍ଡି,୧୫।୧୦(ଗିରିଧାରୀ ପରିଚ୍ଛା) ଗଜପତି ଜିଲା ସଦର ମହକୁମାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଅନ୍ତର୍ଗତ ଜିଲାସ୍ତରୀୟ ପରିଚାଳନା କମିଟି ବୈଠକ ଏବଂ ଆଦି କର୍ମଯୋଗୀ ଅଭିଯାନର ଜିଲାସ୍ତରୀୟ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ମଧୁମିତା ଅଧ୍ୟକ୍ଷତା କରିଥିଲେ । ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେରକେଟା, ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ, ଜିଲା ମୁଖ୍ୟ କୃଷି ଅଧିକାରୀ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ, ଜିଲା ଶିଳ୍ପ ସଂସ୍ଥାର ପରିଚାଳକ, ସିଡିଓର ସମ୍ପାଦକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ । ଆଗାମୀ ରବି ଋତୁ ପାଇଁ ପ୍ରସ୍ତୁତ ହୋଇଥିବା କୃଷି ଯୋଜନା ଉପରେ ଆଲୋଚନା କରାଯାଇଥିଲା । ଆଦିକର୍ମଯୋଗୀ ଅଭିଯାନ ଅନ୍ତର୍ଗତ ପ୍ରସ୍ତୁତ ହୋଇଥିବା ୩୪୫ ଗ୍ରାମର ଗ୍ରାମ୍ୟ କାର୍ଯ୍ୟ ଯୋଜନାକୁ ମଧ ଜିଲାପାଳ ମଞ୍ଜୁର କରିଥିଲେ । ଉପସ୍ଥିତ ବିଭାଗୀୟ ଅଧିକାରୀମାନେ ଆଦିକର୍ମଯୋଗୀ ଅଭିଯାନକୁ କିପରି ତୃଣମୂଳ ସ୍ତରରେ ପହଞ୍ଚାଯାଇପାରିବ ସେନେଇ ନିଜ ମତ ରଖିଥିଲେ ।

## ୨୮ରେ ଭଞ୍ଜନଗରରେ ଦିବ୍ୟାଙ୍ଗ ମେଳା

ଭଞ୍ଜନଗର,୧୫।୧୦(ବାବୁଲା ପ୍ରଧାନ):

ଭଞ୍ଜନଗର ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହୋଇଯାଇଛି । ଏଥିରେ ସିଡିପିଓ ମିଲୀମା କୁମାରୀ ପଣ୍ଡା ଅଧ୍ୟକ୍ଷତା କରିଥିଲେ । ବିଡ଼ିଓ ଭାରତୀ ଦେବୀ ମୁଖ୍ୟ ଅତିଥି ଏବଂ ତହସିଲଦାର ଅଭିପ୍ସା ପଟ୍ଟନାୟକ, ଏବିଇଓ ଚରଣ ବେହେରା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏସିଓ ଶବର, ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମଦନ ରଥ, କାଳଞ୍ଜି କ୍ଲବ ସଭାପତି ବିଭୂତି ଜେନା, ଏନ୍‌ଏସି ଉପାଧ୍ୟକ୍ଷା ଶୁଭଶ୍ରୀ ଦାସ, ଅଧ୍ୟାପକ ହରିଶ କୁମାର, ବିଦେଶୀ ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅଷ୍ଟମ ବ୍ଲକସ୍ତରୀୟ ରାଷ୍ଟ୍ରୀୟ


ରାଷ୍ଟ୍ରୀୟ ପୋଷଣ ମାସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ।

ପୋଷଣ ମାସ ପାଳନ ଅବସରରେ ମେଦବହୁଳତାର କାରଣ ଓ ତାହାର ପ୍ରତିକାର, ମା ଓ ଶିଶୁ ଖାଦ୍ୟ ଏବଂ ଶିଶୁର ଲାଳନ ପାଳନରେ ପୁରୁଷଙ୍କ ସହଭାଗିତା ଉପରେ ଆଲୋଚନା ହୋଇଥିଲା । ମେଦବହୁଳତା ଯୋଗୁ ଅନେକ ରୋଗ ହେଉଛି । ଲୋକେ ସଚେତନ ହେଲେ ଏହାକୁ ରୋକା ଯାଇପାରିବ । ଗର୍ଭବତୀ, ପ୍ରସୂତି ଏବଂ ଶିଶୁମାନଙ୍କ ମଧ ଯତ୍ନ ନେବା ଉପରେ ଆଲୋଚନା ହୋଇଥିଲା । କିଶୋରୀ ବାଳିକା, ବାଳକ, ଗେହ୍ଲା ଝିଅ, ଅନ୍ନ ପ୍ରାସନ କାର୍ଯ୍ୟକ୍ରମ ମଧ ହୋଇଥିଲା । ସେହିଭଳି ମଙ୍ଗଳବାର ବ୍ଲକ ସମ୍ମିଳନୀ କକ୍ଷରେ ଜନ୍ମରୁ ୬ ବର୍ଷ ପର୍ଯ୍ୟନ୍ତ ଅସମର୍ଥ ଶିଶୁ (ଦିବ୍ୟାଙ୍ଗ)ମାନଙ୍କ ସର୍ବେକ୍ଷଣ ଉଦ୍ଦେଶ୍ୟରେ ଆୟୋଜିତ ଅଙ୍ଗନୱାଡି କାର୍ଯ୍ୟକର୍ତ୍ତା ଶିକ୍ଷାଦାନ କାର୍ଯ୍ୟକ୍ରମ ହୋଇଯାଇଛି । ସିଡିପିଓ ମିଲିମା କୁମାରୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବିଡିଓ ଭାରତୀ ଦେବୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ଦିବ୍ୟାଙ୍ଗ ଶିଶୁଙ୍କ ନାମ ସଂଗ୍ରହ କରି ଅନଲାଇନରେ ଅପଲୋଡ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆସନ୍ତା ୨୮ ତାରିଖରେ ସ୍ଥାନୀୟ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ ପରିସରରେ ଦିବ୍ୟାଙ୍ଗ ମେଳା ହେବ । ଏଥିରେ ଡାକ୍ତର ମାନେ ଦିବ୍ୟାଙ୍ଗଙ୍କୁ ପ୍ରମାଣପତ୍ର ପାଇଁ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବେ । ଉକ୍ତ ଦିନ ଦିବ୍ୟାଙ୍ଗ ମାନଙ୍କୁ ବିଭିନ୍ନ ଉପକରଣ ପ୍ରଦାନ କରାଯିବ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏବିଡିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସନୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଫୁଲବାଣୀରେ ଗର୍ଜିଲା ଜିଲା ମିଳିତ ମଞ୍ଚ

ଫୁଲବାଣୀ,୧୫।୧୦(ରାକେଶ କୁମାର ରାଉତ)

କିଛିଦିନ ପୂର୍ବେ ସୁପ୍ରିମ୍‌କୋର୍ଟ ବିଚାରପତିଙ୍କ ଉପରକୁ ଜଣେ ଆଇନଜୀବୀ ଜୋତା ଫୋପାଡ଼ିବା ଘଟଣାକୁ ନେଇ ବୁଧବାର କନ୍ଧମାଳ ଜିଲା ମିଳିତ ମଞ୍ଚ ଜୋର୍‌ଦାର ପ୍ରତିବାଦ କରିଛି । ଦଳିତ, ଆଦିବାସୀ, ପଛୁଆବର୍ଗର ଲୋକେ ଆଉ ଚୁପ୍ ରହିବେନି କହି ମଞ୍ଚ ସିଧାସଳଖ କେନ୍ଦ୍ର ସରକାର ଏବଂ ଆରଏସ୍‌ଏସ୍‌ର ନାଁ ଧରି ସମାଲୋଚନା କରିଛି । ବହୁସଂଖ୍ୟାରେ ମଞ୍ଚ କାର୍ଯ୍ୟକର୍ତ୍ତା, ସଦସ୍ୟମାନେ ଫୁଲବାଣୀ ସର୍କିଟ୍ ହାଉସ୍ ପାଖରୁ ଏକ ରାଲିରେ ବାହାରି ସହରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହାପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଏକ ପ୍ରତିବାଦ ସଭା କରିଥିଲେ । ଦେଶର ସ୍ଥିତି ଆଉ ଭଲ ନାହିଁ । ଅନୁସୂଚିତ ଜାତି, ଜନଜାତି ଏବଂ ପଛୁଆବର୍ଗଙ୍କ ପ୍ରତି ଅବିଚାର ବଢ଼ି ବଢ଼ି ଚାଲିଛି । ପଛୁଆବର୍ଗଙ୍କୁ ଆଜିପର୍ଯ୍ୟନ୍ତ




ସଂରକ୍ଷଣ ସୁବିଧା ମିଳୁନାହିଁ । ସୀମିତ ଶ୍ରେଣୀର ଏକ ବର୍ଗ ଦେଶକୁ ନିଜ ଇଚ୍ଛାରେ ଚଳାଇବାକୁ ଚେଷ୍ଟା କରୁଛି । ସମ୍ବିଧାନ ଆମକୁ ଯେଉଁ କ୍ଷମତା ଦେଇଛି ତାହାକୁ ସେମାନେ ଦେବାକୁ ଚାହୁଁନାହାନ୍ତି । ଏବେ ସମୟ ଆସିଛି, ସମସ୍ତେ ଏକଜୁଟ ହୋଇ ସ୍ୱର ଉତ୍ତୋଳନ କରିବା ସହ ବିରୋଧ କରିବା । ନ ହେଲେ ଏମାନେ ଦେଶରେ ଅସ୍ଥିରାବସ୍ଥା ସୃଷ୍ଟି କରିବେ । କେବେ ଆମେ ଶୁଣି ନ ଥିଲୁ, କିନ୍ତୁ ଦେଖିଲୁ ଜଣେ ବିଚାରପତିଙ୍କୁ କିପରି ଜୋତା ଫୋପଡ଼ାଗଲା । ଏହା କେବଳ ବିଚାରପତିଙ୍କୁ ନୁହେଁ, ପୂରା ନ୍ୟାୟ ବ୍ୟବସ୍ଥା ଉପରେ ଆକ୍ରମଣ ବୋଲି ସଂଘ କର୍ମକର୍ତ୍ତା ପ୍ରକାଶ କରିଛନ୍ତି । ଶେଷରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଏ ସମ୍ପର୍କିତ ସ୍ମାରକପତ୍ର ପ୍ରଦାନ କରିଥିଲେ । ମଞ୍ଚ ସଭାପତି ସମୀର ଘଟାଲ, ଦଳିତ ସମାଜର ଚନ୍ଦ୍ରମୋହନ ନାୟକ, ମହେନ୍ଦ୍ର ଦିଗାଲ, ସଂଖ୍ୟାଲଘୁ ସମ୍ପ୍ରଦାୟର ପ୍ରସନ୍ନ ବିଶୋଇ, ଜାକିରୁଲ୍ଲା ଖାନ୍, କୁଇ ସମାଜର ବୀରେନ୍ଦ୍ର କହଁର, ଜିଲା କଂଗ୍ରେସ ସଭାପତି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ ।

# ହାତୀ ଆକ୍ରମଣରେ ବୃଦ୍ଧ ମୃତ

କୁଆଁରମୁଣ୍ଡା,୧୫।୧୦
(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲ୍ଲା କୁଆଁରମୁଣ୍ଡା ବନ ରେଞ୍ଜ ଅନ୍ତର୍ଗତ ବିର୍ଦା ସେକ୍ସନ ବଡ଼ଦଲକି ପଞ୍ଚାୟତ ଲାମଜିରା ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତ ବୃଦ୍ଧ ହେଲେ ଚାହୋ ଏକ୍କା(୬୨)। କୁଆଁରମୁଣ୍ଡା ରେଞ୍ଜ ଅଧିକାରୀ ପଞ୍ଚ ନାରାୟଣ ସରାଫ୍ ହାତୀ ଘଉଡ଼ାଳି ଦଳ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ସରକାରୀ ନିୟମ ଅନୁସାରେ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ସରାଫ୍ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଦନ୍ତାଟି ନିକଟସ୍ଥ ଚାଷଜମିରେ ପଶି ଫସଲ ନଷ୍ଟ କରୁଥିବା ଜାଣି ଲାମଜିରା ଗ୍ରାମର ଚାଷୀମାନେ ଘଉଡ଼ାଇବା ପାଇଁ ସେଠାକୁ ଯାଇଥିଲେ। ହେଲେ ବୁଦାମୂଳେ ଥିବା ଦନ୍ତା ହଠାତ୍ ସେମାନଙ୍କୁ ଗୋଡ଼ାଇଥିଲା। ଏହି ସମୟରେ ବୃଦ୍ଧ ଚାହୋ ତଳେ ପଡ଼ିଯାଇଥିଲେ। ପରେ ହାତୀ ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦଳି ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଉକ୍ତ ଦନ୍ତାଟି ବଣାଇ ରେଞ୍ଜ୍‌ରୁ ପଳାଇଆସିଥିବା ବେଳେ ପୁଣି ସେଠାକୁ ଚାଲିଯାଇଥିବା ରେଞ୍ଜର ସରାଫ୍ ସୂଚନା ଦେଇଛନ୍ତି।

# ପରଲୋକରେ ପୂର୍ବତନ ବିଧାୟକ ହେମେନ୍ଦ୍ର

ଲହୁଣୀପଡ଼ା,୧୫।୧୦(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ବ୍ଲକ ଖୁଣ୍ଟଗାଁ ପଞ୍ଚାୟତ ନୂଆଡିହି ଗ୍ରାମ ସ୍ଥିତ ବାସଭବନରେ ବୁଧବାର ସକାଳେ ପୂର୍ବତନ ବଣେଇ ବିଧାୟକ ହେମେନ୍ଦ୍ର ପ୍ରସାଦ ମହାପାତ୍ର(୯୨)ଙ୍କ ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ଏହି ଖବର ପ୍ରଚାରିତ ହେବାପରେ ରାଜନୈତିକ ମହଲରେ ଶୋକର ଛାୟା ଖେଳିଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସୂଚନା ଅନୁସାରେ, ସୁନ୍ଦରଗଡ଼ ଜିଲ୍ଲା ବଣେଇ ନିର୍ବାଚନ ମଣ୍ଡଳୀରେ ହେମେନ୍ଦ୍ର ପ୍ରସାଦ ମହାପାତ୍ର ତିନିଥର ବିଧାୟକ ଥିଲେ। ସେ ୧୯୬୧ରୁ ୧୯୭୩ ମସିହା ପର୍ଯ୍ୟନ୍ତ ସ୍ୱତନ୍ତ୍ର ଓ ଗଣପରିଷଦରୁ ନିର୍ବାଚିତ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ଆଖପାଖ ଅଞ୍ଚଳର ଲୋକେ ତାଙ୍କ ଆମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।



ହେମେନ୍ଦ୍ର ପ୍ରସାଦ ମହାପାତ୍ର


## GOVERNMENT AUTONOMOUS COLLEGE, ROURKELA

### TENDER CALL NOTICE

No. CAD-1998: Two bids sealed tenders are invited for lease of the College Canteen. For detailed information and tender papers visit the College Website: **http://www.gacrkl.ac.in**.

**OIPR-11146/11/0012/2526 Sd./- Principal**

## Office of the Chief District Medical & Public Health Officer, Puri

Grand Road, Medical Square, Puri, Pin No.-752002
Phone No.-06752-222124 (O) & 232294 (C.S), E-mail- cdspuri@gmail.com

No.E-439

### TENDER CALL NOTICE

No. 4530 Sub Store, Puri Dated 14.10.25

**FOR SUPPLY OF DRUGS & MEDICAL CONSUMABLES, LABORATORY REAGENTS & KITS FOR PURI DISTRICT**

| | |
|---|---|
| DATE OF PUBLICATION OF BID DOCUMENT IN WEBSITE | Dt.15.10.25 from 11.00 A.M. |
| PRE BID MEETING | Dt.22.10.25 at 11.00 A.M. |
| LAST DATE & TIME OF RECEIPT OF BID DOCUMENTS | Dt.06.11.25 upto 04.30 P.M. |
| DATE & TIME OF OPENING OF TENDER (Cover-A) | Dt.07.11.25 at 11.00 A.M. |
| Venue | D.T.U.-1, O/o- CDM & PHO, Puri |

*For detail regarding this tender call notice please visit the website www.puri.nic.in or contact office of the undersigned during the office hour in all working days.

**Sd./- Chief District Medical & Public Health Officer, Puri**
OIPR-10021/11/0023/2526

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର

(ଗ୍ରାମ୍ୟ/ପୋଷ୍ଟ-ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BERHAMPUR

(At/Po- Ambapua, Near Income Tax Office, Berhampur - 760011, Ganjam, Odisha)
(E-Mail:- serwbpr2004@yahoo.com, Tel.No.:- 0680-2404287)

**No.e-tender//3713//RWC//BAM//Dated 13.10.25**

### 2nd Corrigendum to Bid Identification No.Online Tender/20-2025-26/BPR

**No.O-1027:** 1) The partial modification of Road Works under **MMSY-Improvement to Existing R.D. Roads** vide above identification has been made as follows.

| | | | |
|---|---|---|---|
| 1 | Date of availability of tender | :: | 27.10.2025 to 10.11.2025 upto 5.30 PM instead of 10.10.2025 to 27.10.2025 upto 5.30 PM. |
| 2 | Last Date & Time of seeking tender clarification | :: | 07.11.2025 at 5.30 PM instead of 24.10.2025 at 5.30 PM |
| 3 | Date of Opening of Technical Bid | :: | 11.11.2025 at 11.00 AM instead of 28.10.2025 at 11.00 AM |
| 4 | Date of Opening of Financial Bid | :: | Will be intimated later on. |

All other contents will remain unchanged.

**OIPR-25071/11/0151/2526 Sd./- Chief Construction Engineer, R.W.Circle, Berhampur**

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର

(ଗ୍ରାମ୍ୟ/ପୋଷ୍ଟ-ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BERHAMPUR

(At/Po- Ambapua, Near Income Tax Office, Berhampur - 760011, Ganjam, Odisha)
(E-Mail:- serwbpr2004@yahoo.com, Tel.No.:- 0680-2404287)

**No.e-tender//3731//RWC//BAM//Dated 13.10.25**

### 1st Corrigendum to Bid Identification No.Online Tender/30-2025-26/BPR

**No.O-1026:** 1) The partial modification of Road Works under MMSY-Improvement to Existing R.D. Roads vide above identification has been made as follows.

| | | | |
|---|---|---|---|
| 1 | Date of availability of tender | :: | 01.11.2025 to 15.11.2025 upto 5.30 PM instead of 13.10.2025 to 27.10.2025 upto 5.30 PM. |
| 2 | Last Date & Time of seeking tender clarification | :: | 13.11.2025 at 5.30 PM instead of 24.10.2025 at 5.30 PM |
| 3 | Date of Opening of Technical Bid | :: | 16.11.2025 at 11.00 AM instead of 28.10.2025 at 11.00 AM |
| 4 | Date of Opening of Financial Bid | :: | Will be intimated later on. |

All other contents will remain unchanged.

**OIPR-25071/11/0149/2526 Sd./- Chief Construction Engineer, R.W.Circle, Berhampur**

## OFFICE OF THE SUPERINTENDING ENGINEER, NATIONAL HIGHWAY DIVISION, PALLAHARA

No. b-25

### E-TENDER CALL NOTICE

**Bid Identification No. 03/SE NH Pallahara of 2025-26**

1. The SE, N.H. Division, Pallahara on behalf of Governor of Odisha invites Percentage Rate bids for construction of works in Single Cover System on ONLINE MODE from eligible contractors as mentioned below.

| Sl. No. | Name of the Work | Approximate Value of Work in INR (Excl GST) | Bid Security/ E.M.D. in INR (Online) | Cost of tender Documents in INR (Online) | Class of Eligible Contractor | Period of Completion in Months |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Repair and renovation to Section Office building at Kaniha for the year 2025-26 | 10,53,137.00 | 10,532.00 | 6,000.00 | 'C' & 'D' | 2 (Two) Calendar Months |

2. The bid documents will be available in the **www.tendersodisha.gov.in** from 11.00 hours of 20.10.2025 at 17.00 hour of 04.11.2025 for online bidding. The bidders have to participate in online bidding only.
3. The bid shall be opned at 11.30 hours on 06.11.2025.
4. Any addendum/corrigendum/cancellation of tender can also be seen in the said website only.

**OIPR-24425/11/0002/2526 Sd./- Superintending Engineer, NH Division, Pallahara**

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର

(ଗ୍ରାମ୍ୟ/ପୋଷ୍ଟ-ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BERHAMPUR

(At/Po- Ambapua, Near Income Tax Office, Berhampur - 760011, Ganjam, Odisha)
(E-Mail:- serwbpr2004@yahoo.com, Tel.No.:- 0680-2404287)

**No.e-tender//3725//RWC//BAM//Dated 13.10.25**

### 1st Corrigendum to Bid Identification No.Online Tender/29-2025-26/BPR

**No.O-1029:** 1) The partial modification of Road Works under MMSY-Improvement to Existing R.D. Roads vide above identification has been made as follows.

| | | | |
|---|---|---|---|
| 1 | Date of availability of tender | :: | 30.10.2025 to 13.11.2025 upto 5.30 PM instead of 10.10.2025 to 24.10.2025 upto 5.30 PM. |
| 2 | Last Date & Time of seeking tender clarification | :: | 11.11.2025 at 5.30 PM instead of 22.10.2025 at 5.30 PM |
| 3 | Date of Opening of Technical Bid | :: | 14.11.2025 at 11.00 AM instead of 27.10.2025 at 11.00 AM |
| 4 | Date of Opening of Financial Bid | :: | Will be intimated later on. |

All other contents will remain unchanged.

**OIPR-25071/11/0147/2526 Sd./- Chief Construction Engineer, R.W.Circle, Berhampur**

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, JAGATSINGHPUR

### 1st Corrigendum

No. O-993: Corrigendum to tender Online 03 of 2025-26 invited by the Superintending Engineer, Rural Works Division, Jagatsinghpur vide Letter No. 5984 Dtd.02.09.2025. The critical date has been changed due to unavoidable circumstances are as follows:

**New Critical Dates:**

| | | | |
|---|---|---|---|
| 1 | Date & time of availability of Bid documents in the portal | : | 10.10.2025 at 10.00 Hrs. |
| 2 | Last date & time for receipt of Bids in the portal | : | 18.10.2025 at 16.00 Hrs. |
| 3 | Date of Opening of Tender | : | 18.10.2025 at 17.00 Hrs. |
| 4 | Name and address of the Officer Inviting Bid | : | O/o. the Superintending Engineer, Rural Works Division, Jagatsinghpur |

All other terms & condition are remain unchanged.

**Sd./- Executive Engineer**
**Rural Works Division, Jagatsinghpur**

**OIPR-25056/11/0021/2526**

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର

(ଗ୍ରାମ୍ୟ/ପୋଷ୍ଟ: ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR

(At/P.O.- Ambapua, Near Income Tax Office, Berhampur - 760011, Ganjam, Odisha)
(E-mail: serwbpr2004@yahoo.com, Tel No.: 0680-2404287)

### NATIONAL COMPETITIVE BIDDING THROUGH e-Procurement

**No. O-971** **Bid Identification No. Online Tender / 35-2025-26/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 35-2025-26/ BPR | Bridge work under SETU BANDHANA YOJANA (SBY) | 05 Nos. | From Rs.265.58 Lakhs to Rs.795.46 Lakhs | "B" Class, "A" Class & "Special" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 35-2025-26/BPR | 22.10.2025 at 10.00 A.M. | 06.11.2025 upto 5.30 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: **www.tendersodisha.gov.in**.

**OIPR-25071/11/0143/2526 Sd./- Chief Construction Engineer, R.W. Circle, Berhampur**

## GOVERNMENT OF ODISHA

No. O-844

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNABEDA

email: serwsbd2003@yahoo.com

Letter No. 3547 Date: 23.09.2025

### NATIONAL COMPETITIVE BIDDING THROUGH GePNIC e-Procurement Notice

1. Name of the Work : Construction of Building Works - 3 Nos.
2. Class of Contractor : "B" Class & "A" Class of (Odisha PWD) or relevant class of other licensing authority
3. Estimated Cost : Various from Rs.106.35 lakhs to Rs.162.48 lakhs (Approximately)
4. Details of project : As per Annexure attached

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD-Online - 20/2025-26 | 16.10.2025 at 11.00 A.M. | 14.11.2025 upto 5.00 P.M. | 13.11.2025 upto 2.00 P.M. | 15.11.2025 at 11.00 A.M. | To be intimated separately |

5. The details of works can be seen from the website **https://www.tendersodisha.gov.in**.
6. Any Corrigendum/Addendum will be displayed in the above e-tender website.

**OIPR-25182/11/0090/2526 Sd./- Chief Construction Engineer, RW Circle, Sunabeda**

## GOVT. OF ODISHA

No. A-726

## DEPARTMENT OF WATER RESOURCES
## OFFICE OF THE CHIEF ENGINEER, DRAINAGE

CUTTACK, GANDARPUR - 753003

### E-PROCUREMENT NOTICE No. CE-DR-CTC-06/2025-26

email Id: cedrainage@gmail.com

| | | | |
|---|---|---|---|
| 1 | Name of Works | : | Clearing of Water way and Construction of river training wall with associated structure in Bahada nalla near Haripur |
| 2 | Total number of Packages | : | 1 No. individual package |
| 3 | Estimated Cost | : | Rs.5955.91 Lakh |
| 4 | Bid Identification No. | : | CE-DR-CTC/DD-BAM-06/2025-26 |
| 5 | Period of Completion | : | 30 (Thirty) Calendar Months |
| 6 | Availability of Tender Online | : | 17.10.2025, 16.30 hours to 17.11.2025, 17.00 hours |
| 7 | Date of Opening of Technical Bid | : | 18.11.2025 at 11.30 hours in the O/o. the Chief Engineer, Drainage, Cuttack |
| 8 | Class of Contractor | : | Super Class |
| 9 | Bid Security/EMD | : | Rs.59,56,000/- (To be remitted online) |
| 10 | Cost of Tender Paper | : | Rs.10,000/- |
| 11 | Procurement Offcer | : | Chief Engineer, Drainage, Cuttack, Gandarpur - 753003 |

Further details can be seen from the Govt. website: **www.tendersorissa.gov.in.** Addendum/Corrigendum/Cancellation if any required will be published only in Govt. website **www.tendersorissa.gov.in**.

**Sd./- Chief Engineer**
**Drainage Cuttack**

**OIPR-32076/11/0006/2526**

## GOVERNMENT OF ODISHA
## OFFICE OF THE EXECUTIVE ENGINEER, P.H. DIVISION, BALASORE

Phone: 9438660004, e-mail- eephbls@gmail.com

**NATIONAL COMPETITIVE BIDDING THROUGH e-Procurement (Online Mode)**

### Invitation for Bids (IFB) Dt.08.10.2025

**No.C-1236:The Executive Engineer, P.H. Division, Balasore on behalf of Governor of Odisha, invites Percentage Rate Bids in Single Bid System in ONLINE mode only.**

| Sl. No. | Name of the Work | Bid Identification No. | Value of Work (Rs. Lakh) | Period of Comple-tion | Availability of Bid Documents for online Bidding | | Last date and time of seeking Clarification | Date & Time of opening of Price Bid |
|---|---|---|---|---|---|---|---|---|
| | | | | | From | To | | |
| 1 | Improvement of water supply to Kunjakalika and its adjoining areas of Chandabali N.A.C. | SEPHBLS-10 dt.08.10.2025 | 26.71 | 03 (Three) Calendar Months | 11.00 Hrs. of dt. 16.10.2025 | 17.00 Hrs. of dt. 31.10.2025 | 17.00 Hrs. of dt.27.10.2025 | 11.00 Hrs. of dt. 01.11.2025 |

**The bidders shall have to participate in ONLINE bidding only. Further details can be seen from the website: http://tendersodisha.gov.in. Any addendum/ corrigendum/ cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.**

**Name and Address of the Officer Inviting Bid: The Superintending Engineer, P.H. Division Balasore, At- Samalpur, Post- Balia, Dist- Balasore, PIN- 756056, Odisha, Phone: 9438660004**

**OIPR-13053/11/0028/2526 Sd./- Superintending Engineer, P.H. Division, Balasore**

## GOVERNMENT OF ODISHA
## OFFICE OF THE PROJECT ADMINISTRATOR
## INTEGRATED TRIBAL DEVELOPMENT AGENCY, GUNUPUR

Email: itdagnp@nic.in

### E-Procurement Notice

**Bid Identification No: ITDAGNP-Online-02/2025-26**

**No.2466/VII-89/2025** **Date:10.10.2025**

**No.CAD-1993:**1. Name of the Work : Construction of Building Works. 2. Total No. of Works: 09 No. (Percentage rate tender). 3. Amount put to tender: As mentioned in Col.3 of Annexure. 4. Class of Contractor: As mentioned in Col.5 of Annexure. 5. Period of Completion: As mentioned in Col.4 of Annexure. 6. EMD : As mentioned in Col.6 of Annexure. 7. Paper Cost: As mentioned in Col.7 of Annexure. 8. Other details:

| Procurement Officer | Bid Identification No. | Availability of Tender Online for Bidding | | Last date & time of seek-ing tender clarification | Date & Time of Opening of Tender | Financial Bid Open |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Project Administrator, I.T.D.A., Gunupur | ITDAGNP Online- 02/2025-26 | 15.10.2025 at 10.00 A.M. | 29.10.2025 upto 5.00 PM | 29.10.2025 upto 5.00 P.M. | 30.10.2025 at 11.00 Hrs. | Will Intimate Later |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill. Further details can be seen from the website: www.tendersorissa.gov.in.

**OIPR-26072/11/0009/2526 Sd./- Project Administrator, I.T.D.A., Gunupur**

No.A-710

## GOVERNMENT OF ODISHA
## DEPARTMENT OF WATER RESOURCES
## O/o THE CHIEF ENGINEER AND BASIN MANAGER

MAHANADI BASIN, AT-BURLA, DIST.-SAMBALPUR,PIN-768017
E-mail Id-cebmumbburla@gmail.com

**'e' Procurement Notice No-CE & BM-MB-23/2025-2026 (Online)**
**BID IDENTIFICATION NO.-CE & BM-MB-23/2025-2026 (Online)**

| | | | |
|---|---|---|---|
| 1 | Name of the Work | : | Renovation of Canal System of Hirakud Dam Project (Sambalpur Canal Section, Sambalpur Irrigation Division, Sambalpur) |
| 2 | No. of Works | : | One (01) Number |
| 3 | Class of Contractor | : | "Special Class" and "Super Class" |
| 4 | Bid Identification No. | : | CE&BM-MB-23/2025-2026 (Online) |
| 5 | Estimated Cost | : | Rs.29.05 Crores |
| 6 | Period of Completion | : | 24 (Twenty-Four) Calendar Months |
| 7 | Date and Time of availability of bid documents in the portal | : | Dated 14.10.2025 at 11.30 AM to Dated 03.11.2025 upto 5.00 P.M. |
| 8 | Last date/time for receipt of Bids in the Portal | : | Dated 03.11.2025 upto 5.00 PM |
| 9 | Date of Opening of Technical Bid (Cover-I) | : | Dated 04.11.2025 at 11.30 AM O/o. Chief Engineer & Basin Manager, Mahanadi Basin, Burla |
| 10 | Name and Address of the Officer Inviting Bid | : | Chief Engineer & Basin Manager, Mahanadi Basin, Burla, Dist.- Sambalpur, Odisha-768017, Email Id: cebmumbburla@gmail.com |

1. Any addendum/ Corrigendum/ Cancellation/ erratum of tender can also be seen in the said website.
2. Further details can be seen from Government Website http://tendersodisha.gov.in.

**Sd./- Chief Engineer & Basin Manager**
**Mahanadi Basin, Burla**

**OIPR-32508/11/0037/2526**

## ODISHA HYDRO POWER CORPORATION LTD

CIN: U40101OR1995SGC003963
(*GOVERNMENT OF ODISHA UNDERTAKING*)

### OFFICE OF THE GENERAL MANAGER (EL.)

CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

**No.CHEP/TW-184 (Vol.-III)/3871** **Date: 13.10.2025**

**'e'-Procurement Notice**

**No.CAD-2005** **TENDER CALL NOTICE NO.CHEP-35/2025-26**

**Unit Head, CHEP, Chiplima invites percentage rate tenders in two parts** for the civil works mentioned below, from the 'D' & 'C' Class of Contractors registered with the State Govt. of Odisha and contractors of equivalent grade / class registered with Central Govt. / MES / Railway for execution of civil works.

| Name of the Work | Estimated Cost / EMD | Cost of Tender Specification | Completion Period |
|---|---|---|---|
| Laying of Sheet Roofing over Guest House of CHEP, Chiplima | Rs.18,55,128.00 / EMD = Rs.18,560.00 | Rs.7,080.00 (Rs.6,000.00 + GST@18%) | 60 Days |

1. Availability of bids **ONLINE**: **from 11:00 AM of dtd.16.10.2025 up to 05:00 PM of dtd.29.10.2025.**
2. The date & time of opening of tender: **At 11:30 AM of dtd.30.10.2025.**

For further details and downloading of tender documents, Terms & Conditions, eligibility, corrigendum if any, please visit website https://tendersodisha.gov.in. **Sd/- Unit Head, CHEP, Chiplima**

**OIPR-04006/11/0104/2526**

ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

## ODISHA SCHOOL EDUCATION PROGRAMME AUTHORITY

**SHIKSHA SOUDHA, UNIT-V, BHUBANESWAR-751001**

**No:11010/TE/2025** **Dated 14.10.2025**

### NOTICE INVITING REQUEST FOR PROPOSAL (RFP)

**No.n-** Odisha School Education Programme Authority (OSEPA), under administrative control of School & Mass Education Department, Government of Odisha invites sealed tender for "Selection of Catering Service provider for supply of food" in the State level Children's Festival "Suravi-2025" scheduled to be held from 12th Nov. 2025 to 14th Nov. 2025 at Capital High School, Unit-III, Bhubaneswar.

The RFP document will be available in the OSEPA website i.e. osepa.odisha.gov.in. The bidders fulfilling the prescribed eligibility criteria of the RFP can access, download the complete RFP Document and other details from the above website & apply accordingly. Corrigendum/ addendum, if any, shall only be notified in the website mentioned above.

The major events under the bid process are:

| Sl. No. | List of Key Events | Critical Dates |
|---|---|---|
| 1 | Date of availability of RFP document in OSEPA website | By 5.00 PM of 15.10.2025 |
| 2 | Last Date for receipt of Bid | By 5.30 PM of 04.11.2025 |
| 3 | Date of Opening of Technical Bid | At 11.00 AM of 06.11.2025 |
| 4 | Date of Opening of Financial Bid of technically qualified bidders | To be intimated after technical evaluation |

The proposal complete in all respects must reach the undersigned by Speed Post/ Registered Post/ Courier only latest by 5.30 PM on 04.11.2025. The proposals received beyond the last date and time will be rejected. The Tender Inviting Authority (TIA) i.e. OSEPA reserves the right to accept/ reject any/ all BIDs/ Cancel the entire selection process at any state without assigning any reason thereof.

**Address for Submission of Proposal:**
**State Project Director,**
**Odisha School Education Programme Authority (OSEPA)**
**"Shiksha Soudha", Unit-V, Bhubaneswar, Odisha-751001**

**Sd./-**
**State Project Director**

**OIPR-27068/11/0076/2526**

## ସଂକ୍ଷେପରେ

### ମାତୃ ଓ ଶିଶୁ ବିକାଶ ଯୋଜନା ସମ୍ପର୍କିତ ସଚେତନତା

ବ୍ରହ୍ମପୁର,୧୫।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ପୋଷଣ ମାସ ପାଳନ ଅବସରରେ ମାତୃ ଓ ଶିଶୁ ବିକାଶ ଯୋଜନା ସମ୍ପର୍କରେ ସଚେତନତା କାର୍ଯକ୍ରମ କରାଯାଇଛି। ରାମଲିଙ୍ଗେଶ୍ୱର ସେକ୍ଟର ଅନ୍ତର୍ଗତ ବାଲାଜୀପେଣ୍ଠ ସାହି ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସିଡିପିଓ-୨ କଳ୍ପନା ପାଢ଼ୀ ଶୁଭାରମ୍ଭ କରିଥିଲେ। ପରିଦର୍ଶିକା ଜି. ରାଜଲକ୍ଷ୍ମୀ, ବାଲାଜୀପେଣ୍ଠ ଅଙ୍ଗନବାଡି କର୍ମୀ ସୁମତି ସାହୁ, ଆଶା କର୍ମୀ ସୁଜାତା ସାହୁ, ଅଙ୍ଗନବାଡି ସହାୟିକା ସୋନମ ସାମଲ ପ୍ରମୁଖ ସହଯୋଗ କରିଥିଲେ। ଲୋକ ନୃତ୍ୟ ଦାସକାଠିଆ ମାଧ୍ୟମରେ ଶେଖର ଏବଂ ସାଥୀ ପୋଷଣ, ସୁଭଦ୍ରା ଯୋଜନା ଆଦି ସରକାରଙ୍କ ବିଭିନ୍ନ ମାତୃ ଓ ଶିଶୁ ବିକାଶ ଯୋଜନା ସମ୍ପର୍କରେ ସଚେତନ କରିଥିଲେ। ରାମଲିଙ୍ଗେଶର ସେକ୍ଟର ଅନ୍ତର୍ଗତ ନୂଆ ସାହି, ରାଉତପେଣ୍ଠ, ଗୋଲାସାହି, ପାତ୍ରପେଟା, ତ୍ରିବେଣୀ ନଗର, ମଥୁରା ନଗର ଆଦି ଅଙ୍ଗନବାଡି କେନ୍ଦ୍ର ଅଂଚଳର ମହିଳା ମା'ମାନଙ୍କ ସହ କର୍ମୀ ଓ ସହାୟିକାମାନେ ଅଂଶ ଗ୍ରହଣ କରିଥିଲେ।

### ୨ ଦୁର୍ଘଟଣାରେ ୧୦ ଆହତ

ମୋହନା.୧୫।୧୦(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ବ୍ଲକର ଦୁଇଟି ଥାନା ଅଞ୍ଚଳରେ ବୁଧବାର ପୃଥକ ପୃଥକ ଦୁର୍ଘଟଣାରେ ୧୦ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅଡବା ଥାନା ଅନ୍ତର୍ଗତ ପାଣିଗଣ୍ଡା ପଞ୍ଚାୟତ ଖଜୁରୀପଦା ଗ୍ରାମର ବିକାଶ ଦଳବେହେରା (୧୨), ବିଳାସ ବଳିଆର ସିଂ (୩୬) ଓ ମିଶ୍ର ଦଳବେହେରା (୩୫) ଗୁରୁତର ହୋଇଛନ୍ତି। ବିକାଶ ଓ ବିଳାସଙ୍କୁ ମୋହନାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିବା ଡାକ୍ତର ରାମକୃଷ୍ଣ ପାତ୍ର କହିଛନ୍ତି। ମଧ୍ୟାହ୍ନରେ ଏକ କାର (ଓଡି୦୨ ଡିବି-୦୯୬୮) ରାୟଗଡାରୁ ବ୍ରହ୍ମପୁର ଅଭିମୁଖେ ଆସୁଥିବା ବେଳେ ଗୁଣ୍ଡିମା ଜାତୀୟ ରାଜପଥ ନିକଟରେ ଅପର ପାର୍ଶ୍ୱ ମୋହନାରୁ ଅଡ଼ବା ଯାଉଥିବା ଅଟୋ (ଓଡ଼ି ୩୨ ସି ୟ୦୫୫୧୧) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଅଟୋରେ ବସିଥିବା ଯାତ୍ରୀମାନେ ରାସ୍ତା ପାର୍ଶ୍ୱକୁ ଛିଟିକି ପଡିଥିଲେ। ଖବର ପାଇ ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ସେମାନଙ୍କୁ ମୋହନା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଆହତ ଅନ୍ୟ ବ୍ୟକ୍ତିମାନେ ଅଡବାରେ ଚିକିତ୍ସିତ ହେବା ପରେ ଘରକୁ ଫେରିଛନ୍ତି। ସେହିପରି ଅଡବା ଥାନା ଅନ୍ତର୍ଗତ ବିରିକୋଟ ପଞ୍ଚାୟତ ମଧୁରଆମ୍ବ ନିକଟରେ ଟ୍ରାକ୍ଟର ଓ କାର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । କାର (ଓଡି୩୩ ଏ-୧୦୦୪)ଟି ରାୟଗଡା ଜିଲା ପଦ୍ମପୁର ଗ୍ରାମରୁ ଜାଆଁଳା ମାଛ ନେଇ ଗଜପତି ଜିଲା ଡେଙ୍ଗେସଖାଲ ଗାଁକୁ ଯାଉଥିବା ବେଳେ ବିପରୀତ ଦିଗରୁ ଏକ ଟ୍ରାକ୍ଟର ଭ୍ୟାନକୁ ଧକ୍କା ଦେଇଥିଲା। ଏଥିରେ ୨ଜଣ ଆହତ ହୋଇଛନ୍ତି।

### ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ

ଫୁଲବାଣୀ, ୧୫।୧୦(ରାକେଶ କୁମାର ରାଉତ)

କନ୍ଧମାଳ ଷ୍ଟାଡିୟମରେ ବୁଧବାର ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ପ୍ରତିଯୋଗୀତା ଆରମ୍ଭ ହୋଇଛି । ଏଥିରେ ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ ବର୍ଗରେ କବାଡି, ଦୌଡକୁଦ୍, କ୍ରିକେଟ, ଟେବୁଲ ଟେନିସ ଆଦି ଖେଳ ହେଉଛି । ବୁଧବାର କେବଳ କବାଡି ପ୍ରତିଯୋଗିତା ଶେଷ ହୋଇଛି । ୧୪ ବର୍ଷରୁ କମ୍ ବାଳକ ବର୍ଗରେ ଦାରିଙ୍ଗିବାଡ଼ି ଚମ୍ପିୟନ ହୋଇଥିବା ବେଳେ କ.ନୂଆଗାଁ ରନର୍ସଅପ ହୋଇଛି । ବାଳିକା ବର୍ଗରେ ଚକାପାଦ ଚମ୍ପିୟନ ହୋଇଥିବା ବେଳେ ରାଇକିଆ ରନର୍ସଅପ ହୋଇଛି। ୧୭ ବର୍ଷ ବାଳକ ବର୍ଗରେ ଦାରିଙ୍ଗିବାଡି ଚମ୍ପିୟନ ଓ କ.ନୂଆଗାଁ ରନର୍ସଅପ ହୋଇଛି। ବାଳିକା ବର୍ଗରେ ରାଇକିଆ ଚମ୍ପିୟନ ହୋଇଥିବା ବେଳେ ଫିରିଙ୍ଗିଆ ରନର୍ସଅପ ହୋଇଛି । ଗୁରୁବାର ସବୁ ଖେଳର ଫାଇନାଲ ମ୍ୟାଚ ହେବ। ଏହି କ୍ରୀଡା ପ୍ରତିଯୋଗିତାକୁ ଅତିରିକ୍ତ ଜିଲାପାଳ କୁଶଳ ଚନ୍ଦ୍ର ନାୟକ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ଜିଲା ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁ, ଅତିରିକ୍ତ ଶିକ୍ଷାଧିକାରୀ ମାନସ କୁମାର ଦାସ ଯୋଗଦେଇ ପିଲାମାନଙ୍କୁ କ୍ରୀଡାର ମହତ୍ତ୍ୱ ଉପରେ ଉପଦେଶ ଦେଇଥିଲେ। ଜିଲା କ୍ରୀଡା ଶିକ୍ଷାଧିକାରୀ ସଂଜୟ ପାତ୍ର ବିବରଣୀ ପାଠ କରିଥିଲେ । ଜିଲାର ମୋଟ ୧୫୦ ବିଦ୍ୟାଳୟରେ ୫୫୦ ଜଣ କ୍ରୀଡାବିତ୍ ଏଥିରେ ଅଂଶଗ୍ରହଣ କରିଛନ୍ତି।

# ଲୋକନୃତ୍ୟ ମାଧ୍ୟମରେ ସଚେତନତାକୁ ଶିକ୍ଷା ବିଭାଗର ଗୁରୁତ୍ୱ

ବ୍ରହ୍ମପୁର,୧୫।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଶିକ୍ଷା ବିଭାଗ ଛାତ୍ରୀଛାତ୍ରଙ୍କ ସବୁ କ୍ଷେତ୍ରରେ ଦକ୍ଷତା ବୃଦ୍ଧି କରିବାକୁ ପ୍ରୟାସ ଆରମ୍ଭ କରିଛି। ଏହି ପରିପ୍ରେକ୍ଷୀରେ ଲୋକନୃତ୍ୟ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିବା ଉପରେ ଗୁରୁତ୍ୱ ଦେଇଛି। ସ୍ଥାନୀୟ ସହୀଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା ଆୟୋଜନ କରି ନିଜ ପରାକାଷ୍ଠାକୁ ପ୍ରତିପାଦିତ କରିଛି। ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଓ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଜିଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାର ୧୨ଟି ସ୍କୁଲର ୭୨ ପ୍ରତିଯୋଗୀ ସେମାନଙ୍କ ଗାଇଡ ଶିକ୍ଷକଙ୍କ ସହ ଯୋଗଦେଇଥିଲେ। ପରିବେଶ ସୁରକ୍ଷା, ସୁସ୍ଥ ଜୀବନଗଠନ, ମାନସିକ ଓ ଭାବପ୍ରବଣ ସୁସ୍ଥତା, ପାରସ୍ପରିକ ସମ୍ପର୍କ,

## ସିଟି ହାଇସ୍କୁଲ ରାଜ୍ୟସ୍ତରକୁ ମନୋନୀତ



ଶିକ୍ଷା ବିଭାଗ ଅଧିକାରୀଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଲିଙ୍ଗ ସମାନତା, ପୁଷ୍ଟି, ସ୍ୱାସ୍ଥ୍ୟ ଓ ପରିମଳ ପଦାର୍ଥର ଅପବ୍ୟବହାର ନିବାରଣ, ସୁସ୍ଥ ଜୀବନଶୈଳୀ ପାଇଁ ପ୍ରୟାସ, ସୁରକ୍ଷିତ ଇଣ୍ଟରନେଟ ବ୍ୟବହାର ଭଳି ବିଷୟବସ୍ତୁ ଉପରେ ଆଧାରିତ ତଥ୍ୟକୁ ଲୋକନୃତ୍ୟ ମାଧ୍ୟମରେ ପ୍ରଦର୍ଶନ କରିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ. ପ୍ରଭାତୀ କୁମାରୀ ମହାପାତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବ୍ରହ୍ମପୁର ସିଟି ହାଇସ୍କୁଲ ପ୍ରଥମ ସ୍ଥାନ, ଓଏଭି, କୁସୁମି ଦ୍ୱିତୀୟ ସ୍ଥାନ ଓ ଭାଲିଆଝୋଲ ପ୍ରୋଜେକ୍ଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାଲିଆଝୋଲ ତୃତୀୟ ସ୍ଥାନ ହାସଲ କରିଥିଲେ। ଉଦଯାପନୀ ସଭାରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା ଉପସ୍ଥିତ ରହି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳର ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ସେ କହିଥିଲେ ଯେ, ଲୋକନୃତ୍ୟ ଏକ ବଳିଷ୍ଠ ମାଧ୍ୟମ ଯାହା ଦ୍ୱାରା ସମାଜରେ ସଚେତନତା ସୃଷ୍ଟି କିରବା ସହ ସମାଜକୁ ବୈଜ୍ଞାନିକ ଦୃଷ୍ଟିକୋଣାଭିମୁଖୀ ହେବାରେ ସାହାଯ୍ୟ କରେ। ଠିଆଇଟି ଖଲ୍ଲିକୋଟର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ନିହାରିକା ସାମନ୍ତରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରେକୃଷ୍ଣ ପଣ୍ଡା ଓ ସାଂସ୍କୃତିକ ଶିକ୍ଷାଗୁରୁ ଜୟନ୍ତ କୁମାର ଆଚାର୍ଯ୍ୟ ଓ ଶିବ ବାରିକ ବିଚାରକ ଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତାପପୁର ଆର.ଟି ବିଦ୍ୟାପୀଠର ସହକାରୀ ଶିକ୍ଷକ ନିହାର ରଂଜନ ଦାସ, ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟର ସହାୟକ ଶିକ୍ଷକ ସରୋଜ କୁମାର ମହାନ୍ତ ସହଯୋଗ କରିଥିଲେ। କେବଳ ପ୍ରଥମ ସ୍ଥାନ ଅଧିକାର କରିଥିବା ସିଟି ହାଇସ୍କୁଲ ଦଳ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇପାରିବ ବୋଲି ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

# ୪୫୦ କେଜି ଗଞ୍ଜେଇ ଜବତ, ଚାଲାଣକାରୀ ଗିରଫ

ବ୍ରହ୍ମପୁର,୧୫।୧୦ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜେଇ ଚାଲାଣର ହବ୍ ପାଲଟିଛି ବ୍ରହ୍ମପୁର। ସହରକୁ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଅବକାରୀ ସଦର ରେଞ୍ଜ୍ ଏସ୍‌ପି ପ୍ରବୀଣ କୁମାର ପ୍ରଧାନ ଖବର ପାଇଥିଲେ। ତାଙ୍କ ନିର୍ଦ୍ଦେଶରେ ଡିଏସ୍‌ପି ସ୍ନେହଲତା ନାୟକ ଓ କୁମୁଦ ରଞ୍ଜନ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇଥିଲା। ବୁଧବାର ସକାଳେ ବ୍ରହ୍ମପୁର ସହର ପ୍ରବେଶପଥ ଜଗଦଳପୁର ଛକରେ ଉକ୍ତ ଟିମ୍‌ର ପାଟ୍ରୋଲିଂ ବେଳେ ସନ୍ଦେହଜନକ ଭାବେ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ୍(ନଂ. ଓଡି ୦୫ ଏଏନ୍-୮୬୬୩)କୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ୧୫ଟି ବସ୍ତାରେ ଗଞ୍ଜେଇ ଭର୍ତ୍ତି ହୋଇଥିବା ଜଣାପଡ଼ିଥିଲା। ଗାଡ଼ିଚାଳକ ତଥା ଗଞ୍ଜେଇ ଚାଲାଣକାରୀ ଉତ୍ତରପ୍ରଦେଶର ପରଭେଜ୍ ଆଲମ୍(୩୨)ଙ୍କୁ କାବୁ କରାଯାଇଛି। ଜେରାବେଳେ ସେ ଉକ୍ତ ଗଞ୍ଜେଇ ଗଜପତି ଜିଲାରୁ ଆଣି ବ୍ରହ୍ମପୁର ଦେଇ ଉତ୍ତରପ୍ରଦେଶ ନେଇଥାନ୍ତେ ବୋଲି ସ୍ୱୀକାର କରିଛନ୍ତି। ଜବତ ଗଞ୍ଜେଇ ଓ ଗାଡ଼ିର ମୂଲ୍ୟ ପ୍ରାୟ ୫୨ ଲକ୍ଷ ଟଙ୍କା ହେବ ବୋଲି ଇନ୍‌ସପେକ୍ଟର ମନୀଷା ଭୋଳ ସୂଚନା ଦେଇଛନ୍ତି। ଅବକାରୀ ପୋଲିସ ଏ ସଂକ୍ରାନ୍ତରେ ନଂ.୧୧୮/୨୫-୨୬ରେ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତ ପରଭେଜ୍‌ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

# ଶୀଘ୍ର ଖୋଲିବ ପୀତବାସ ପଣ୍ଡା ହତ୍ୟା ରହସ୍ୟ

ବ୍ରହ୍ମପୁର,୧୫।୧୦ (ସୁବାସ ଚନ୍ଦ୍ର ପାଢ଼ୀ)

ଆଇନଜୀବୀ ତଥା ଭାଜପା କର୍ମୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାକୁ ୧୦ ଦିନ ପୂରିଛି। ବିହାରୀ ବନ୍ଧୁକରେ ପୀତବାସଙ୍କୁ ହତ୍ୟା କରାଯାଇଥିବା ନେଇ ସନ୍ଦେହ କରାଯାଉଛି। ଏ ଦିଗରେ ଏବେ ପୋଲିସ ଜୋର୍‌ସୋର୍ ତଦନ୍ତ ଚଳାଇଛି । ଅପରାଧ ଘଟାଇବା ପରେ ହତ୍ୟାକାରୀ କିଛି ସୁରାକ୍ ଛାଡ଼ିଯାଇଛନ୍ତି। କିଛି ନିର୍ଦ୍ଦିଷ୍ଟ ପ୍ରମାଣ ମଧ୍ୟ ପୋଲିସ ହାତରେ ଲାଗିଛି। ସିସିଟିଭି ଫୁଟେଜ୍ ସହ ଡମ୍ ଡାଟା ଆନାଲିସିସ୍ ଜରିଆରେ ହତ୍ୟାକାରୀ(ଶୁଟର) ପୋଲିସ କବ୍‌ଜାରେ ଥିବା ଜଣାପଡ଼ିଛି। ପୂର୍ବରୁ ଏହି ଜିଲାରେ ହୋଇଥିବା ଏକ ହତ୍ୟାକାଣ୍ଡରେ ଜଣେ ଯୁବକଙ୍କ ସମ୍ପୃକ୍ତି ରହିଥିଲା। ଅଭିଯୁକ୍ତ ସେହି ମାମଲାରୁ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ। ପୀତବାସ ସେହି ମାମଲାର ଓକିଲ ଥିଲେ। ସନ୍ଦିଗ୍ଧ ଯୁବକ ପୀତବାସଙ୍କ ହତ୍ୟାକାଣ୍ଡର କିଛିଦିନ ପୂର୍ବରୁ ତାଙ୍କ ଘର ପାଖ ଓ ସହର ଭିତରେ ତାଙ୍କୁ ପିଛା କରୁଥିବା ସିସିଟିଭିରୁ ଦେଖିବା ପରେ ପୋଲିସର ସନ୍ଦେହ ବଢ଼ିଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ ଏକ ନୂଆ ଟିମ୍ ଗଢ଼ାଯାଇଥିଲା। ସେହି ଟିମ୍‌କୁ ଆନ୍ଧ୍ରପ୍ରଦେଶରୁ ସଫଳତା ମିଳିଥିବା ଶୁଣାଯାଉଛି। ଅନ୍ୟପଟେ ବିହାରରୁ ବନ୍ଧୁକ ଆଣି ପୀତବାସଙ୍କୁ ହତ୍ୟା କରିଯାଇଥିବା ଚର୍ଚ୍ଚା ହେଉଛି। ହତ୍ୟାକାଣ୍ଡର ୧୦ ଦିନ ପରେ ମଧ୍ୟ ତଦନ୍ତରେ ବାଧାହେବା ଦୃଷ୍ଟିରୁ ପୋଲିସ ମୁହଁ ଖୋଲୁ ନ ଥିବା ବେଳେ ଶୀଘ୍ର ଏହି ହାଇପ୍ରୋଫାଇଲ ହତ୍ୟାକାଣ୍ଡର ପର୍ଦ୍ଦାଫାସ୍ ହେବ ବୋଲି ସୂଚନା ମିଳୁଛି।

# ଗଞ୍ଜାମ ବ୍ୟାଡ୍‌ମିଣ୍ଟନ ଦଳର ଉମରକୋଟ ଯାତ୍ରା


ନିଜ କୋଚ ଓ ମ୍ୟାନେଜର ଏବଂ ଶିକ୍ଷା ବିଭାଗ କର୍ମଚାରୀଙ୍କ ସହିତ ଉମରକୋଟ ଯାତ୍ରା କରିବାକୁ ଥିବା ଦଳୀୟ ଖେଳାଳି।

ବ୍ରହ୍ମପୁର,୧୫।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଜିଲା ଶିକ୍ଷା ବିଭାଗ ପକ୍ଷରୁ କ୍ରୀଡା ଉପରେ ଛାତ୍ରୀଛାତ୍ରଙ୍କୁ ଦକ୍ଷ କରିବାକୁ ଗୁରୁତ୍ୱ ଦିଆଯାଇଛି। ଜିଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ବିଭିନ୍ନ ବ୍ଲକରେ ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ବ୍ୟାଡ ମିଣ୍ଟନ ପ୍ରତିଯୋଗିତା ବ୍ଲକସ୍ତର ଓ ଜିଲାସ୍ତରରେ ପୂର୍ବରୁ ଅନୁଷ୍ଠିତ ହୋଇଯାଇଛି। ୧୪ ଓ ୧୭ବର୍ଷରୁ କମ ବାଳିକାବାଳକ ଦଳ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାପାଇଁ ବୁଧବାର ଉମରକୋଟ ଯାତ୍ରା କରିଛନ୍ତି। ୧୭ ପ୍ରତିଯୋଗୀଙ୍କ ଭିତରେ ଅଛନ୍ତି ୭ ବାଳିକା ଓ ୧୦ ବାଳକ। ଏଥି ସହ ସେମାନଙ୍କ କୋଚ ଓ ଟିମ୍ ମ୍ୟାନେଜର ଏଭଳି ୨୦ ଜଣ ଏହି ଦଳରେ ସାମିଲ ଅଛନ୍ତି।

### ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟରେ ଆଭାସିରେ ୭ ଜଣିଆ ନାକ୍ ଟିମ

#### ଟିମ୍‌କୁ ସମସ୍ତ ତଥ୍ୟ ଦେଲେ କୁଳପତି

ବ୍ରହ୍ମପୁର, ୧୫।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟରେ ବୁଧବାର ଆଭାସି (ଅନ୍‌ଲାଇନ) ମାଧ୍ୟମରେ ୭ ଜଣିଆ ନାକ ଟିମ ରହି ନାକ୍ ମାନ୍ୟତା ପାଇଁ ଆଲୋଚନା କରିଥିଲେ । ସକାଳ ୯ଟାରେ ସମ୍ମିଳନୀ କକ୍ଷରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ସମେତ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ ତ୍ରିପାଠୀ, ଆଇକ୍ୟୁଏସିର ନିର୍ଦ୍ଦେଶକ ପ୍ରଫେସର ପ୍ରସନ୍ନ ଦୀକ୍ଷିତ, ଯୁଗ୍ମ ନିର୍ଦ୍ଦେଶକ ଡ.ଲକ୍ଷ୍ମୀଧର ରାଉତ ଏବଂ ସମସ୍ତ ବିଭାଗର ବିଭାଗୀୟ ମୁଖ୍ୟ ଉପସ୍ଥିତ ରହି ବିଶ୍ୱ ବିଦ୍ୟାଳୟର ନାକ ମାନ୍ୟତା ପାଇଁ ଆବଶ୍ୟକ ତଥ୍ୟକୁ ଅନ୍‌ଲାଇନରେ ଉପସ୍ଥାପନ କରିଥିଲେ। ପ୍ରାୟ ୧୦ ଘଣ୍ଟା ଧରି ନାକ ଟିମ ଆଲୋଚନା କରିଥିଲେ। କୁଳପତି ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଟିମ୍‌କୁ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ । ପରେ ନାକ ଟିମ୍ ପକ୍ଷରୁ ତଥ୍ୟ କୁଳପତିଙ୍କୁ ପ୍ରଦାନ କରାଯାଇଥିଲା। କୁଳପତି ସେହି ତଥ୍ୟକୁ ପୁଣି ରହିଥିବା ଭୁଲକୁ ସଂଶୋଧନ କରି ପ୍ରଦାନ କରିଥିଲେ। ନାକ ଟିମ ଖୁବ ଶୀଘ୍ର ମାନ୍ୟତା ପତ୍ର ପ୍ରଦାନ କରିବେ ବୋଲି ସୂଚନା ମିଳିଛି । ଏ ନେଇ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କୁ ପଚାରିବାରୁ ସେ କହିଲେ, ଚଳିତବର୍ଷ ଗତ ଅଗଷ୍ଟ ମାସରେ ନାକ ଟିମ୍ ଦ୍ୱାରା ବିଶ୍ୱ ବିଦ୍ୟାଳୟ 'ଏ' ଗ୍ରେଡ୍ (୩.୦୪) ମାନ୍ୟତା ପାଇଥିଲା। ପୁଣି ସେହି ମାସରେ ପୁନଃ ପରିଦର୍ଶନ ପାଇଁ ଆବେଦନ ନାକ୍‌କୁ କରାଯାଇଥିଲା । ବୁଧବାର ଟିମ୍ ଆଭାସୀ ମାଧ୍ୟମରେ ଏହାର ତଦାରଖ କରିଛନ୍ତି। ଯାହା ଆବଶ୍ୟକ ତଥ୍ୟ ଚାହିଁଛନ୍ତି ଟିମ୍‌କୁ ପ୍ରଦାନ କରାଯାଇଛି। ମିଳିଥିବା ପଏଣ୍ଟରୁ ଅଧିକ ପାଇବା ଏବଂ 'ଏ +'ମାନ୍ୟତା ମିଳିବ ବୋଲି ଆଶା ରହିଥିବା କୁଳପତି କହିଛନ୍ତି ।

# ବନୀକରଣ ଉପରେ ଆର୍ଯ୍ୟଭଟ୍ଟର ଗୁରୁତ୍ୱ



ବନୀକରଣରେ ଭାଗ ନେଇଥିବା ସ୍ୱେଚ୍ଛାସେବୀମାନେ।

ବ୍ରହ୍ମପୁର,୧୫।୧୦(ଅଶୋକ କୁମାର ସାହୁ)

ଆର୍ଯ୍ୟଭଟ୍ଟ ପରିବେଶ ଓ ପ୍ରକୃତି ଫାଉଣ୍ଡେସନର ଲଣ୍ଡା ପାହାଡ଼ ବନୀକରଣ ଉପରେ ଗୁରୁତ୍ୱ ଦେଇ ଆସୁଛି। ରାମଚନ୍ଦ୍ର ପଲ୍ଲୀ ରଙ୍ଗ ମାଟିଆ ପାହାଡରେ ଏଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ପାହାଡ଼ ୨୦୧୭ ପୂର୍ବରୁ ସମ୍ପୂର୍ଣ୍ଣ ଲଣ୍ଡା ଥିଲା । ତତ୍କାଳୀନ ବନ ବିଭାଗ ବିଶେଷଜ୍ଞ ମତ ଦେଇଥିଲେ ଯେ, ଏଭଳି ମାଟିରେ ଗଛ ହେବନାହିଁ କିନ୍ତୁ ସେଇ ବର୍ଷଠାରୁ ସେଠାରେ କ୍ରମାଗତ ବନୀକରଣ ଫଳରେ ଏବେ ତାହା ଜଙ୍ଗଲରେ ପରିଣତ ହୋଇଛି। ଗଜ ଜୁନ ମାସରୁ ଆରମ୍ଭ ହୋଇଥବବା ଏହି କାର୍ଯ୍ୟକ୍ରମ ଉଦଯାପିତ ହୋଇଛି। ପରେ ସମତଳ ଅଞ୍ଚଳରେ କେତେକ ଫଳ ଚାରା ରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଚଳିତ ବର୍ଷ ୨ ଲକ୍ଷ ମଞ୍ଜିଗୁଳା, ପ୍ରାୟ ୧୦ ଲକ୍ଷ ମଞ୍ଜି ସହ ୨୦୦ ଚାରା ରୋପଣ କରି ଅନୁଷ୍ଠାନ ଦ୍ୱାରା ପୂର୍ବରୁ ବନୀକରଣ କରାଯାଇଥିବା ୨୦ ପାହାଡ଼ ଓ ଏକ ନୂଆ ପାହାଡ଼ରେ ବନୀକରଣ କାର୍ଯ୍ୟକ୍ରମ ହୋଇଥିଲା । ମାଟିକୁ ଦେଖି ମଞ୍ଜି ଚୟନ କରାଯାଇଥିଲା। ତେନ୍ତୁଳି, ଆମ୍ବ ,ପଣସ, ନିମ୍ବ,ସାଗୁଆନ, ପିଜୁଳି, ଶାଳ, ପିଆଶାଳ, ଖିସ୍ତୁ, କରଞ୍ଜ, ମେହଗାନି, ଖଇଇ.କଇଠ, ବାବୁଲ,ବାଉଁଶ, ବାଦାମ, ସୀତା ଫଳ, ରକ୍ତ ଚନ୍ଦନ, ହରିଡା, ବାହାଡା, ବର, ଅଶ୍ୱତ୍ଥ, ରାଧା ଚୁଡ଼ା, କୃଷ୍ଣଚୁଡା, ସିରିଶୀ, ଚାକୁଣ୍ଡା ଶିଶୁ, କଦମ, କୃଷ୍ଣଚୁଡା, ଆକାଶିଆ, ବର, ଅଶ୍ୱତ୍ଥ ଇତ୍ୟାଦି ୭୦ ରୁ ୮୦ ପ୍ରକାର ମଞ୍ଜି ପାହାଡର ଅନୁକୂଳତାକୁ ଲକ୍ଷ୍ୟକରି ବ୍ୟବହାର କରାଯାଇଥିଲା। ଆର୍ଯ୍ୟଭଟ୍ଟ ଫାଉଣ୍ଡେସନର ସ୍ୱେଚ୍ଛାସେବୀଙ୍କ ବ୍ୟତିତ ଆଞ୍ଚଳିକ ସ୍ୱେଚ୍ଛାସେବୀ, ବିଭିନ୍ନ ଆଞ୍ଚଳିକ ସ୍କୁଲ କଲେଜ ଛାତ୍ରୀଛାତ୍ର, ଆଇ.ଆଇ.ଟି, ଏନ ଆଇଟି, ମେଡିକାଲ କଲେଜ ଛାତ୍ରୀଛାତ୍ର ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସ୍ୱେଚ୍ଛାସେବୀ ଲବ ସେଠୀ,ସୁଦାମ ମହାନ୍ତି, ସୁରେଶ ତ୍ରିପାଠୀ, କେ.ଘନଶ୍ୟାମ, ଶକୁନ୍ତଳା ଦେବୀ, ଶୁଭେନ୍ଦୁ ପାତ୍ର, ମାଧବ ନାୟକ,ସୁଧୀର ରାଉତ,ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ଆଦିତ୍ୟ ରଥ, ସୁଶାନ୍ତ ମହାନ୍ତି, ସବିତା ସାହୁକାର,ସନ୍ଦୀପ ପରିଡା ପ୍ରମୁଖ ଯୋଗ ଦେଇଥିଲେ।

# ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର ସମ୍ପର୍କିତ ସଚେତନତା ଅଭିଯାନ



କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ରହ୍ମପୁର ଏମପି ଓ ଅନ୍ୟମାନେ।

ବ୍ରହ୍ମପୁର,୧୫।୧୦(ସ୍ମୃତି ରଞ୍ଜନ ମହାଲିକ)

କେନ୍ଦ୍ର ଆର୍ଥିକ ସେବା ବିଭାଗ ମନ୍ତ୍ରାଳୟର ନିର୍ଦ୍ଦେଶ କ୍ରମେ ଆର୍ଥିକ କ୍ଷେତ୍ରରେ ଦାବି କରାଯାଇ ନ ଥିବା ସଂପତିର ଦକ୍ଷ ଓ ଶୀଘ୍ର ବିନିଯୋଗକୁ ସହଜ ପାଇଁ ଏକ ଅଭିଯାନ ବୁଧବାର ଗଞ୍ଜାମ ଜିଲାରେ ୟୁନିୟନ ବ୍ୟାଙ୍କ ସୌଜନ୍ୟରେ ଆଇଟିଆଇ ଅଡିଟୋରିୟମ ପରିସରରେ ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର ସଂପର୍କିତ ଏକ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଛି। ଏଥିରେ ବ୍ରହ୍ମପୁର ଏମପି ଡ ପ୍ରଦୀପ କୁମାର ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ବିଏମସି ମେୟର ସଂଘମିତ୍ରା ଦଳେଇ, ଅତିରିକ୍ତ ଜିଲାପାଳ ପ୍ରମୋଦ କୁମାର ପୃଷ୍ଟି, ୟୁକୋ ବ୍ୟାଙ୍କ ସିଜିଏମ ଗୌତମ ପାତ୍ର, ଆରବିଆଇ ଡିଜିଏମ ମଧୁକର ଆନନ୍ଦ, ଏସଏଲବିସିର ଲିଙ୍ଗରାଜ ନାୟକ, ୟୁନିୟନ ବ୍ୟାଙ୍କ ଡିଆରଏଚ ମେଘାରାଇ ମାରାଣ୍ଡି ଓ ଏଲଡିଏମ ହିମାଚଂଳ ସାହୁ ଯୋଗ ଦେଇଥିଲେ। ପୁଞ୍ଜି ଜମାକାରୀ ଓ ଆର୍ଥିକ ପ୍ରତିଷ୍ଠାନଠାରୁ ଦାବି ହୋଇ ନ ଥିବା ପୁଞ୍ଜିର ଦାବି ପ୍ରକ୍ରିୟା ସହଜ ପାଇଁ ଏବଂ ଫେରସ୍ତ ସଂପର୍କରେ ସଚେତନତା କରାଯାଇଥିଲା। ଜିଲାରେ ୧୦୬.୨୪ କୋଟି ଟଙ୍କା ଦାବି ରହିତ ବ୍ୟାଙ୍କ ଜମା ରାଶି ରହିଛି। ଏଥିମଧ୍ୟରୁ ଆଜି ଯାଏଁ ବ୍ୟାଙ୍କ ଓ ବୀମା କଂପାନୀ ପକ୍ଷରୁ ୭୯ କୋଟି ଟଙ୍କା ସ୍ଥିରୀକୃତ ହୋଇପାରିଛି ବୋଲି ସୂଚନା ମିଳିଛି। ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ଯୋଜନା, ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା, ଅଟଳ ପେନସନ ଯୋଜନା ସଂପର୍କରେ ସଚେତନତା କରାଯାଇଥିଲା।

# କ୍ରୀଡ଼ା ପ୍ରତିଭା ଲୋକଲୋଚନକୁ ଆଣିବ ସାଂସଦ ଖେଳ ମହୋତ୍ସବ

## ଅଧିକାରୀମାନଙ୍କ ସହ ଆଲୋଚନା କଲେ ଏମ୍‌ପି

ପାରଳାଖେମୁଣ୍ଡି,୧୫।୧୦ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବ୍ରହ୍ମପୁର ଏମ୍‌ପି ଡ଼.ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ସାଂସଦ ଖେଳ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସାଂସଦ ଖେଳ ମହୋତ୍ସବ ମାଧ୍ୟମରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଲୁକ୍କାୟିତ ଉଦୀୟମାନ କ୍ରୀଡ଼ା ପ୍ରତିଭାଙ୍କୁ ଲୋକ ଲୋଚନକୁ ଆଣିବା ଲକ୍ଷ୍ୟ ରଖାଯାଇଛି। ସୁସ୍ଥ ରହିବାକୁ ବିଭିନ୍ନ ଖେଳ ହେଉଛି ପ୍ରକୃଷ୍ଟ ମାଧ୍ୟମ। ସେଥିପାଇଁ ପ୍ରଧାନମନ୍ତ୍ରୀ ଖେଳକୁ ଗୁରୁତ୍ୱ ଦେଇ ସମଗ୍ର ଦେଶରେ ସାଂସଦ ଖେଳ ମହୋତ୍ସବ ଆୟୋଜନ ବ୍ୟବସ୍ଥା କରିଛନ୍ତି ବୋଲି ଏମ୍‌ପି ପାଣିଗ୍ରାହୀ କହିଛନ୍ତି। ଜିଲାରେ ଅକ୍ଟୋବର ୨୫ରୁ ନଭେମ୍ବର ୧୦ ମଧ୍ୟରେ ଗ୍ରାମ ପଞ୍ଚାୟତ ସ୍ତରରେ ଏହି କ୍ରୀଡା ଅନୁଷ୍ଠିତ ହେବ। ସେହିପରି ବ୍ଲକସ୍ତରରେ ନଭେମ୍ବର ୧୫ରୁ ୩୦ ପର୍ଯ୍ୟନ୍ତ ହେବ। ଏହି ଖେଳ ମହୋତ୍ସବରେ ସ୍ଥାନୀୟ ଖେଳକୁ ପ୍ରାଧାନ୍ୟ ଦେବା ସହିତ କ୍ରିକେଟ, ଫୁଟବଲ, ଭଲିବଲ, ବ୍ୟାଡମିଣ୍ଟନ , ଖୋ-ଖୋ ଓ କବାଡି ଖେଳ ଆଦି ହେବ। ବ୍ରହ୍ମପୁର ସାଂସଦ କ୍ଷେତ୍ରରେ ଡିସେମ୍ବର ୨୫ ତାରିଖରେ ବ୍ରହ୍ମପୁର ଷ୍ଟାଡିୟମଠାରେ ଏହା ହେବ। ଏହି ବୈଠକରେ ଜିଲାପାଳ ମଧୁମିତା, ଏସ୍‌ପି ଯତୀନ୍ଦ୍ର ପଣ୍ଡା,ଅତିରିକ୍ତ ଜିଲାପାଳ (ରାଜସ୍ୱ) ମୁନିନ୍ଦ୍ର ହନାଗା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେରକେଟା, ଉପଜିଲାପାଳ ଅନୁପ ପଣ୍ଡା, ଡେପୁଟି କଲେକ୍ଟର ତଥା ଜିଲା କ୍ରୀଡ଼ା ଅଧିକାରୀ ଲାବଣ୍ୟେନ୍ଦୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଭୁବନେଶ୍ୱରରୁ ଶେରଗଡ଼ ବ୍ଲକ୍ ଯୁବ ବିଜେଡି ସଭାପତି ଗିରଫ

- କାଳିଆ ଜେନା ହତ୍ୟା ଉଦ୍ୟମ ମାମଲା
- ଛାଡ଼ିବାକୁ ଦାବି କରି ଥାନା ଘେରିଲେ ସମର୍ଥକ

ଶେରଗଡ଼,୧୫।୧୦(ସୂର୍ଯ୍ୟ ନାରାୟଣ ଦାଶ)

ଗଞ୍ଜାମ ଜିଲା ଶେରଗଡ଼ ପୋଲିସ ଦୀର୍ଘ ଦିନ ବ୍ୟବଧାନ ପରେ କାଳିଆ ଓରଫ ନିରଞ୍ଜନ ଜେନା ହତ୍ୟା ଉଦ୍ୟମ ଘଟଣାରେ ଜଡ଼ିତ ବ୍ଲକ ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଆସିକା ଜେଲ୍‌କୁ ପଠାଯାଇଛି। ସେ ଘଟଣା ଘଟିବା ପରଠାରୁ ଫେରାର ଥିଲେ। ଅନ୍ୟପକ୍ଷରେ ସନ୍ତୋଷଙ୍କ ଗିରଫକୁ ନେଇ ତାଙ୍କ ସମର୍ଥକମାନେ ତାଙ୍କୁ ତୁରନ୍ତ ଛାଡ଼ିଦେବାକୁ ଦାବି କରି ଶେରଗଡ଼ ଥାନା ଘେରାଉ କରିଥିଲେ।

ଖବରରୁ ଜଣାପଡିଛି, ଗତ ୨୭।୭।୨୫ରିଖ ସନ୍ଧ୍ୟା ସମୟରେ ସୁନାନ୍ତର ଗ୍ରାମ ଛକସ୍ଥିତ ପୋଖରୀ ହୁଡ଼ାରେ କାଳିଆ ଓରଫ ନିରଞ୍ଜନ ବସି ଜଣେ ବ୍ୟକ୍ତିଙ୍କ ସହ କିଛି ଆଲୋଚନା କରୁଥିବା ବେଳେ ଅତର୍କିତ ଭାବେ ଦୁଇଟି ବାଇକ୍‌ରେ ୬ଜଣ ପହଞ୍ଚି ବୋମାମାଡ଼ ଓ ଗୁଳିମାଡ଼ କରି ହିଞ୍ଜିଳିକାଟୁ ଅଭିମୁଖେ ଫେରାର ହୋଇଯାଇଥିଲେ।


ସନ୍ତୋଷଙ୍କ ସମର୍ଥକମାନେ ଥାନା ଘେରାଉ କରିଛନ୍ତି।

ଖବର ପାଇ ଶେରଗଡ଼ ପୋଲିସ, ଆସିକା ଏସ୍‌ଡିପିଓ, ଗଞ୍ଜାମ ଏସ୍‌ପି ପହଞ୍ଚି ଘଟଣାର ଛାନଭିନ୍ କରିଥିଲେ। କାଳିଆ ଓ ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ ସେତେବେଳେ ବ୍ରହ୍ମପୁର ଡାକ୍ତରଖାନା ପରେ ବିଶାଖାପାଟଣା ନିଆଯାଇଥିଲା। ସେଠାରୁ ଇତିମଧ୍ୟରେ ସୁସ୍ଥ ହୋଇ ଫେରିଛନ୍ତି। କାଳିଆଙ୍କ ସ୍ତ୍ରୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏହି ଘଟଣାରେ ପୂର୍ବରୁ ହତ୍ୟାକାରୀ ଓ ଷଡ଼ଯନ୍ତ୍ରକାରୀ ମିଶି ୧୩ ଜଣଙ୍କ ନାମରେ ୩୧୮/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପର୍ଯ୍ୟାୟକ୍ରମେ ଏହି ମାମଲାରେ ସମ୍ପୃକ୍ତ ଥିବା ୧୧ ଜଣଙ୍କୁ ଶେରଗଡ଼ ପୋଲିସ ଗିରଫ କରିଛି। ଅଭିଯୁକ୍ତମାନେ ଏବେ ଜେଲରେ ଅଛନ୍ତି। ସନ୍ତୋଷଙ୍କୁ ମିଶାଇ ଏବେ ଗିରଫ ସଂଖ୍ୟା ୧୨ରେ ପହଞ୍ଚିଛି। ତେବେ ଘଟଣା ପରଠାରୁ ସନ୍ତୋଷ ଓ ଅନ୍ୟ ଜଣେ ଫେରାର ଥିଲେ। ଭୁବନେଶ୍ୱର ମୈତ୍ରୀ ବିହାର ଅଞ୍ଚଳରେ ସନ୍ତୋଷ ରହୁଥିବା ସୂଚନା ପାଇ ବୁଧବାର ସକାଳେ ଥାନା ଅଧିକାରୀ ବରେନ୍ଦ୍ର ଶିଆଳ ସେଠାରେ ଟିମ୍ ସହ ଚଢ଼ାଉ କରି ତାଙ୍କୁ ଗିରଫ କରି ଶେରଗଡ଼ ଥାନାକୁ ଆଣିଥିଲେ। ସନ୍ତୋଷ ଗିରଫ ହେବା ଖବର ପାଇ ତାଙ୍କର ଶତାଧିକ ସମର୍ଥକ ଥାନାରେ ପହଞ୍ଚି ତାଙ୍କୁ ଛାଡ଼ିବାକୁ ଦାବି କରି ଥାନା ଘେରାଉ କରିଥିଲେ। ଶେରଗଡ଼ ପୋଲିସ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଥାନା ଚାରିପାଖ ଓ ସହରରେ ପାଟପୁର, ହିଞ୍ଜିଳିକାଟୁ, ଧରାକୋଟ ଥାନାର ଏଏସ୍‌ଆଇ ଓ ପୋଲିସଙ୍କୁ ମୁତୟନ କରିଥିଲା। ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସ ମଧ୍ୟ ମଗାଯାଇଥିଲା। ସୂଚନାଯୋଗ୍ୟ, ସନ୍ତୋଷଙ୍କୁ ଷଡ଼ଯନ୍ତ୍ରକାରୀ ଭାବେ ଏତଲାରେ ଦର୍ଶାଯାଇଥିଲା।

**କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ହାଇଡ୍ରାମା**

# ମିଶିପାରିଲେନି ଅନନ୍ତ, ସମର୍ଥକ

## ଗାନ୍ଧୀଙ୍କ ନୀତି ଆଦର୍ଶ ଦଳରେ ଡ୍ରାମାବାଜିର ସ୍ଥାନ ନାହିଁ: ଭକ୍ତ

ଭୁବନେଶ୍ୱର,୧୫।୧୦ (ରବିନାରାୟଣ ଜେନା)

କଂଗ୍ରେସରେ ମିଶିବା ପାଇଁ ବଡ଼ଶାରୁ ଶତାଧିକ ସମର୍ଥକଙ୍କ ଗହଣରେ ଆସିଥିବା ତୁଳସୀ ଗଣନାଟ୍ୟର ମାଲିକ ଅନନ୍ତ ନାରାୟଣ ଧଳ(ନାଟ୍ୟବାବୁ) ବୁଧବାର ନିରାଶ ହୋଇଛନ୍ତି। କଂଗ୍ରେସ ଭବନରେ ତାଙ୍କୁ ଓ ତାଙ୍କ ସମର୍ଥଙ୍କୁ ପ୍ରଥାଗତ ସ୍ୱାଗତ ଦିଆଯାଇ ନ ଥିବାବେଳେ ଏହାକୁ ନେଇ କଂଗ୍ରେସ ଭବନ ସମ୍ମୁଖରେ କିଛି ସମୟ ଧରି ହାଇଡ୍ରାମା ଦେଖିବାକୁ ମିଳିଛି। ଗୋଟିଏ ପଟେ ଅନନ୍ତ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ଟାର୍ଗେଟ୍ କରିଥିବାବେଳେ ଅନ୍ୟପଟେ ଭକ୍ତ ଏହାର କଡ଼ା ଜବାବ ରଖିଛନ୍ତି। ତେବେ କଂଗ୍ରେସରେ ମିଶିବାକୁ ଅନନ୍ତଙ୍କ ଏଭଳି ପ୍ରୟାସକୁ ନେଇ ରାଜଧାନୀରେ ଚର୍ଚ୍ଚା ଜୋର୍ ଧରିଛି।

ବୁଧବାର ପୂର୍ବାହ୍ନରେ ଅନନ୍ତ ଶତାଧିକ ସମର୍ଥକଙ୍କ ଗହଣରେ ବାଜା ବଜାଇ କଂଗ୍ରେସରେ ମିଶିବା ପାଇଁ ପହଞ୍ଚିଥିଲେ। ଏହାକୁ ନେଇ କିଛି ସମୟ ପର୍ଯ୍ୟନ୍ତ ରାସ୍ତାଘାଟ ଜାମ୍ ହୋଇଯାଇଥିଲା। ହେଲେ କଂଗ୍ରେସ କାର୍ଯ୍ୟାଳୟ ଫାଟକ ତାଙ୍କ ପାଇଁ ବନ୍ଦ ହେବା ପରେ ଅନନ୍ତ କହିଛନ୍ତି, ପିସିସି ସଭାପତିଙ୍କ ସହ ଦଳରେ ମିଶିବା ଲାଗି କଥା ହୋଇଥିଲି। ଆଜି ୧୦ ହଜାରରୁ ଅଧିକ ସମର୍ଥକଙ୍କୁ ନେଇ ଆସିଥିଲି। ହେଲେ ସଭାପତି ସମୟ ଦେଲେ ନାହିଁ। ଯଦି ତାଙ୍କ ପାଖରେ ସମୟ ନ ଥିଲା ତେବେ ସେ ଅନ୍ୟ ନେତୃତ୍ୱଙ୍କ ମାଧ୍ୟମରେ ମୋତେ ଦଳରେ ମିଶାଇ ପାରିଥାନ୍ତେ। ମାତ୍ର ସେ କଂଗ୍ରେସକୁ ରାଜ୍ୟରେ ଆଗକୁ ବଢ଼ିବାକୁ ଚାହୁଁ ନାହାନ୍ତି।

ଏହାକୁ ନେଇ ଭକ୍ତ କହିଛନ୍ତି ଯେ, ଅନନ୍ତ ବାବୁ ଜଣେ ବିବାଦୀୟ ବ୍ୟକ୍ତି ବୋଲି ରିପୋର୍ଟ ଆସିଛି। ଏହାବାଦ୍ ଆଜି ମୁଁ ନୂଆପଡ଼ା ନିର୍ବାଚନରେ ବ୍ୟସ୍ତ ଥିବାରୁ ଅନୁପସ୍ଥିତ ରହିବି ବୋଲି ସ୍ଥାନୀୟ ଜିଲା ସଭାପତି ତାଙ୍କୁ ଅବଗତ କରାଇଥିଲେ। ଏଣୁ ସେ ଯେଉଁ ହଜାର ହଜାର ସମର୍ଥକଙ୍କୁ ଧରି କଂଗ୍ରେସ କାର୍ଯ୍ୟାଳୟକୁ ଆସିଥିଲେ। ଏଥିରୁ ତାଙ୍କର ଶୃଙ୍ଖଳିତ ଆଚରଣ କେତେ ତାହା ସହଜ ବାରି ହେଉଛି। କଂଗ୍ରେସ ହେଉଛି ଏକ ଶୃଙ୍ଖଳିତ ଦଳ। ଏହା ଗାନ୍ଧୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ। ଏଠାରେ କୌଣସି ଡ୍ରାମାବାଜି ଚଳିବ ନାହିଁ। ଏହା ପଛରେ ଷଡଯନ୍ତ୍ର ଲୁଚି ରହିଛି ବୋଲି ସେ କହିଛନ୍ତି। ସନ୍ଧ୍ୟାରେ ଅନନ୍ତ ପୁନର୍ବାର ଗଣମାଧ୍ୟମକୁ କହିଛନ୍ତି ଯେ, କଂଗ୍ରେସ ରାହୁଲ ଗାନ୍ଧୀଙ୍କ ଚିନ୍ତାଧାରାରେ ଅନୁପ୍ରାଣିତ। ଏଠି ତାଙ୍କୁ ପ୍ରଦେଶ କଂଗ୍ରେସ ସଭାପତି ଗ୍ରହଣ ନ କଲେ ନାହିଁ। ସେ ସିଧା ଦିଲ୍ଲୀ ଯାଇ କଂଗ୍ରେସରେ ମିଶି ଓଡ଼ିଶା ଆସିବେ। ଏହାକୁ ନେଇ ପିସିସି ସଭାପତି କହିଛନ୍ତି ଯେ, ଯଦି ସେ ରାହୁଲଙ୍କ ପାଖକୁ ଯାଇ ପାରିବେ ଯାଆନ୍ତୁ। ଏଥିରେ ଆମର କୌଣସି ଆପତ୍ତି ନାହିଁ। ତେବେ କଂଗ୍ରେସରେ ମିଶିବାପାଇଁ ଆଜି ଅନନ୍ତ ଓ ଭକ୍ତଙ୍କ ଏହି ବାକ୍ ବିତଣ୍ଡାକୁ ନେଇ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଜୋର ଧରିଛି।

**ନୂଆପଡ଼ା ଉପନିର୍ବାଚନ**


# ଫେରିଲେ ଘାସିରାମ, ୧୮ରେ ନାମାଙ୍କନ ଭରିବେ

ଭୁବନେଶ୍ୱର,୧୫।୧୦(ରବିନାରାୟଣ ଜେନା)

ଆସନ୍ତା ନଭେମ୍ବର ୧୧ରେ ହେବାକୁଥିବା ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ବୁଧବାର ଅପରାହ୍ନ ସୁଦ୍ଧା କୌଣସି ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିନାହାନ୍ତି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଅବଗତ କରାଯାଇଛି। ଏହି ପରିପ୍ରେକ୍ଷୀରେ କଂଗ୍ରେସ ପକ୍ଷରୁ ଆସନ୍ତା ୧୮ରେ ଘାସିରାମ ମାଝୀ ନାମାଙ୍କନପତ୍ର ଦାଖଲ କରିବେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ବୁଧବାର ପୂର୍ବାହ୍ନରେ ଘାସିରାମ ଓ ତାଙ୍କ ସମର୍ଥକମାନେ ନାମାଙ୍କନପତ୍ର ଦାଖଲ କରିବା ଲାଗି ଜିଲା ରିଟର୍ନିଂ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ମାତ୍ର ସେଠାରେ କାଗଜପତ୍ର ଯାଞ୍ଚବେଳେ ଜଣାପଡ଼ିଥିଲା ଯେ, ଘାସିରାମ ନିର୍ବାଚନ ଆୟୋଗଙ୍କ ନିୟମ ଅନୁଯାୟୀ କେତେକ କାଗଜପତ୍ର ପ୍ରସ୍ତୁତ କରିନାହାନ୍ତି। ଏହାକୁ ନେଇ ସେ ଓ ତାଙ୍କ ସମର୍ଥକ ଲେଉଟି ଆସିଛନ୍ତି। ଆୟୋଗଙ୍କ ବିଜ୍ଞପ୍ତି ଅନୁସାରେ ନୂଆପଡ଼ା ନିର୍ବାଚନ ପାଇଁ ନାମାଙ୍କନର ଶେଷ ତାରିଖ ଅକ୍ଟୋବର ୨୦ (ସୋମବାର) ତାରିଖ ଧାର୍ଯ୍ୟ ହୋଇଛି।

# ନିଶ୍ଚେତକର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଆଜି ବିଶ୍ୱ ନିଶ୍ଚେତକ ଦିବସ**



ପ୍ରତିବର୍ଷ ଅକ୍ଟୋବର ୧୬ ତାରିଖକୁ 'ବିଶ୍ୱ ନିଶ୍ଚେତକ ଦିବସ' (ୱାର୍ଲ୍ଡ ଆନାସ୍ଥେସିଆ ଡେ) ଭାବେ ପାଳନ କରାଯାଇ ଆସୁଛି। ଚଳିତ ବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି- 'ସ୍ୱାସ୍ଥ୍ୟଜନିତ ଜରୁରୀକାଳୀନ ପରିସ୍ଥିତିରେ ଆନାସ୍ଥେସିଓଲୋଜି'। ଏହା ପ୍ରାକୃତିକ ବିପର୍ଯ୍ୟୟ, ମହାମାରୀ ଏବଂ ସଂଘର୍ଷ ଭଳି ସଙ୍କଟର ପ୍ରତିକ୍ରିୟାରେ ଆନାସ୍ଥେସିଓଲୋଜିଷ୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସୂଚିତ କରେ। ତେବେ ବିଶେଷଭାବରେ ଅପରେଶନ ସମୟରେ ନିଶ୍ଚେତକ ବ୍ୟବହାର କରାଯାଇଥାଏ। ଏହି ଦୃଷ୍ଟିରୁ ଚିକିତ୍ସା ବିଜ୍ଞାନରେ ଏହାର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଛୋଟ ହେଉ କି ବଡ଼ ଅପରେଶନ ବେଳେ ସମ୍ପୃକ୍ତ ରୋଗୀଙ୍କୁ ଆନାସ୍ଥେସିଆ ଦିଆଯାଏ। ଏହାର ପରିମାଣ କେତେ ରହିବ ତାହା ଆନାସ୍ଥେସିଆ ଡାକ୍ତର ନିର୍ଦ୍ଧାରଣ କରିଥାଆନ୍ତି। ଏହି ଇଞ୍ଜେକ୍ସନ ଦେବା ପରେ ରୋଗୀର ଅପରେଶନ ଅଙ୍ଗ ବଧିରା ହୋଇଯାଏ ଏବଂ ସେ ଅପରେଶନ କଷ୍ଟ ଜାଣିପାରେନି। ଏ ନେଇ କେତେଜଣଙ୍କ ମନରେ ଭୟ ସୃଷ୍ଟି ହୋଇଥାଏ। ହେଲେ ଅପରେଶନ ସମୟରେ ଏଭଳି ଭାବନା ଦୂର କରିବାକୁ ନିଶ୍ଚେତକ ଡାକ୍ତରଙ୍କ ସହ ଆଲୋଚନା କରନ୍ତୁ। ୧୮୪୬ ମସିହା ଅକ୍ଟୋବର୧୬ ରେ ଡାଇଥାଇଲ ଇଥର ନିଶ୍ଚେତକର ପ୍ରୟୋଗ କରାଯାଇଥିଲା। ଏହାକୁ ସ୍ମରଣ କରିବା ଲାଗି ଉକ୍ତ ଦିବସକୁ 'ବିଶ୍ୱ ନିଶ୍ଚେତକ ଦିବସ' ଭାବରେ ପାଳନ କରାଯାଏ।


**OFFICE OF THE DIVISIONAL FOREST OFFICER, PURI WILD LIFE DIVISION**
CHAKRATIRTHA ROAD, PURI-752002
**SHORT TENDER CALL NOTICE FOR DISPOSAL OF CASHEW NUTS 2025 CROP.**
No. MM-231:- Sealed tenders are invited for the sale of the 2025 cashew nut crop from Balukhanda and Konark (Wildlife) Ranges on "as is where" basis. **Tender documents will be available from 11/10/2025 at 10:00 AM** to **the last date of submission on 22.10.2025 by 3:00 PM,** for detailed information, please visit the official website: **www.odishaforest.in**
OIPR-08140/11/0019/2526 **Sd./- DFO Puri (WL) Division**

Modal Bidding Document
Government of Odisha
Health and Family Welfare Department, Odisha
**OFFICE OF THE DEAN-PRINCIPAL**
**GOVERNMENT MEDICAL COLLEGE HOSPITAL, PHULBANI, DIST: KANDHAMAL**
**TENDER CALL NOTICE FOR MESS FOR THE BOTH "GIRLS & BOYS" HOSTEL (SEPARATELY)**
**Advt.No. 05/2025** **Dated. 14.10.2025**
No. E-440:- Sealed tenders in Two-Bid system for two different mess are invited from registered and experienced agencies for providing Mess for the both "Girls & Boys" Hostel (separately) on lease basis at Government Medical College & Hospital, Phulbani, Dist; Kandhamal. For further details please log in to our district website (https://kandhamal.odisha.gov.in.) The Quotation of both mess completed in all respect should reach the O/o the Dean & Principal, Govt. Medical College & Hospital, Phulbani, Kandhamal,Odisha in different envelopes on or before 06.11.2025 By the 5.00 PM through registered post/courier and shall be opened on 11.11.2025 (Tuesday) at 11.00 AM in presence of bidder or authorized representatives. The undersigned reserves the right to reject any or all the tender(s) without assigning any reason thereof.
**Sd./- N. Behera,** Dean & Principal
Govt. Medical College & Hospital, Phulbani, Kandhamal
OIPR-10270/11/0006/2526

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, PHULBANI (R&B) CIRCLE, PHULBANI**
Phone:-06842 254004 Email:sernbphulbani@gmail.com
**INVITATION FOR BIDS (IFB)**
**Bid Identification No.CCE_R and B_PLB_13 of 2025-26**
**No.B-604: No.1693 Dated 10.10.2025**

| | | | |
|---|---|---|---|
| 1 | The Chief Construction Engineer, Phulbani (R&B) Circle, Phulbani on behalf of the Governor of Odisha invites percentage rate bid in double cover system in ONLINE MODE for construction of the Road works as detailed in the table below from eligible contractors. | | |
| 2 | Nature of Work | :- | Road Work |
| 3 | No. of tenders | :- | One No. |
| 4 | Tender Cost | :- | Rs.10,000/- (through online) only |
| 5 | Class of Contractor | :- | B and A Class |
| 6 | Date & Time of sale & receipt of bids | :- | 10.00 AM of 18.10.2025 to 5.00 PM of 01.11.2025 |
| 7 | Date of Opening of Bid | :- | 11.00 AM of 03.11.2025 |
| 8 | The Bidders shall have to participate in online bidding only. Further details can be seen from the website: https://tendersodisha.gov.in. Any Addendum/Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

OIPR-34129/11/0031/2526 **Sd./- Chief Construction Engineer, Phulbani (R&B) Circle, Phulbani**

**OFFICE OF THE SUPERINTENDING ENGINEER DEOGARH (R&B) DIVISION, DEOGARH**
Email ID: eepwddeogarh@gmail.com
**INVITATIONS FOR BIDS (IFB)**
Letter No.2788, Dtd.08.10.2025
**No.B-596: Invitation For Bids**
**Bid Identification No.SE PWD DGR No. 16 of 2025-26**

| | | | |
|---|---|---|---|
| 1. | The Superintending Engineer, Deogarh (R&B) Division, Deogarh on behalf of Government of Odisha, invites percentage rate bids in Single & Double cover system in ONLINE MODE only for Construction of Building works as detailed below. | | |
| 2. | Nature of Work | : | Building Works |
| 3. | No. of Works | : | 02 Nos. |
| 4. | Bid Cost | : | Rs.6000/- & 10000/- |
| 5. | Class of Contractor | : | "C" Class & "B" Class |
| 6. | Availability of Bid documents in the website | : | From dt.15.10.2025 to 17.00 hours of dt.30.10.2025 |
| 7. | Date of Opening of Technical Bid | : | Dt.31.10.2025 at 11.30 AM |
| 8. | The Bidders have to participate in ONLINE bidding only. Further details can be seen from the website: http://www.tendersorissa.gov.in. Any addendum/ corrigendum/cancellation of tender can also be seen in the said website only. | | |

OIPR-34061/11/0017/2526 **Sd./- Superintending Engineer Deogarh (R&B) Division**

**Government of Odisha** No. N-177
**Higher Education Department**
**Timeline for SPOT Admission into U.G., P.G., 2 Years B.Ed./M. Ed./. 3 Years LL.B. and 3 Years Integrated B.Ed. - M.Ed. Courses in the Higher Education Institutions participating under SAMS for the Academic Session - 2025-26**

| Sl # | Activities | Timeline |
|---|---|---|
| 1 | Availability of online Common Application Form (CAF) in the website **www.samsodisha.gov.in** | 15 Oct. 2025 (11.00 A.M.) |
| 2 | Last date of applying the online CAF through SAMS portal | 22 Oct. 2025 (11.45 P.M.) |
| 3 | Publication of Rank wise list of applicants in HEI's e-Space as well as in the Student's Login | 27 Oct. 2025 (04.00 P.M.) |
| 4 | Physical reporting of the applicants for submission of CAF along with relevant documents in their respective HEIs for participating in the SPOT admission round. The interested applicants must appear in person; however, a representative with valid ID proof may also be permitted to report on their behalf. | 28 Oct. 2025 (10.00 A.M. to 05.00 P.M.) |
| 5 | Publication of merit list by the HEIs, among the reported applicants and publish the same at their Notice Board/Website & communicate to the selected applicants via phone call/SMS | 29 Oct. 2025 (02.00 P.M.) |
| 6 | Reporting of the waitlisted applicants for validation of documents, Final Admission, Collection of Admission Fees directly by the HEIs in online mode (Net Banking/Bank Challan/NEFT/UPI etc.) & Admission updation of the selected applicants in HEI's e-space | 30 Oct. 2025 (10.00 A.M.) to 31 Oct. 2025 (05.00 P.M.) |
| 7 | Last date for admission updation by the HEIs in their respective e-space | 31 Oct. 2025 (11.45 P.M.) |

**For more details please contact:**
**e-Admission Helpline (Toll Free) Number 155335/1800-345-6770**
OIPR-11001/11/0113/2526 **Sd./- Deputy Director, PTC Section**

**GOVERNMENT OF ODISHA**
E-mail.ID-sectcrb_2006@yahoo.co.in, Tel/Fax-0671-2301751/2302751
**Corrigendum to Bid Identification No.CCE.Ctc(R&B) 7/2025-26**
Tender Reference No. CCE.Ctc. (R&B) 7/2025-26
**No.B-606:**The Bid availability period and Date of opening of the tenders have been modified due to unavoidable circumstances. The modified dates are as follows:-

| Sl. No. | Bid Identification No. | Bid Availability period as per Tender Notice | Revised Bid Availability period | Bid Opening Date as per Tender Notice | Revised opening Date |
|---|---|---|---|---|---|
| 1 | CCE.Ctc. (R&B) 07/2025-26 | 09.10.2025 to 5.30 Hours of 24.10.2025 | 17.10.2025 to 5.30 Hours of 30.10.2025 | 27.10.2025 at 11.00 Hours | 31.10.2025 at 11.00 Hours |

All other terms and conditions remain unchanged. Further details can be seen from the website : htpp://tendersodisha.gov.in.
OIPR-34012/11/0051/2526 **Sd./- Chief Construction Engineer, Cuttack (R&B) Circle**

**GOVERNMENT OF ODISHA - e" PROCUREMENT NOTICE**
No.A-728 **Bid Identification No.: S.E. KCD-I (KIP) - 06/2025-26**

| | | | |
|---|---|---|---|
| 1. | Name of the Work | "Pre-Irrigation Maintanence of Kanpur Main Canal from RD 2130m RD 18010m of Kanupur Irrigation Project" | "Pre-Irrigation Maintanence from RD 18840m to 38610m and Construction of TBM Pillar and Bed Block from RD 22000m to 38610m of Kanpur Main Canal of Kanupur Irrigation Project". |
| 2. | Estimated Cost | Rs.74.20 Lakh | Rs.99.55 Lakh |
| 3. | Period of Completion | 03 (Three) Calendar Months including rainy season | 03 (Three) Calendar Months including rainy season |
| 4. | Date & time of availability of bid document in the portal | Dt.15.10.2025 from 10.00 hours to Dt.29.10.2025 upto 17.00 hours. | Dt.15.10.2025 from 10.00 hours to Dt.29.10.2025 upto 17.00 hours. |
| 5. | Last date/time for receipt of bids in the portal | 29.10.2025 upto 17.00 hours. | 29.10.2025 upto 17.00 hours. |
| 6. | Date & time of opening of tender | 30.10.2025 at 11.00 hours | 30.10.2025 at 11.00 hours |
| 7. | Name and address of the Officer Inviting Bid | Er. Duryadhan Kisan Superintending Engineer, Kanpur Canal Division-I, Jhumpura, Dist.: Keonjhar, Odisha - 758031 | Er. Duryadhan Kisan Superintending Engineer, Kanpur Canal Division-I, Jhumpura, Dist.: Keonjhar, Odisha - 758031 |

Further details can be seen from the e-Procurement portal **"https://www.tendersodisha.gov.in"**.
OIPR-32157/11/0004/2526 **Sd./- Superintending Engineer, Kanpur Canal Division -I, Jhumpura**

ଓଡ଼ିଶା ସରକାର, ଜଳ ସମ୍ପଦ୍ ବିଭାଗ No.A-718
**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁର**
**ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି**
ପତ୍ର ସଂଖ୍ୟା.୧୨୯୭, ତାରିଖ ୦୯.୧୦.୨୫
ନିଲାମ ଡାକର ସଂଖ୍ୟା ଅନ୍‌ଲାଇନ-୦୨/କ୍ଷୁ.ଜ.ବି.ନବରଙ୍ଗପୁର/୨୦୨୫-୨୬
**Bid Identification No.SEMIDNGPUR-02/2025-26**
ଇମେଲ୍-mingpur@yahoo.in, ଟେଲିଫୋନ ନମ୍ବର. ୦୬୮୫୮-୨୨୨୧୩୦

| | | |
|---|---|---|
| ୧. | କାର୍ଯ୍ୟର ନାମ | : ନୂତନ ଗଡିକୁଣ୍ଡ ଆଡିବନ୍ଧର ନିର୍ମାଣ ଏବଂ ଗୋପିଗୁଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଉନ୍ନତୀକରଣ ୨୦୨୫-୨୬ ବର୍ଷ ପାଇଁ। |
| ୨. | ସର୍ବମୋଟ କାମର ସଂଖ୍ୟା | : ୦୨ (ଦୁଇ) ମାତ୍ର |
| ୩. | ଅଟକଳ ମୂଲ୍ୟ | : ଆନୁମାନିକ ୧୬.୯୫ ରୁ ୪୮.୩୭ ଲକ୍ଷ |
| ୪. | ଠିକାଦାରଙ୍କ ଶ୍ରେଣୀ | : "ଘ", "ଗ" ଏବଂ "ଖ" ଶ୍ରେଣୀ |
| ୫. | ଟେଣ୍ଡର କାଗଜ ମୂଲ୍ୟ(online) | : ଟଙ୍କା ୬,୦୦୦.୦୦ |
| ୬. | ନିଲାମ ସୁରକ୍ଷା (online) | : ଡି.ଟି.ସି.ଏନ୍.ରେ ଉପଲବ୍ଧ |
| ୭. | କାର୍ଯ୍ୟ ସମାପ୍ତି ସମୟ | : ୦୩ (ତିନି) ମାସରୁ ୦୬ (ଛଅ) ମାସ |
| ୮. | ନିଲାମ ଉପଲବ୍ଧତା ତାରିଖ ଓ ସମୟ | : ତା-୧୫.୧୦.୨୦୨୫ ରିଖ ଦିବା ୧୦.୦୦ ଘଟିକାଠାରୁ ତା.୨୨.୧୦.୨୦୨୫ ରିଖ ସନ୍ଧ୍ୟା ୫.୦୦ ଘଟିକା ପର୍ଯ୍ୟନ୍ତ ୱେବ୍‌ସାଇଟ (www.tendersorissa.gov.in) ରେ ଉପଲବ୍ଧ |
| ୯. | ନିଲାମ ପ୍ରାପ୍ତିର ଶେଷ ତାରିଖ ଓ ସମୟ | : ତା.୧୫.୧୦.୨୦୨୫ ରିଖ ଦିବା ୧୦.୦୦ ଘଟିକା ଠାରୁ ତା.୨୨.୧୦.୨୦୨୫ ରିଖ ସନ୍ଧ୍ୟା ୫.୦୦ ଘଟିକା ପର୍ଯ୍ୟନ୍ତ ଅନ୍‌ଲାଇନ ୱେବ୍‌ସାଇଟ ମାଧ୍ୟମରେ |
| ୧୦. | ନିଲାମ ଖୋଲିବା ତାରିଖ ଓ ସମୟ | : ତା.୨୩.୧୦.୨୦୨୫ ଦିବା ୧୧.୦୦ ଘଟିକା ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁରଙ୍କ କାର୍ଯ୍ୟାଳୟରେ |
| ୧୧. | ନିଲାମ ଆମନ୍ତ୍ରଣ ଅଧିକାରୀଙ୍କ ନାମ ଓ ଠିକଣା | : ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ ନବରଙ୍ଗପୁର, ସ୍ଥାନ/ପୋଷ୍ଟ- ନବରଙ୍ଗପୁର ଜିଲ୍ଲା-ନବରଙ୍ଗପୁର, ପିନ୍‌କୋଡ୍-୭୬୪୦୫୯ |
| ୧୨. | ଓଡ଼ିଶା ସରକାରଙ୍କ ୱେବ୍‌ସାଇଟରେ ଅଧିକ ବିବରଣୀ ଉପଲବ୍ଧ ହେବ | : www.tendersorissa.gov.in |

ସ୍ୱା./- ଅଧୀକ୍ଷଣ ଯନ୍ତ୍ରୀ
OIPR-32294/11/0018/2526 କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁର

**OFFICE OF THE BALASORE MUNICIPALITY, BALASORE**
No. 14394 **E-Procurement Notice** Date: 08.10.2025
**Bid Identification No. BM_03_2025-26**
No. C-1261: Bid documents consisting of work, estimated cost, cost of tender paper, EMD, time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. **https://tendersodisha.gov.in/nicgep/app**.
1. Name of the Work : Civil works as mentioned in DTCN
2. No. of works : 05 Nos.
3. Estimated Cost : As per Work List
4. Period of Completion : As per DTCN
5. Date & time of Bidding : 09.10.2025 to 21.10.2025
6. Last date & time for receipt : 21.10.2025 upto 5.00 P.M.
7. Bids received online shall be opened on : 22.10.2025 from 11.00 A.M. onwards
8. Name and address of the Officer Inviting Bid : Executive Officer, Balasore Municipality

Further details can be seen from the e-procurement portal i.e. **https://tendersodisha.gov.in/nicgep/app**.
**Sd./- Executive Officer, Balasore Municipality**
**OIPR-13154/11/0051/2526**

See Career Appointment on every Wednesday & Saturday

**ODISHA COOPERATIVE TASAR & SILK FEDERATION (SERIFED) LTD.**
**Sahid Nagar, Janpath, Bhubaneswar - 751007, Tel.: 2545586/2545852**
**email: serifedodisha@gmail.com, website: www.serifedodisha.in**
**INVITATION FOR BIDS (e-Procurement)**
**Bid Identification No. VI-09(09)/SERIFED/2025-26/1288/Dt.14.10.2025**
No. CAD-2018: The Managing Director (SERIFED), Odisha, Bhubaneswar invites item rate tenders in Double Cover System in ONLINE MODE only from the registered contractors for the work 01 (One) No. of work in Cuttack district. The bid documents such as DTCN/BOQ etc. can be seen/downloaded from the Government website: **www.tendersodisha.gov.in.** during the period Dt.17.10.2025 to 17.00 hours upto Dt.31.10.2025. Online bids shall be received till 17.00 hours dt.31.10.2025 & shall be opened at 11.30 A.M. on Dt.01.11.2025. Any addendum.corrigendum/ cancellation of tender can also be seen in the said website.
**Sd./- Managing Director**
**OIPR-31005/11/0019/2526**

**Government of Odisha "e" Procurement Notice**
**WORKS DEPARTMENT**
**Bid Identification No.CCEKC-13/2025-26**
e-mail:ccekeonjharpwdcircle@gmail.com / sekcpwd_keonjhar@yahoo.com
**No.B-591** **Letter No.4899 Dt.08.10.2025**
1. No. of the Work : 2 Number of Building Works
2. Estimated Cost : Rs.195.90 Lakhs to Rs.235.06 Lakhs
3. Class of Contractor : "B" & "A" Class
4. Period of Completion : 09 (Nine) Calendar Months to 12 (Twelve) Calendar Months
5. Date and Time of availability of Bid document in the Portal : From 11.00 hours of 14.10.2025 to 16.00 hours of 28.10.2025
6. Last date/time for receipt of bids in the portal : 16.00 hours of 28.10.2025
7. Date of Opening of Bid from Portal : 11.30 hours on 29.10.2025
8. Name and address of the Officer Inviting Bid : Chief Construction Engineer, Keonjhar (R&B) Circle, Keonjhar- 758001

Further details can be seen from the e-procurement portal "http://tendersodisha.gov.in".
OIPR-34033/11/0096/2526 **Sd./- Chief Construction Engineer Keonjhar (R&B) Circle, Keonjhar**

**OFFICE OF THE SUPERINTENDING ENGINEER BHUBANESWAR (R&B) DIVISION NO II, BHUBANESWAR**
eerb2_bbsr@yahoo.com
**INVITATIONS FOR BIDS THROUGH e-Procurement**
**Bid Identification No- C.C. (R&B) - 02**
**e-Procurement Notice No. 20 of 2025-26**
No. B-599:- The Superintending Engineer, Bhubaneswar (R&B) Division No-II, Bhubaneswar on behalf of the Governor of Odisha invites percentage rate bids for **One** Number **Road** works to be received in online bidding, Double cover system as detailed in: https://tendersorissa.gov.in. The details of bid documents will be available in the above website from **14.10.2025 to 5.00 P.M of 28.10.2025**. The bidders must possess compatible Digital Signature Certificate of Class II or III. Bids received online shall be opened at **11.00 A.M. of 29.10.2025** in the Office of the Superintending Engineer, Bhubaneswar (R&B) Division No-II, Bhubaneswar. Further details can be seen from the e-procurement portal www.tendersorissa.gov.in.
Addendum / Corrigendum, if required, will be available only in the Website.
**Sd./- Superintending Engineer, BBSR (R&B) Division No.II, BBSR**
OIPR-34088/11/0024/2526

**Government of Odisha** No. H-33
**"e" Procurement of Notice**
**Bid Identification No. 01 of 2025-26**
**(Ref. - TCN No. 542 Dated: 10.10.2025)**
**No. 545** **Date: 10.10.2025**

| Sr. No. | Item | Details |
|---|---|---|
| 1 | The Sub-Collector-Padampur-cum-Chairman, RMC Padampur invites percentage rate bids in Single & Double cover system in ONLINE MODE only for work as detailed below: | |
| 2 | Nature of the work | Construction of building type works |
| 3 | No. of work | 13 Nos. |
| 4 | Bid Cost | Rs.6000.00 to 10000.00 online transfer |
| 5 | Value of Tender | Rs.46.92 lakhs to Rs.135.27 lakhs |
| 6 | Class of Contractor | "B" & "A" Class |
| 7 | Availability of BID documents in the website | Dt.13.10.2025 (1.00 P.M.) to 23.10.2025 (Upto 5.00 P.M.) |
| 8 | Last date/time of receipt of bids in the portal | Dt.23.10.2025 upto 5.00 P.M. |
| 9 | Date of opening of Bid | Dt.24.10.2025 at 11.30 A.M. |
| 10 | The bidders have to participate in ONLINE bidding only. Further details can be seen from the website: **https://tendersorissa.gov.in**. Any Addendum/Corrigendum/ Cancellation of the tender etc can also be seen in the website: **https://tendersorissa.gov.in**. | |

**Sd./- Sub-Collector Padampur-cum-Chairman R.M.C., Padampur**
OIPR-01478/11/0005/2526

**OFFICE OF DISTRICT MANAGER**
**ODISHA STATE CIVIL SUPPLIES CORPORATION LTD. (OSCSC), BALANGIR**
**Phone: 94382-00035, District Website: https://balangir.odisha.gov.in/**
**Tender No. 6044, 6045, 6046, 6047, 6048, 6049, 6050, 6051, 6052, 6053, 6054, 6055, 6056, 6057, 6058, 6059, 6060 Dt.10.10.2025**
No. CAD-2001: District Manager, Odisha State Civil Supplies Corporation Ltd., Balangir (District) invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the Work | Selection and appointment of (i) Level-I Transport Contractor for transportation of food grains from FSD, FCI to RRCs, (ii) Level-II Transport Contractor for transportation of foodgrains from RRCs to Retail Centers (FPS) in the district of the State of Odisha |
| 2 | Availability of bid document in the portal | From Dt.13.10.2025 |
| 3 | Last Date/time for receipt of bids in the portal | Dt.04.11.2025 upto 05.00 P.M. |
| 4 | Date/time of Opening of Technical Bid | Dt.06.11.2025 at 11.00 A.M. |
| 5 | Name and address of the Officer Inviting Tender | District Manager, OSCSC Ltd., Balangir |

Tender documents & other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in** along with district website. Amendments/Corrigendum/Cancellation/ Re-tenders etc. if any shall be published only in above websites.
**Sd./- District Manager OSCSC Ltd., Balangir**
OIPR-07031/11/0012/2526

**GOVERNMENT OF ODISHA** No.b-26:
**OFFICE OF THE EXECUTIVE ENGINEER NATIONAL HIGHWAY DIVISION, JHARSUGUDA**
At-PWD Colony, PO-Kalimandir Road, Dist-Jharsuguda, Pin-768202,
Email:eenhjsg@gmail.com
TENDER CALL NOTICE TO BID INVITATION NO. E.E.(NH)-2/2025-26/ JHARSUGUDA
Letter No. Dated

| | | | |
|---|---|---|---|
| | The Executive Engineer, N.H. Division, Jharsuguda on behalf of the Governor of Odisha invites percentage rate bid in Single/Double cover system in ONLINE MODE from eligible contractors for construction of Civil works as detailed in table below:- | | |
| 1 | Nature of the Work | : | Civil Works |
| 2 | Total Nos. of the Work | : | 02 (Two) Nos. |
| 3 | Estimated Cost | : | Rs.37.06 Lakhs/ Rs.72.74 Lakhs (Appx.) (Excluding GST) as per work |
| 4 | Period of Completion | : | 03 (Three Calendar Months) |
| 5 | Cost of Bid Document | : | Rs.6,000/- Rs.10,000/- |
| 6 | Bid Security | : | As per Column No. 06 of IFB |
| 7 | Class of Contractor | : | "B" & "C" / "B" |
| 8 | Date & Time of Availability of Bid document in the Portal | : | From 11.00 hours of dt.15.10.2025 to 17.00 hours of dated 28.10.2025 |
| 9 | Last date/time for receipt of bids in the portal | : | 17.00 hours of dated 28.10.2025 |
| 10 | Opening dates of Bid | : | 11.00 hours of dated 29.10.2025 |
| 11 | Name and address of the Officer Inviting Bid | : | EXECUTIVE ENGINEER, NATIONAL HIGHWAY DIVISION, JHARSUGUDA, At-PWD Colony, PO-Kalimandir Road, Dist-Jharsuguda, Pin-768202 |
| | Further details can be seen from the e-procurement portal http://www.tendersodisha.gov.in. Any addendum/corrigendum/cancellation of tender can also be in the said website only. | | |

OIPR-24431/11/0002/2526 **Sd./- Executive Engineer, N.H. Division, Jharsuguda**

**Fisheries & ARD Department**
**Government of Odisha**
**Dated:15.10.2025**
**Corrigendum No.1**
**Extension of deadline in EOI for the design, construction, exhibit development and operation of a State-of-the Art-Marine Aquarium and under water zoo at/near Puri Sea Beach**
**No.M-31:**1.With reference to EOI for the design, construction, exhibit development and operation of a State-of-the Art-Marine Aquarium and under water zoo at/near Puri Sea Beach dated 12.09.2025 issued by Fisheries & ARD Department all prospective developers/ companies are hereby informed that, it has been decided to revise the last date and time for submission of proposal, review of the proposal and the final decision announcement. The revised dates are given below.
Proposal submission deadline : 25.10.2025, 5 PM
Proposal review period : 04.11.2025, 5 PM
Final Decision Announcement : 15.11.2025, 5 PM
2.All other conditions in the EOI document remain the same. Developers/ Companies / Firms are advised to submit the proposal well in advance in PDF format to pmufard@gmail.com by 25.10.2025, 5 PM. Detailed EOI document is available in the website of F& ARD Department, Government of Odisha.
**Sd./- Principal Secretary**
**Fisheries & ARD Department, Lok Seva Bhawan**
**Sachivalaya Marg, Bhubaneswar, Odisha**
OIPR-52014/11/0002/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୦ ମାସରେ ୫୦%ରୁ ଅଧିକ ରିଟର୍ନ ଦେଇଛି ସୁନା

**ଭୁବନେଶ୍ୱର,୧୫।୧୦**

ଆମେରିକା ଓ ଚାଇନା ମଧ୍ୟରେ ବଢୁଥିବା ତିକ୍ତତା ଏବଂ ଆମେରିକୀୟ ଫେଡେରାଲ ରିଜର୍ଭ ବ୍ୟାଙ୍କ ଦ୍ୱାରା ସୁଧ ହାର ହ୍ରାସ ସମ୍ଭାବନା ମଧ୍ୟରେ ସୁନା ଓ ରୁପାର ଦର ରେକର୍ଡ ଉଚ୍ଚତାରେ ପହଞ୍ଚିଛି। ସୁନା ଏବେ ପ୍ରତିଆଉନ୍ସ୪,୧୮୫ ଡଲାରରେ ଏବଂ ରୁପା ୫୩.୫୪ ଡଲାରରେ ନିଜର ସର୍ବକାଳୀନ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଚଳିତ ବର୍ଷର ପ୍ରଥମ ୧୦ ମାସରେ ସୁନା ୫୦%ରୁ ଅଧିକ ରିଟର୍ନ ଦେଇଛି। ରିପୋର୍ଟ ଅନୁଯାୟୀ, ଏହି ବର୍ଷ ସୁନା ୩୦ରୁ ଅଧିକ ଥର ନିଜର ସର୍ବୋଚ୍ଚ ସ୍ତର ଛୁଇଁଛି। ଯଦିଓ ଗତ ୧୫ ବର୍ଷ ଧରି ସୁନାର ଚାହିଦା ସ୍ଥିର ରହିଛି ଏବଂ ଯୋଗାଣରେ ମଧ୍ୟ କୌଣସି ବଡ଼ ଅଭାବ ହୋଇନାହିଁ, ତଥାପି ଏହାର ଦର ଅଭୂତପୂର୍ବ ଭାବେ ବଢୁଛି। ବିଶେଷଜ୍ଞଙ୍କ ମତରେ ନିରାପଦ ନିବେଶ ଭାବେ ସୁନାର ଚାହିଦା ବୃଦ୍ଧି ହେବା ସୁନା ଦର ବୃଦ୍ଧିର ପ୍ରମୁଖ କାରଣ ଗତ ୩ବର୍ଷରେ ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ପ୍ରଚୁର ପରିମାଣରେ ସୁନା କିଣୁଛନ୍ତି।



ଆମେରିକାରେ ଟ୍ରମ୍ପଙ୍କ ଟାରିଫ ନୀତି ଓ ଭୂରାଜନୈତିକ ସଙ୍କଟ ସୁନା ଦର ବୃଦ୍ଧିର ଆଉ ଏକ କାରଣ। ସେହିପରି ଆମେରିକୀୟ ଡଲାରର ମୂଲ୍ୟ ୧୧% ହ୍ରାସ, ଯାହା ୧୯୭୩ ପରେ ସର୍ବାଧିକ ଏହା ମଧ୍ୟ ଏକ କାରଣ ବୋଲି ବିଶେଷଜ୍ଞଙ୍କର ରହିଛି। ଭାରତରେ ସୁନାର ଦର ଦ୍ରୁତଗତିରେ ବଢୁଛି। ୨୦୧୦ ଦଶକରେ ୧୦ ଗ୍ରାମ ସୁନାର ମୂଲ୍ୟ ୪୦,୦୦୦-୫୦,୦୦୦ ଟଙ୍କା ଥିବା ବେଳେ ଏବେ ଏହା ୧,୩୦,୦୦୦ ଟଙ୍କା ଅତିକ୍ରମ କରିଛି। ଚଳିତ ବର୍ଷ ମାତ୍ର ୧୦ ମାସରେ ସୁନାର ଦର ୭୭,୦୦୦ ଟଙ୍କାରୁ ୧,୩୦,୦୦୦ ଟଙ୍କାକୁ ବୃଦ୍ଧି ପାଇଛି, ଅର୍ଥାତ୍ ୫୧% ବୃଦ୍ଧି। ବିଶ୍ୱ ସୁନା ପରିଷଦ (ୱାର୍ଲ୍ଡ ଗୋଲ୍ଡ କାଉନସିଲ) ରିପୋର୍ଟ ଅନୁଯାୟୀ, ୨୦୨୨, ୨୦୨୩ ଓ ୨୦୨୪ରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ପ୍ରତିବର୍ଷ ୧,୦୦୦ ଟନ୍‌ରୁ ଅଧିକ ସୁନା କିଣିଛନ୍ତି। ୨୦୨୫ ମେ ସୁଦ୍ଧା ଏମାନଙ୍କ ପାଖରେ ୩୬,୩୪୪ ଟନ ସୁନା ରହିଛି। ଏହି ଖରିଦ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ରିପୋର୍ଟରେ କୁହାଯାଇଛି। ବିଶ୍ୱରେ ସୁନାର ମୋଟ ଭଣ୍ଡାରର ୪ଭାଗରୁ ଗୋଟିଏ ଅଂଶ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ କିଣୁଛନ୍ତି, ଯାହା ଗହଣା ଓ ନିବେଶ ପାଇଁ ଯୋଗାଣରେ ଅଭାବ ସୃଷ୍ଟି କରୁଛି। ଏହା ସହ ଭାରତ ଓ ଚାଇନା ଭଳି ଦେଶ ଗତ ୧୫ ବର୍ଷ ଧରି ସୁନାର ବଡ଼ ଗ୍ରାହକ ହୋଇ ରହିଛନ୍ତି। ଆମେରିକୀୟ ଡଲାରର ମୂଲ୍ୟ ହ୍ରାସ ଓ ଅନ୍ୟାନ୍ୟ କାରଣ ହେତୁ ସୁନାର ଦର ନିକଟ ଭବିଷ୍ୟତରେ କମିବାର ସମ୍ଭାବନା କମ୍ ଦେଖାଯାଉଛି। ନ୍ୟୁୟର୍କ ଇଣ୍ଟରକଣ୍ଟିନେଣ୍ଟାଲ ଏକ୍ସଚେଞ୍ଜ (ଆଇସିଇ) ଅନୁଯାୟୀ ଡଲାର ଇଣ୍ଡେକ୍ସ ବର୍ତ୍ତମାନ ୯୮.୫୭ରେ ରହିଛି।

# ଦକ୍ଷିଣ ପୂର୍ବ ରେଳପଥର ଜୋନାଲ ରେଳପଥ ଉପଭୋକ୍ତା ପରାମର୍ଶ କମିଟି ବୈଠକ

**ଭୁବନେଶ୍ୱର,୧୫।୧୦**

ଦକ୍ଷିଣ ପୂର୍ବ ରେଳପଥର ୧୦୫ତମ ଜୋନାଲ ରେଳପଥ ଉପଭୋକ୍ତା ପରାମର୍ଶ କମିଟି (ଜେଡଆରୟୁସିସି) ବୈଠକ କୋଲକାତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦକ୍ଷିଣ ପୂର୍ବ ରେଳପଥର ମହାପ୍ରବନ୍ଧକ ଅନୀଲ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ବୈଠକରେ ଏମପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜ୍ୟୋର୍ତିମୟ ସିଂ ମହାତୋ, ବିଦ୍ୟୁତ ବରଣ ମହାତୋ, ଖିରୁ ମହାତୋ, କାଳୀପଦ ସାରେନ ଖେରୱାଲ, ବିଧାୟକ ଶ୍ୟାମଳ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ମୋଟ ୨୫ ଜଣ ସଦସ୍ୟ ଏହି ବୈଠକରେ ଯୋଗ ଦେଇଥିଲେ। ମହାପ୍ରବନ୍ଧକ ମିଶ୍ର ସଦସ୍ୟମାନଙ୍କୁ ଦକ୍ଷିଣ ପୂର୍ବ ରେଳପଥର ସାମ୍ପ୍ରତିକ ଉନ୍ନତି ଓ ବିକାଶମୂଳକ କାର୍ଯ୍ୟ ବିଷୟରେ ଅବଗତ କରାଇଥିଲେ। ସେ ଯାତ୍ରୀ ସୁବିଧା, ନିର୍ମାଣ କାର୍ଯ୍ୟର ଅଗ୍ରଗତି, ନିରାପତ୍ତା ବ୍ୟବସ୍ଥାରେ ଉନ୍ନତି, ମାଲବାହୀ ଲୋଡିଂରେ ବୃଦ୍ଧି ଏବଂ ଅମୃତ ଷ୍ଟେଶନ ଯୋଜନା ଅଧୀନରେ ଷ୍ଟେସନ ପୁନର୍ବିକାଶ ଆଦି ବିଷୟରେ ଆଲୋଚନା କରିଥିଲେ। ସଦସ୍ୟମାନେ ରେଳପଥର ବିକାଶମୂଳକ କାର୍ଯ୍ୟକୁ ପ୍ରଶଂସା କରିବା ସହ ଟ୍ରେନ ସେବା, ଯାତ୍ରୀ ସୁବିଧା ଓ ସଂଯୋଗୀକରଣରେ ଉନ୍ନତି ପାଇଁ ମୂଲ୍ୟବାନ ପରାମର୍ଶ ଦେଇଥିଲେ।




ସେମାନେ ଟ୍ରେନର ସମୟାନୁବର୍ତ୍ତିତା, ରୁଟ ବିସ୍ତାର, ଅତିରିକ୍ତ ଷ୍ଟପେଜ, ଟ୍ରେନର ଫ୍ରିକ୍ୱେନ୍ସି ବୃଦ୍ଧି, ନୂଆ ହଲ୍ଟ ଷ୍ଟେଶନ ନିର୍ମାଣ ଆଦି ଦାବି କରିଥିଲେ। ଏହା ସହ ଷ୍ଟେଶନରେ ଲିଫ୍ଟ, ଏସ୍କେଲେଟର, ଶୌଚାଳୟ, ପ୍ଲାଟଫର୍ମ ଛାତ ଓ ରାମ୍ପ ଭଳି ଯାତ୍ରୀ ସୁବିଧାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲେ। ମହାପ୍ରବନ୍ଧକ ମିଶ୍ର କହିଥିଲେ ଯେ, ସଦସ୍ୟମାନଙ୍କର ପରାମର୍ଶ ଓ ଦାବିକୁ ଗୁରୁତ୍ୱ ଦିଆଯିବ। ସେ ରେଳ ପ୍ରକଳ୍ପର ଶୀଘ୍ର କାର୍ଯ୍ୟକାରୀ ପାଇଁ ସଦସ୍ୟମାନଙ୍କର ସହଯୋଗ ଆବଶ୍ୟକ ବୋଲି ମଧ୍ୟ କହିଥିଲେ। ବୈଠକରେ ଅତିରିକ୍ତ ମହାପ୍ରବନ୍ଧକ ସୌମିତ୍ର ମଜୁମଦାର ଏବଂ ଦକ୍ଷିଣ ପୂର୍ବ ରେଳପଥର ଅନ୍ୟାନ୍ୟ ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନୂଆଦିଲ୍ଲୀରେ ୧୬ତମ ଅନ୍ତର୍ଜାତୀୟ ରେଳ ଉପକରଣ ପ୍ରଦର୍ଶନୀ

**ଭୁବନେଶ୍ୱର,୧୫।୧୦(ଅନୁରାଧା ମହାରଣା)**

ରେଳ, କେନ୍ଦ୍ର ସୂଚନା ଓ ଇଲେକ୍ଟ୍ରୋନିକ୍ସ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନୂଆଦିଲ୍ଲୀର ଭାରତ ମଣ୍ଡପମରେ ୧୬ତମ ଅନ୍ତର୍ଜାତୀୟ ରେଳ ଉପକରଣ ପ୍ରଦର୍ଶନୀ-୨୦୨୫ ଉଦ୍‌ଘାଟନ କରିଛନ୍ତି। ଏହି ପ୍ରଦର୍ଶନୀ ଏସିଆର ସବୁଠାରୁ ବଡ଼ ଓ ବିଶ୍ୱର ଦ୍ୱିତୀୟ ବୃହତ୍ତମ ରେଳ ପ୍ରଦର୍ଶନୀ । ମନ୍ତ୍ରୀ ବୈଷ୍ଣବ ଘୋଷଣା କରିଛନ୍ତି , ବିକଶିତ ଭାରତ ଲକ୍ଷ୍ୟ ଅଧୀନରେ ୨୦୪୭ ସୁଦ୍ଧା ୭,୦୦୦ କିଲୋମିଟରର ନିର୍ଦ୍ଦିଷ୍ଟ ଯାତ୍ରୀ କରିଡର ନିର୍ମାଣ କରାଯିବ, ଯାହା ୩୫୦ କି.ମି. ପ୍ରତି ଘଣ୍ଟା ଗତିରେ ଚାଲିବ। ଏହି କରିଡରରେ ଦେଶୀୟ ସିଗ୍‌ନାଲିଂ ସିଷ୍ଟମ ଓ ଆଧୁନିକ ଅପରେଶନ୍ସ କଣ୍ଟ୍ରୋଲ ସେଣ୍ଟର ରହିବ। ବନ୍ଦେ ଭାରତ ୩.୦ ବିଶ୍ୱସ୍ତରୀୟ ମାନକ ସହ ମେଳ ଖାଉଛି, ଯାହା ୫୨ ସେକେଣ୍ଡରେ ୦ରୁ ୧୦୦ କି.ମି. ଗତି ହାସଲ କରୁଛି। ଆଗାମୀ ୧୮ ମାସ ମଧ୍ୟରେ ବନ୍ଦେ ଭାରତ ୪.୦ ଲଞ୍ଚ ହେବ, ଯାହା ଆରାମଦାୟକ ଆସନ, ଉନ୍ନତ ଶୌଚାଳୟ ଓ ଉଚ୍ଚମାନର କାରିଗରି ସହ ବିଶ୍ୱସ୍ତରୀୟ ମାନକ ସ୍ଥାପନ କରିବ। ଅମୃତ ଭାରତ ୨.୦ ଚାଲୁଛି ଓ ୩.୦ ନିର୍ମାଣାଧୀନ। ଆଗାମୀ ୩୬ ମାସରେ ନୂଆ ପିଢ଼ିର ଯାତ୍ରୀ ଲୋକୋମୋଟିଭ ପରୀକ୍ଷଣ ପାଇଁ ପ୍ରସ୍ତୁତ ହେବ। ଗତ ୧୧ ବର୍ଷରେ ୩୫,୦୦୦ କି.ମି. ନୂଆ ଟ୍ରାକ୍ ଓ ୪୬,୦୦୦ କି.ମି. ବିଦ୍ୟୁତୀକରଣ ହୋଇଛି। ଭାରତୀୟ ରେଳ ଏବେ ଆଫ୍ରିକା, ଅଷ୍ଟ୍ରେଲିଆକୁ ରପ୍ତାନି କରୁଛି। ଦୈନିକ ୨ କୋଟିରୁ ଅଧିକ ଯାତ୍ରୀଙ୍କୁ ସେବା ଦେଉଥିବା ଭାରତୀୟ ରେଳ ମାଲ ପରିବହନରେ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଛି। 'ଭବିଷ୍ୟତ ପାଇଁ ପ୍ରସ୍ତୁତ ରେଳ' ଥିମ୍ ଅଧୀନରେ ୧୫ରୁ ୧୭ ଅକ୍ଟୋବର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଦର୍ଶନୀରେ ୧୫ଟି ଦେଶର ୪୫୦ରୁ ଅଧିକ ପ୍ରଦର୍ଶକ ଅଂଶଗ୍ରହଣ କରୁଛନ୍ତି।


ଅଶ୍ୱିନୀ ବୈଷ୍ଣବ

# ସିମେଣ୍ଟ ବିକ୍ରି ପରିମାଣ ୪.୩ ଏମ୍‌ଏମ୍‌ଟି ରହିଛି

**ଯାଜପୁର,୧୫।୧୦(ହର୍ଷବର୍ଦ୍ଧନ ବେହେରା)**

**ନୁଭୋକୋ ଭିସ୍ତାସ୍‌ର ୨ୟ ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା**

ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିମିଟେଡ୍ ସେପ୍ଟେମ୍ବର ୩୦ରେ ଶେଷ ହୋଇଥିବା ତ୍ରୈମାସିକ ପାଇଁ ଏହାର ଆର୍ଥିକ ଫଳାଫଳ ଘୋଷଣା କରିଛି। ନିକଟରେ ଅଧିଗ୍ରହଣ କରାଯାଇଥିବା ବଦରାଜ ସିମେଣ୍ଟ ପ୍ଲାଣ୍ଟର ଉତ୍ପାଦନ କାରଖାନା ପୁନର୍ନିର୍ମାଣ ପ୍ରକ୍ରିୟାରେ ରହିଥିବାବେଳେ ଏହାର ପରିଚାଳନା ୨୦୨୬-୨୭ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ସୁଦ୍ଧା ଆରମ୍ଭ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାବ୍ୟତୀତ ସୋନାଡ଼ିହ ସିମେଣ୍ଟ ପ୍ଲାଣ୍ଟ ଏବଂ ଓଡ଼ିଶା ସିମେଣ୍ଟ ପ୍ଲାଣ୍ଟରେ ରେଲୱେ ସାଇଡିଂ ଭଳି ସମସ୍ତ ଆଭ୍ୟନ୍ତରୀଣ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ପରେ କମ୍ପାନୀ ୨୦୨୫ ଡିସେମ୍ବରରୁ ୨୦୨୭ ମାର୍ଚ୍ଚ ମଧ୍ୟରେ ପୂର୍ବ ଭାରତରେ ପର୍ଯ୍ୟାୟକ୍ରମେ ଏହାର କ୍ଷମତାକୁ ୪ ମିଲିୟନ ମେଟ୍ରିକ୍ ଟନ୍ ପର ଆନମ(ଏମ୍‌ଏମ୍‌ଟିପିଏ)କୁ ବିସ୍ତାର କରିବା ଉପରେ କାର୍ଯ୍ୟ ଆରମ୍ଭ କରିଛି। ଏହି ଉନ୍ନତୀକରଣ ସହ ନୁଭୋକୋର ସିମେଣ୍ଟ କ୍ଷମତା ୨୦୨୭ ଆର୍ଥିକ ବର୍ଷ ସୁଦ୍ଧା ୩୫ ଏମ୍‌ଏମ୍‌ଟିପିଏକୁ ବୃଦ୍ଧି ପାଇବା ପାଇଁ ପ୍ରସ୍ତୁତ ରହିଛି। କମ୍ପାନୀ ଏହି ତ୍ରୈମାସିକ ସମୟରେ ଉନ୍ନତ ବାର୍ଷିକ ପ୍ରଦର୍ଶନ ବଜାୟ ରଖିଛି। କମ୍ପାନୀ ଏହି ୨ୟ ତ୍ରୈମାସିକରେ ୪.୩ ମିଲିୟନ ମେଟ୍ରିକ୍ ଟନ୍(ଏମ୍‌ଏମ୍‌ଟି)ର ମୋଟ ସିମେଣ୍ଟ ବିକ୍ରି ପରିମାଣ ହାସଲ କରିଛି। ଏହାବ୍ୟତୀତ ୨୦୨୫-୨୬ର ୨ୟ ତ୍ରୈମାସିକରେ କମ୍ପାନୀର ମୋଟ ପରିଚାଳନାଗତ ରାଜସ୍ୱ ବାର୍ଷିକ ଭିତ୍ତିରେ ୮% ବୃଦ୍ଧି ହୋଇ ୨୪୫୮ କୋଟି ଟଙ୍କା ରହିଛି। କମ୍ପାନୀ ଏହି ୨ୟ ତ୍ରୈମାସିକରେ ୩୭୧ କୋଟି ଟଙ୍କାର ରାଜସ୍ୱ ହାସଲ କରିଛି। କମ୍ପାନୀ ଏହାର ଶୁଦ୍ଧ ଋଣକୁ ବାର୍ଷିକ ଭିତ୍ତିରେ ୧୦୦୯ କୋଟି ଟଙ୍କା ହ୍ରାସକରି ୩୪୯୨ କୋଟି ଟଙ୍କାରେ ପହଞ୍ଚାଇଛି। ଏହି ଅବଧିରେ ପ୍ରିମିୟମ ଉତ୍ପାଦଗୁଡ଼ିକର ବ୍ୟବସାୟ ପରିମାଣ ହାର ୨ୟ ତ୍ରୈମାସିକରେ ୪୪%ର ଏକ ଐତିହାସିକ ଉଚ୍ଚତାରେ ପହଞ୍ଚିଛି। ପ୍ରତି ଟନ୍ ସିମେଣ୍ଟିୟସ ମ୍ୟାଟେରିଆଲ ପିଛା ୪୫୩.୮ କିଲୋଗ୍ରାମ ସର୍ବନିମ୍ନ କାର୍ବନ ନିର୍ଗମନ ହେଉଛି। କମ୍ପାନୀର ପ୍ରଦର୍ଶନ ସମ୍ପର୍କରେ ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଜୟାକୁମାର କ୍ରିଷ୍ଣାସ୍ୱାମୀ କହିଛନ୍ତି, ମୌସୁମୀ, ଜିଏସ୍‌ଟି ହାର ହ୍ରାସ ପାଇଁ ଆଡ୍‌ଜଷ୍ଟମେଣ୍ଟ ଓ ପ୍ରାରମ୍ଭିକ ପାର୍ବଣ ଉତ୍ସବ ଭଳି ପ୍ରତିକୂଳ ସ୍ଥିତି ସତ୍ତ୍ୱେ କମ୍ପାନୀ ଉନ୍ନତ କାର୍ଯ୍ୟଦକ୍ଷତା ପ୍ରଦାନ କରିବା ଜାରି ରଖିଛି। ବଦରାଜ ସିମେଣ୍ଟରେ ପୁନର୍ନିର୍ମାଣ ଓ ପ୍ରକଳ୍ପ କାର୍ଯ୍ୟକାରିତା ଧାର୍ଯ୍ୟ ସମୟସୀମା ଅନୁଯାୟୀ ଆଗକୁ ବଢୁଛି, ଯାହା ପଶ୍ଚିମାଞ୍ଚଳରେ ଆମର ବଜାର ଉପସ୍ଥିତିକୁ ଆହୁରି ବୃଦ୍ଧି କରିବ। ଏଥିସହ ସେ କହିଛନ୍ତି, ପୂର୍ବ ଭାରତରେ ଯୋଜନାଗତ ସମ୍ପ୍ରସାରଣ ସମେତ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ମହାରାଷ୍ଟ୍ର ଓ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ବଜାରରେ ଆମର ଉପସ୍ଥିତିକୁ ମଜଭୁତ କରିବା ପାଇଁ ପ୍ରସ୍ତୁତ ରହିଛି।

# ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର 'ସଗୁନ୍ କଲେକ୍ସନ'

**ଭୁବନେଶ୍ୱର,୧୫।୧୦(ଅନୁରାଧା ମହାରଣା)**

ଧନ୍‌ତେରସ୍‌ରେ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍ ପକ୍ଷରୁ 'ସଗୁନ୍ କଲେକ୍ସନ' ଲଞ୍ଚ କରାଯାଇଛି। ଏଥିରେ ସୁନା, ହୀରା, ଆଣ୍ଟିକ୍ ଓ ପୋଲକୀ ଅଳଙ୍କାର ରହିଛି। ଏଭରଲାଇଟର ଟ୍ରେଣ୍ଡି ଲୋଟସ କଲେକ୍ସନ, ଗସିପ୍ ସିଲ୍‌ଭର ଓ ଫ୍ୟାଶନ ଜୁଏଲେରିର ଆଧୁନିକ ତତ୍ତ୍ୱ କଲେକ୍ସନ, ପୁରୁଷମାନଙ୍କ ପାଇଁ ଅହମ କଲେକ୍ସନ ଏବଂ ପରଫେକ୍ଟ ଲଭ୍ କଲେକ୍ସନରେ ହାର୍ଟସ ଆଣ୍ଡ ଆରୋଜ କଟ୍ ହୀରା ଅଳଙ୍କାର ରହିଛି। ଏହି ଲଞ୍ଚକୁ ଆହୁରି ଆକର୍ଷଣୀୟ କରିବା ପାଇଁ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଏମଣ୍ଡସ ବଲିଉଡ୍ ତାରକା କିଆରା ଆଡଭାନୀଙ୍କ ସହ ଏକ ପ୍ରଚାର ଅଭିଯାନ ଆରମ୍ଭ କରିଛି। ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ନିର୍ଦ୍ଦେଶକ ତଥା ମାର୍କେଟିଂ ଓ ଡିଜାଇନ ମୁଖ୍ୟ ଯଜୋଇତା ସେନ୍ କହିଛନ୍ତି, ଧନ୍‌ତେରସ୍ ହେଉଛି ଆନନ୍ଦ, ପ୍ରେମ ଓ ନୂଆ ଆରମ୍ଭର ସମୟ। ପର୍ବର ଆନନ୍ଦକୁ ଆହୁରି ବୃଦ୍ଧି କରିବା ପାଇଁ ସେନ୍‌କୋ ଆକର୍ଷଣୀୟ ଅଫର ମଧ୍ୟ ପ୍ରଦାନ କରୁଛି। ଗ୍ରାହକମାନେ ସୁନା ଅଳଙ୍କାର ଉପରେ ପ୍ରତି ଗ୍ରାମରେ ୭୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ଏବଂ ହୀରା ଅଳଙ୍କାର ଉପରେ ୧୫% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହା ସହ ପୁରୁଣା ସୁନା ବଦଳରେ ୧୦୦% ମୂଲ୍ୟ ମଧ୍ୟ ମିଳିବ।

SENCO GOLD & DIAMONDS

# ନିଯୁକ୍ତି, ବ୍ୟବସାୟ, ଭ୍ରମଣ ପାଇଁ ଇଣ୍ଟିଗ୍ରେଟେଡ୍ ପୋର୍ଟାଲ



**ଭୁବନେଶ୍ୱର,୧୫।୧୦**

ଓଡ଼ିଶା ୩୬୦.କମ୍ ପକ୍ଷରୁ ଆନୁଷ୍ଠାନିକ ଭାବେ ଏହାର ନୂଆ ଇଣ୍ଟିଗ୍ରେଟେଡ୍ ପୋର୍ଟାଲର ଶୁଭାରମ୍ଭ କରାଯାଇଛି। ଏହି ନୂଆ ପ୍ଲାଟ୍‌ଫର୍ମରେ ଓଡ଼ିଶାର ବ୍ୟବସାୟ ଡିରେକ୍ଟୋରି, ବଜାର, ନିଯୁକ୍ତି ତାଲିକା, ଭ୍ରମଣ ବିକଳ୍ପ, କାର୍ଯ୍ୟକ୍ରମ କ୍ୟାଲେଣ୍ଡର ଏବଂ ପବ୍ଲିକେଶନକୁ ଏକ ଉପଭୋକ୍ତା-ଅନୁକୂଳ ଡିଜିଟାଲ ବ୍ୟବସ୍ଥାରେ ଏକତ୍ରିତ କରାଯାଇଛ। ଏହାଦ୍ୱାରା ଉପଭୋକ୍ତାମାନେ ଏ ସମସ୍ତ ସୁବିଧାକୁ ଗୋଟିଏ ସ୍ଥାନରେ ସହଜରେ ପାଇପାରିବେ। ଏ ସମ୍ପର୍କରେ ଓଡ଼ିଶା୩୬୦ ଏବଂ ବାଟୋଇର ସିଇଓ ଡ. ଅଶ୍ୱିନୀ କୁମାର ରଥ କହିଛନ୍ତି, 'ଓଡ଼ିଶା୩୬୦ ଓଡ଼ିଶାର ଲୋକ ଓ ସଂଗଠନଗୁଡ଼ିକ ଜୀବନକୁ ସହଜ କରିବା ପାଇଁ ନିର୍ମିତ। ଚାକିରି ଖୋଜିବାଠାରୁ ଆରମ୍ଭ କରି ବ୍ୟବସାୟ ତାଲିକାଭୁକ୍ତ କରିବା କିମ୍ବା ସପ୍ତାହ ଶେଷରେ ଭ୍ରମଣ ଯୋଜନା କରିବା ପର୍ଯ୍ୟନ୍ତ ଯାଞ୍ଚ କରାଯାଇଥିବା ତାଲିକା, ସ୍ୱଚ୍ଛ ମୂଲ୍ୟ ନିର୍ଦ୍ଧାରଣ ଏବଂ ସୁରକ୍ଷିତ ପେମେଣ୍ଟ ସହିତ ସବୁକିଛି ଗୋଟିଏ ସ୍ଥାନରେ କରିହେବ। ଓଡ଼ିଶା ବଜାର ପାଇଁ ବିଶେଷ ଭାବେ ତିଆରି କରାଯାଇଥିବା ଚାକିରି ତାଲିକା ଏବଂ ରିଜ୍ୟୁମର ଏକ ସନ୍ଧାନଯୋଗ୍ୟ ଡାଟାବେସ୍ ପ୍ରଦାନକରେ, ଯାହା ନିଯୁକ୍ତିଦାତା ଓ ଚାକିରି ଖୋଜୁଥିବା ଲୋକଙ୍କ ପାଇଁ ନିଯୁକ୍ତି ପ୍ରକ୍ରିୟାକୁ ସରଳ କରିବ।

# ଭାରତର ହାଉସିଂ ସେଣ୍ଟିମେଣ୍ଟ ଇଣ୍ଡେକ୍ସ ୧୪୨କୁ ବୃଦ୍ଧି

**ଭୁବନେଶ୍ୱର,୧୫।୧୦**

ମ୍ୟାଜିକବ୍ରିକ୍ସ ଦ୍ୱାରା ପ୍ରକାଶିତ ଏଚ୍‌ଏସ୍‌ଆଇ ରିପୋର୍ଟରେ ଭାରତର ଗୃହ ବଜାର ଏକ ସ୍ଥିର ପୁନରୁତ୍ଥାନ ଦେଖୁଛି। ପୂର୍ବ ରାଉଣ୍ଡରେ ୧୫୬ରୁ ୧୩୮ କୁ ହ୍ରାସ ପାଇବା ପରେ, ଏଚଏସଆଇ ୧୪୨କୁ ପୁନର୍ବାର ବୃଦ୍ଧି ପାଇଛି। ଗୃହକ୍ରେତାମାନେ ଉଚ୍ଚ ମୂଲ୍ୟ ଏବଂ ସୁଧ ହାର ସତ୍ତ୍ୱେ ଗୃହ କ୍ରୟ ବଢୁଛି। ଚେନ୍ନାଇ ଶ୍ରେଷ୍ଠ ପ୍ରଦର୍ଶନକାରୀ ସହର ଭାବରେ ଉଭା ହୋଇଛି, ତା'ପରେ ନୋଏଡା/ଗ୍ରେଟର ନୋଏଡା ଏବଂ କୋଲକାତା ରହିଛି। ଭିତ୍ତିଭୂମି ବିକାଶ, ବାଣିଜ୍ୟିକ ଅଭିବୃଦ୍ଧି ଏବଂ ନୂତନ ପ୍ରକଳ୍ପ ଲଞ୍ଚ ଦ୍ୱାରା ଉଚ୍ଚ-ସମ୍ଭାବ୍ୟ ବଜାରଗୁଡ଼ିକ ପାରମ୍ପରିକ ବିଳାସପୂର୍ଣ୍ଣ ହବ୍ଗୁଡ଼ିକୁ କ୍ରମଶଃ ପଛରେ ପକାଇ ଦେଉଛନ୍ତି। ତେଣୁ ମେଟ୍ରୋ ସହରଗୁଡ଼ିକର ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡ଼ିକ ଅଧିକ ଆଗ୍ରହୀ ହେଉଛନ୍ତି।


# Classified Everyday
0674-2580101, 9692975378


REAL ESTATE
SALE

କେଶୁରାରେ Immediate ଘରକରି ରହିବା ପାଇଁ ପାଚେରିସହିତ ଘରବାରି ପ୍ଲଟ ମିଳୁଛି। 9692213354. ଧ-୭୬୯୪୧




Kerala Ayurveda Massage therapy gents/ Ladies pain relief, Bhubaneswar. 9337672475. D-2217

Newly open health benefits spa by expert therapists 9658088274. D-2234

The massage felt totally professional! & comfortable at all times- 7978109255. D-76500

## AFFIDAVIT

By virtue of an affidavit sworn before Executive Magistrate, Hatadihi, Kendujhar, Dated- 21.08.2025 I, Ramamani Panda, W/o- Late Upendra Panda, Vill.- Sulana, P.O.-Sulana ,Via- Fakirpur, P.S.- Nandipada, Dist.- Kendujhar, PIN- 758022, State-Odisha, declare that I have changed my name from Rama Panda to Ramamani Panda. Henceforth, I shall be known as Ramamani Panda for all purposes.
Ramamani Panda
D-2289

By Virtue of an Affidavit before Executive Magistrate, Kantabanji on 15/10/2025 that in my all documents my name is recorded as V.V.Ramana Murty, S/o- V.Venkata Rao At/P.O./P.S.- Kantabanji Patel Colony, Dist.-Bolangir(Odisha) but in Educational Certificates of my daughter V.V.S.S.Praveena, my name is wrongly mentioned as V.V.Ramana Murthy whereas V.V.Ramana Murty & V.V.Ramana Murthy is same and one person. D-2284

By virtue of an affidavit sworn before the Notary Public, Khariar, No.- 3455, Dt.- 11.10.25, I, Sashikala Agrawal, W/o- Pawan Kumar Agrawal, R/o- Khariar, Azad Chowk, W.N.- 8, P.O./P.S.- Khariar, Dist.- Nuapada declare that, I have changed my name from SASHI AGRAWAL to SASHIKALA AGRAWAL. That, from today onwards I shall be known as 'SASHIKALA AGRAWAL' W/o- PAWAN KUMAR AGRAWAL for all purpose.
Sashikala Agrawal
D-2287

By virtue of an affidavit sworn before Executive Magistrate, Aul dated- 09.10.25, I, Aman Kumar Mohanty, S/o- Gagan Bihari Mohanty, Village- Nial, P.O.- Nial, P.S.- Aul, Dist.- Kendrapara, Odisha, declare that I have changed my name from Amar Mohanty to Amon Kumar Mohanty. Henceforth, I shall be known as Aman Kumar Mohanty for all purposes.
Aman Kumar Mohanty
D-2288

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Manoranjan Sahoo father of Sneha Sahu, Address: ward No.- 01, Majhi Sahi, Patana, P.O.- Kantilo, Dist.- Nayagarh, PIN- 752078, Odisha, have changed my name to Manoranjan Sahoo for all the purposes. D-2283

By virtue of an affidavit sworn before Executive Magistrate, Rasulpur, dated- 30.08.2025, I, Golap Sahu, Address: Vill- Chitrakul, P.O.- Barabati, P.S.- Dharmasala, Via- Dharmasala, Dist.- Jajpur, PIN- 755008, Odisha declare that I have changed my name from Golapi Sahu to Golap Sahu. Henceforth, I shall be known as Golap Sahu for all purposes.
Golap Sahu
D-2285

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Notary Public, Junagarh, dated- 09.09.2025, I, Baijayanti Sunani, D/o- Cheru Sunani, R/o- Village- Balichhada, P.O.- Kaliakundal, P.S.- Junagarh, Dist.- Kalahandi, Odisha declare that I have changed my name from Baimayanti Senapati to Baijayanti Sunani. Henceforth, I shall be known as Baijayanti Sunani for all purposes.
Baijayanti Sunani
D-2291

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



**ଂମଞ୍ଜୁଳା ବେହେରା**
ଶ୍ରୀବିହାର, ପଟିଆ, ଭୁବନେଶ୍ୱର
ଆବିର୍ଭାବ: ୦୧।୦୭।୧୯୫୪
ତିରୋଧାନ:୦୮.୧୧.୨୦୨୩
(କାର୍ତ୍ତିକ କୃଷ୍ଣ ଏକାଦଶୀ)
ତୁମ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠ, ତ୍ୟାଗମୟ ଆଦର୍ଶର ପ୍ରତିଛବି, ଉଦାରତାର ପ୍ରତିଫଳନ ଆମକୁ ପ୍ରତିକ୍ଷଣ ନୈତିକତାର ମାର୍ଗଦର୍ଶନ କରାଉଥିବ ତୁମ ଅନୁପସ୍ଥିତି ଜନିତ ଅପୂରଣୀୟ ଶୂନ୍ୟସ୍ଥାନ ଆମକୁ ସଦା ଆନ୍ଦୋଳିତ କରିବ, ଶ୍ରୀଜଗନ୍ନାଥଙ୍କ କରୁଣାରୁ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପ୍ରାର୍ଥନା ସହିତ ତୁମ ଶୁଭାଶୀର୍ବାଦ ଆମର କାମ୍ୟ।
ଶୋକସନ୍ତପ୍ତ ପରିବାରବର୍ଗ:- ସ୍ୱାମୀ: ଶ୍ରୀଚରଣ, ପୁତ୍ର: ବିଲୁ, ବିଶୁ, ପୁତ୍ରବଧୂ: ବିପ୍ସିତା, ସ୍ମୃତିରେଖା, ଝିଅ: ଅନୁପମା, ଜ୍ୱାଇଁ: ବିଶ୍ୱରଞ୍ଜନ, ନାତି/ନାତୁଣୀ: ଅଙ୍କିତା, ନିକିତା, ଭୂମିକା, ଅର୍ଣଭ, ଜ୍ୟୋତିରଗଣେଶ୍ୱର ଏବଂ ଆତ୍ମୀୟସ୍ୱଜନ।
ଧ-୨୨୯୦

### ୧୧ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



**ଂଭୁବନେଶ୍ୱର ହୋତା**
(ଶିକ୍ଷକ), ସାଲ-୨୦୧୪
କାର୍ତ୍ତିକ ଏକାଦଶୀ, କମା ଶାସନ
କେତେ ସ୍ନେହ ଢାଳୁଥିଲ ଆପଣା ଶିରରେ
ସେଥିପାଇଁ ଲୁହରେ ସବୁରି ଆଖିରେ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର:- ପୁଅ- ଗଦା, ବିମ୍ବା, ବୋହୂ- ପ୍ରତିମା, ରୁବି, ନାତି- ବୁଲୁଲୁ, ଅଶୋକ, ଆଶୁ, ଝିଅ- କୁନି, ନାତୁଣୀ- ପୂଜା, ସୋମି, ଜ୍ୱାଇଁ- ଅର୍ଜୁନ, ଭାଇ- ରବି, ସ୍ତ୍ରୀ- ବାସନ୍ତୀ ଓ ବନ୍ଧୁ ପରିବାରବର୍ଗ
ଧ-୨୨୮୬

# ପରୀ କହିବ ମନ କଥା



'ପରୀ' ଫିଲ୍ମରେ ଦିବ୍ୟାଂଶୀ–ଅନୁରାଧା

ଏକ ନିରୀହ, କୋମଳ ଫୁଲ କଢି ପରୀ। ଛୋଟ ପିଲା ହେଲେ ବି ତା' ଆଖିରେ ଆଖିଏ ସ୍ୱପ୍ନ। କିନ୍ତୁ ଯୌନ ରାକ୍ଷସଙ୍କ ଅତ୍ୟାଚାରରେ ତାହାର ସବୁ ସ୍ୱପ୍ନ ପାଣିରେ ମିଳେଇ ଗଲା। ହେଲେ ଶେଷରେ ପରୀକୁ କ'ଣ ନ୍ୟାୟ ମିଳୁଛି ? ଏହାର ଉତ୍ତର ରହିଛି ରିଲିଜ ଅପେକ୍ଷାରେ ଥିବା ଓଡ଼ିଆ ସିନେମା 'ପରୀ'। ବର୍ତ୍ତମାନ ସମାଜରେ ଘଟୁଥିବା ଶିଶୁ ନିର୍ଯାତନା ଉପରେ ସଚେତନତା ସୃଷ୍ଟି କରିବା ଲାଗି ଏହି ଫିଲ୍ମରେ ପ୍ରୟାସ କରାଯାଇଛି। ଏହାର କାହାଣୀ ରଚନା ସହିତ ପ୍ରଯୋଜନା କରିଛନ୍ତି ସଞ୍ଜୟ ମହାନ୍ତି। ଚିତ୍ରଟିର ସହ–ପ୍ରଯୋଜକ ଅଛନ୍ତି ଚନ୍ଦନ ସ୍ୱାଇଁ ଏବଂ ଅନିଲ ବଳିୟାରସିଂହ। ସଂଳାପ ରଚନା କରିଛନ୍ତି ଡ.ରଜନୀ ରଞ୍ଜନ। ପ୍ରମୋଦ ପରିଡାଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଜାପାନୀ ଭାଇ। ଚିତ୍ରନାଟ୍ୟ ସହିତ ନିର୍ଦ୍ଦେଶନା ଦେଇଛନ୍ତି ତ୍ରିପତି କୁମାର ସାହୁ। ଜ୍ୟୋତି ନାୟକ, ଅନୁରାଧା ପାଣିଗ୍ରାହୀ, ଶ୍ରୀତମ ଦାସ, ନୀଳମଣି ସାହୁ, ପ୍ରଦ୍ୟୁମ୍ନ ଲେଙ୍କା ଏବଂ ଶିଶୁ କଳାକାର ଦିବ୍ୟାଂଶୀ ଏବଂ ସ୍ନେହା ପ୍ରମୁଖ ଏଥିରେ ଅଭିନୟ କରିଛନ୍ତି।

ପରଦାରେ..

# ଲଢ଼େଇ

ଏକ ଭିନ୍ନ ଧରଣର କାହାଣୀକୁ ନେଇ ନିର୍ମିତ ହୋଇଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଲଢ଼େଇ'। ଏଥର ଦୀପାବଳି ଅବସରରେ ଫିଲ୍ମଟି ରାଜ୍ୟର ବିଭିନ୍ନ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହି ଫିଲ୍ମ ପୂର୍ବରୁ ଶିଶୁ କଳାକାର ଭାବରେ ଅଭିନୟ କରିସାରିଥିବା ଲୋହିତାକ୍ଷ ପଟ୍ଟନାୟକ ନାୟକ ସାଜିଥିବା ବେଳେ ତାଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିଛନ୍ତି ନବାଗତା ଅଭିଲିପ୍ସା। ଦେବାଶିଷ ପଟ୍ଟନାୟକ ଏହାର ପ୍ରଯୋଜନା କରିଥିବା ବେଳେ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଅନ୍ୟତମ ଲୋକପ୍ରିୟ ନିର୍ଦ୍ଦେଶକ ଅଶୋକ ପତି। ଚିତ୍ରଟିର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା। ଗୌରବ ଆନନ୍ଦ ଓ ସୋମେଶ ଶତପଥୀ ଗୀତଗୁଡିକୁ ସ୍ୱର ଦେଇଛନ୍ତି। ପ୍ରୀତିରଞ୍ଜନ, କେକେ, ବିଭାସ, ଉଦିତ ଗୁରୁ, ସୋମେଶ, ମଧୁ, ସ୍ମିତା ଚୌଧୁରୀ, ମନୋଜ ଦଣ୍ଡପାଟ, ରାଜଲକ୍ଷ୍ମୀ ଡାକୁଆ, ରବି ନାରାୟଣ ବେହେରା, ସୁଶାନ୍ତ, ରାଜଲକ୍ଷ୍ମୀ ମହାପାତ୍ର ଓ ଅଶୋକ ପଟ୍ଟନାୟକ ପ୍ରମୁଖ ଅଭିନୟ କରିଛନ୍ତି। ତେବେ ଫିଲ୍ମଟିରେ କି ମସଲା ରହିଛି ତାହା ରିଲିଜ ପରେ ହିଁ ଜଣାପଡିବ।


ଲୋହିତାକ୍ଷ

# ଶ୍ରେୟ ପାପାଙ୍କ ପାଇଁ...

ତାଙ୍କର ଜନ୍ମ ଏକ କଳାକାର ପରିବାରରେ। ବାପା ଜଣେ ପ୍ରଯୋଜକ ଏବଂ ନିର୍ଦ୍ଦେଶକ। ଭଉଣୀ ଜଣେ ଅଭିନେତ୍ରୀ। ଆଉ ଏଭଳି ପରିବେଶରେ ବଢ଼ିବା ପରେ କାହାର ଅବା ଅଭିନୟ ପ୍ରତି ମନ ଢଳିବ ନାହିଁ କହୁନାହାନ୍ତି ? ଶିଶୁ କଳାକାର ଭାବରେ ସେ ନିଜର ବଡ ପରଦା କ୍ୟାରିୟର ଆରମ୍ଭ କରିଥିଲେ। ଆଉ ଇତିମଧ୍ୟରେ ସେ ନିଜକୁ ଜଣେ ସଫଳ ଅଭିନେତ୍ରୀ ଭାବରେ ପ୍ରତିପାଦିତ କରିସାରିଛନ୍ତି। କେବଳ ସେତିକି ନୁହେଁ ନିକଟରେ ତାଙ୍କୁ ଫିଲ୍ମ ଫେୟାର ପୁରସ୍କାରରେ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ସମ୍ମାନିତ କରାଯାଇଛି। ହଁ,ଏଥର ଅନେକେ ଅନୁମାନ କରିସାରିବେଣି ଯେ ଏଠାରେ କେଉଁ ଅଭିନେତ୍ରୀଙ୍କ ବିଷୟରେ ସୂଚନା ଦିଆଯାଉଛି। ସେ ହେଲେ ଆଲିୟା ଭଟ୍ଟ। ଆଉ ତାଙ୍କର ଅଭିନୟ ଜୀବନର ସମସ୍ତ ଶ୍ରେୟ ସେ ତାଙ୍କ ପାପା ତଥା ବଲିଉଡ୍‌ର ଅନ୍ୟତମ ଆଗଧାଡିର ପ୍ରଯୋଜକ ତଥା ନିର୍ଦ୍ଦେଶକ ମହେଶ ଭଟ୍ଟଙ୍କୁ ଦେଇଛନ୍ତି। ଏ ବିଷୟରେ ଆଲିୟା କହନ୍ତି, ''ପାପା ହିଁ ପ୍ରଥମେ ମୋତେ ଆକ୍ଟିଂ କରିବାକୁ ପ୍ରୋତ୍ସାହିତ କରିଥିଲେ। ୧୯୯୯ରେ ତନୁଜା ଚନ୍ଦ୍ରାଙ୍କ ନିର୍ଦ୍ଦେଶିତ 'ସଂଘର୍ଷ'ରେ ମୋତେ ପ୍ରୀତି ଜିଣ୍ଟାଙ୍କ ପିଲାଦିନ ଭୂମିକାରେ ଅଭିନୟ କରିବାକୁ ସେ କହିଥିଲେ। ଆଉ ଏହାକୁ ମୁଁ ଏଡାଇ ଦେଇ ପାରି ନ ଥିଲି। ଆଜି ତାଙ୍କର ଆଶୀର୍ବାଦ ବଳରେ ମୁଁ ଜଣେ ପରିଚିତା ଅଭିନେତ୍ରୀ ଭାବରେ ନିଜକୁ ଠିଆ କରିପାରିଛି।'' ୨୦୨୧ରେ ତାଙ୍କୁ 'ଗଙ୍ଗୁବାଈ କାଠିଆୱାଡି' ଫିଲ୍ମ ପାଇଁ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା। ୨୦୧୨ରେ କରନ୍ ଜୋହର ତାଙ୍କୁ ନାୟିକା ଭାବରେ ବ୍ରେକ୍ ଦେଇଥିଲେ। ଆଉ ଫିଲ୍ମଟି ଥିଲା 'ଷ୍ଟୁଡେଣ୍ଟ ଅଫ ଦ ଇୟର'।


ଆଲିୟା

# ଆଶା ଅନେକ, ହେଲେ...

ଚଳିତ ବର୍ଷ ଏ ପର୍ଯ୍ୟନ୍ତ ୩୩ଟି ଓଡ଼ିଆ ସିନେମା ରିଲିଜ ହୋଇସାରିଛି। ତନ୍ମଧ୍ୟରୁ ବାବୁସାନ୍‌ଙ୍କ ଅଭିନୀତ 'ବୋଉ ବୁଟୁ ଭୂତ' ବେଶ୍ ଚର୍ଚ୍ଚିତ ହେବା ସହ ରେକର୍ଡଭିତ୍ତିକ ବିଜନେସ ମଧ୍ୟ କରିଛି। କେବଳ ସେତିକି ନୁହେଁ, ବଲିଉଡ୍‌ର ନାମୀ ପ୍ରଯୋଜକ କରନ୍ ଜୋହର ଏହାକୁ ହିନ୍ଦୀ ଭାଷାରେ ନିର୍ମାଣ କରିବାକୁ ଯାଉଛନ୍ତି। ଏଥର ଦଶହରାରେ ଦୁଇଟି ସିନେମା ପରଦା ଉପରକୁ ଆସିଥିଲା। ଫିଲ୍ମଦ୍ୱୟ ଥିଲା 'ଚାରିଧାମ' (ଅନୁଭବ ମହାନ୍ତି, ଡା. ଅନୁରାଧା ପାଣିଗ୍ରାହୀ) ଏବଂ 'ଚ୍ୟାଲେଞ୍ଜ' (ଅର୍ଦ୍ଧେନ୍ଦୁ ସାହୁ, ଏଲିନା ପ୍ରିୟଦର୍ଶିନୀ)। ବର୍ତ୍ତମାନ ସୁଦ୍ଧା ଏହି ଦୁଇଟି ସିନେମା ଆଶାନୁରୂପ ବିଜନେସ୍ କରିବା ସହ ବିଭିନ୍ନ ପ୍ରେକ୍ଷାଳୟରେ ପ୍ରଦର୍ଶିତ ହେଉଛି। କିଛି ବର୍ଷ ପୂର୍ବେ ଓଡ଼ିଆ ସିନେମାର ଭବିଷ୍ୟତକୁ ନେଇ ବେଶ୍ ଆଲୋଚନା ହେଉଥିଲା। କାରଣ ସଂଖ୍ୟା ଦୃଷ୍ଟିରୁ ଅନେକ ସିନେମା ରିଲିଜ ହେଉଥିଲେ ମଧ୍ୟ ଦର୍ଶକଙ୍କୁ ପ୍ରଭାବିତ କରିବା ଭଳି ସିନେମା ଅଳ୍ପ ଥିଲା। କିନ୍ତୁ 'ଦମନ', 'ପ୍ରତୀକ୍ଷା', 'ମାଲ୍ୟଗିରି', 'କର୍ମ' ପରି ଚଳଚ୍ଚିତ୍ର ଓଡ଼ିଆ ଦର୍ଶକଙ୍କୁ ପୁଣି ଥରେ ପ୍ରେକ୍ଷାଳୟ ମୁହାଁ କରିବାରେ ସକ୍ଷମ ହୋଇଛି। ଭଲ କାହାଣୀକୁ ନେଇ ସିନେମା କରିବା ସହ ତାହାକୁ ଠିକ୍ ଭାବରେ ଦୃଶ୍ୟାୟନ କରାଗଲେ ଉକ୍ତ ଚିତ୍ରକୁ ଦର୍ଶକ ନିଶ୍ଚୟ ଗ୍ରହଣ କରିବେ। କେତେକ ସିନେମାର କାହାଣୀ ଭଲ ଥିଲେ ମଧ୍ୟ ନିର୍ମାଣ ସମୟରେ ଅନେକ ଦୋଷତ୍ରୁଟି ରହିଯାଉଛି, ଯାହାଫଳରେ ସେଗୁଡିକ ଦର୍ଶକାଦୃତ ହୋଇପାରୁନାହିଁ। ଏବେ ଓଡ଼ିଆ ସିନେମା ପାଇଁ ଭଲ ସମୟ ଆସିଛି ବୋଲି କୁହାଯାଇପାରେ।

ଦିନ ଥିଲା ଓଡ଼ିଆ ସିନେମାକୁ ଦେଖିବାକୁ ପ୍ରେକ୍ଷାଳୟ ସାମ୍ନାରେ ଭିଡ ଜମୁଥିଲା। କିନ୍ତୁ ଏଭଳି ସମୟ ଆସିଲା ଓଡ଼ିଆ ଚିତ୍ରଟିଏ କେତେବେଳେ ରିଲିଜ ହୋଇ ଚାଲିଗଲା ତାହା ପ୍ରାୟ ଜଣାପଡୁ ନ ଥିଲା। ପ୍ରଯୋଜନା କ୍ଷେତ୍ରରେ ଆବଶ୍ୟକ ଜ୍ଞାନର ଅଭାବ ଏବଂ ନିର୍ମାଣଶୈଳୀରେ ଅଗଣିତ ଭୁଲଭଟକା ସିନେମାଟିକୁ ଦର୍ଶକାଦୃତ କରିବାରେ ସକ୍ଷମ ହେଉ ନ ଥିଲା। ଏବେ ଯେଉଁ କେତୋଟି ଭଲ ସିନେମା ତିଆରି ହେଉଛି ତାହାକୁ ଯଦି ନୂଆ ପ୍ରଯୋଜକମାନେ ଭଲ ଭାବରେ ତର୍ଜମା କରନ୍ତେ, ତେବେ ସିନେମା ନିର୍ମାଣ ବିଷୟରେ ଅନେକ କଥା ଜାଣିପାରନ୍ତେ।

ଓଡ଼ିଆ ଚଳଚ୍ଚିତ୍ର ଭବିଷ୍ୟତ ସେତେବେଳେ ଆହୁରି ଉଜ୍ଜ୍ୱଳ ହେବ ଯେତେବେଳେ ଦର୍ଶକଙ୍କ ମନକୁ ଛୁଇଁଲା ଭଳି ଚଳଚ୍ଚିତ୍ର ପ୍ରସ୍ତୁତ ହେବ। ଏ ନେଇ ଓଡିଆ ସିନେମା ସହ ଜଡିତ ପ୍ରତ୍ୟେକ ବ୍ୟକ୍ତିଙ୍କର ସହଯୋଗ ରହିବା ନିହାତି ଦରକାର। ତେବେ ଆମ ଓଡ଼ିଆ ସିନେମା ପୁଣି ଥରେ ତାହାର ପୂର୍ବ ଗୌରବ ଫେରି ପାଇବ–ଏକଥା ନିଃସନ୍ଦେହରେ କୁହାଯାଇପାରେ।

–ଶୁଭ୍ର ମହାପାତ୍ର

# ଭୁଲନ୍ତି ନାହିଁ ରକୁଲ୍

ରକୁଲ୍ ପ୍ରୀତ ସିଂ ଗୋଟିଏ କଥାକୁ ଆଦୌ ଭୁଲି ନ ଥାନ୍ତି। ଏହା ତାଙ୍କର ଏବେକାର ଅଭ୍ୟାସ ନୁହେଁ। ପାଠ ପଢ଼ା ସମୟରୁ ସେ ଏଥିପ୍ରତି ଧ୍ୟାନ ଦେଇ ଆସିଛନ୍ତି। ହେଲେ ତାହା କ'ଣ ଜାଣନ୍ତି ? ଗଲ୍‌ଫ ଖେଳିବା। ଅଭିନୟରେ ପାଦ ଦେବା ପୂର୍ବରୁ ସେ ଜଣେ ପ୍ରଫେଶନାଲ ଗଲ୍‌ଫ ଖେଳାଳି ଥିଲେ। ଏପରି କି ଜାତୀୟ ସ୍ତରରେ ଆୟୋଜିତ ଗଲଫ ପ୍ରତିଯୋଗିତାରେ ସେ ଅଂଶଗ୍ରହଣ କରିସାରିଛନ୍ତି। ଏବେ ମଧ୍ୟ ପ୍ରାୟ ପ୍ରତିଦିନ ସେ କିଛି ସମୟ ଗଲ୍‌ଫ ଖେଳିଥାଆନ୍ତି। ଏ ବିଷୟରେ ରକୁଲ୍ କହନ୍ତି, ପିଲାଟି ଦିନରୁ ମୁଁ ଗଲ୍‌ଫ ଖେଳ ପ୍ରତି ଆକର୍ଷିତ ହୋଇଥିଲି। ଦିନ ଥିଲା ଏହାକୁ ମୁଁ କ୍ୟାରିୟର କରିବି ବୋଲି ଚିନ୍ତା କରିଥିଲି। କିନ୍ତୁ ଅଭିନୟ ଆରମ୍ଭ ହେବା ପରେ ମୋର ଏହି ଆଶା କେବଳ ଆଶାରେ ହିଁ ରହିଯାଇଥିଲା। କିନ୍ତୁ ଏବେ ମଧ୍ୟ ମୁଁ ପ୍ରାୟ ପ୍ରତିଦିନ ଗଲ୍‌ଫ ପ୍ରାକ୍ଟିସ କରିଥାଏ। ଆସନ୍ତା ମାସ ୧୪ ତାରିଖରେ ମୁଁ ଅଭିନୟ କରିଥିବା 'ଦେ ଦେ ପ୍ୟାର ଦେ ୨' ରିଲିଜ ହେବାକୁ ଯାଉଛି। ଏଥିରେ ମୁଁ ଅଜୟ ଦେବଗନଙ୍କ ସହ ନାୟିକା ସାଜିଛି। ଫିଲ୍ମଟିକୁ ଦର୍ଶକ ନିଶ୍ଚୟ ପସନ୍ଦ କରିବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।'' ଗଣିତରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି ରକୁଲ୍। ଏହାବ୍ୟତୀତ ସେ ଜଣେ ଭାରତନାଟ୍ୟମ ନୃତ୍ୟାଙ୍ଗନା। କେବଳ ସେତିକି ନୁହେଁ ସେ ମଧ୍ୟ ଜଣେ କରାଟେ ଖେଳାଳି। ଅଭିନୟ ବ୍ୟତୀତ ସେ ହାଇଦ୍ରାବାଦ ଏବଂ ବିଶାଖାପାଟଣାରେ ଏକ ଜିମ୍ ପ୍ରତିଷ୍ଠା କରିଛନ୍ତି। ତାଙ୍କର ସବୁଠାରୁ ପ୍ରିୟ ଅଭିନେତା ହେଉଛନ୍ତି ଶାହରୁଖ ଖାନ୍। କେବଳ ହିନ୍ଦୀ ନୁହେଁ, ସେ ତାମିଲ, କନ୍ନଡ ଏବଂ ତେଲୁଗୁ ଫିଲ୍ମରେ ମଧ୍ୟ ଅଭିନୟ କରିସାରିଛନ୍ତି।


ରକୁଲ


ଗଣେଶ

ପରଦା ପଛରେ..

# ଆତ୍ମବିଶ୍ୱାସ ହିଁ ପ୍ରେରଣା ଦେଇଥିଲା

ବଲିଉଡ୍‌ର ବିଶିଷ୍ଟ କୋରିଓଗ୍ରାଫର ଗଣେଶ ଆଚାର୍ଯ୍ୟ ନିଜ କ୍ୟାରିୟର ବିଷୟରେ ଯାହା କହନ୍ତି...

ହିନ୍ଦୀ ସିନେମା ଜଗତର ଅନ୍ୟତମ ନାମୀ କୋରିଓଗ୍ରାଫର ହେଉଛନ୍ତି ଗଣେଶ ଆଚାର୍ଯ୍ୟ। କିନ୍ତୁ ନିଜକୁ ଏ କ୍ଷେତ୍ରରେ ପରିଚିତ କରାଇବା ଲାଗି ସେ କମ୍ ପରିଶ୍ରମ କରି ନାହାନ୍ତି। ଏ ବିଷୟରେ ସେ କହନ୍ତି, ''ମୋତେ ସେତେବେଳେ ହୋଇଥାଏ ମାତ୍ର ୧୧ ବର୍ଷ। ଏହି ବୟସରେ ମୁଁ ମୋ ବାପାଙ୍କୁ ହରାଇଥିଲି। ପରିବାର କିପରି ଚଳାଇବି ଚିନ୍ତା କଲି। ମନରେ ସାହସ ଜୁଟାଇ ଏକ ଡ୍ୟାନ୍ସ ଏକାଡେମୀ ଖୋଲିଲି। ୧୯୯୨ରେ ମୋତେ ପ୍ରଥମେ କୋରିଓଗ୍ରାଫି ପରି ଗୁରୁ ଦାୟିତ୍ୱ ତୁଲାଇବାକୁ ସୁଯୋଗ ମିଳିଥିଲା। ଫିଲ୍ମଟି ଥିଲା 'ଅଗ୍ନିପଥ'। ଆଉ ତା'ପରେ ମୁଁ କେବେ ପଛକୁ ଫେରି ଚାହିଁ ନ ଥିଲି। ପରବର୍ତ୍ତୀ ସମୟରେ ଦର୍ଶକଙ୍କ ଭଲ ପାଇବା ମୋତେ ସାହାଯ୍ୟ କରିଥିଲା। ନିଜର ଆତ୍ମବିଶ୍ୱାସ ବଳରେ ହିଁ ଆଜି ମୁଁ ନିଜକୁ ଜଣେ ସଫଳ କୋରିଓଗ୍ରାଫର ଭାବରେ ପରିଚିତ କରାଇ ପାରିଛି।'' ୧୯୭୧ ମସିହା ମେ' ୨୩ ତାରିଖରେ ସେ ମୁମ୍ବାଇରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର କୋରିଓଗ୍ରାଫିରେ ଭରି ରହିଥିଲା ସ୍ୱତନ୍ତ୍ରତା। ୨୦୧୩ରେ ରିଲିଜ ହୋଇଥିବା 'ଭାଗ୍ ମିଲ୍‌ଖା ଭାଗ୍' ଫିଲ୍ମର ହୱନ କରେଙ୍ଗେ ଗୀତ ପାଇଁ ତାଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର (ଶ୍ରେଷ୍ଠ କୋରିଓଗ୍ରାଫର) ମିଳିଥିଲା।





# ମହିଳା, ପୁରୁଷରେ ଚାଇନା ଚାମ୍ପିୟନ

**ଭୁବନେଶ୍ୱର, ୧୫।୧୦(ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଆଇଟିଟିଏଫ୍-ଏଟିଟିୟୁ ୨୮ତମ ଏସିଆନ ଟେବୁଲ ଟେନିସ ଟିମ୍ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଛି। ଉଭୟ ମହିଳା ଓ ପୁରୁଷ ବର୍ଗରେ ଚାମ୍ପିୟନ ହୋଇ ଚାଇନା କ୍ଲିନ୍ ସୁଇପ୍ କରିଛି। ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ମୁଖ୍ୟ ଅତିଥିଭାବେ ଯୋଗଦେଇ

## ଏସିଆନ ଟେବୁଲ ଟେନିସ ଟିମ୍ ଚାମ୍ପିୟନଶିପ୍ ଉଦ୍‌ଯାପିତ

ପୁରସ୍କାର ପ୍ରଦାନ କରିଥିଲେ।

ଅନ୍ତିମ ଦିବସରେ ଅନୁଷ୍ଠିତ ମହିଳା ବିଭାଗ ଫାଇନାଲରେ ଜାପାନକୁ ୩-୦ରେ ହରାଇ ଚାଇନା ଚାମ୍ପିୟନ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ଚାଇନାର ୱାଙ୍ଗ୍ ମାନ୍‌ୟୁ ୩-୧ (୧୦-୧୨, ୧୧-୩, ୧୧-୬, ୧୧-୩)ରେ ଜାପାନର ହଶିମୋଟୋ ହୋନୋକାଙ୍କୁ ହରାଇଥିଲେ। ପରବର୍ତ୍ତୀ ୨ଟି ମ୍ୟାଚ୍‌ରେ ସୁନ୍ ୟିଙ୍ଗଶା ୩-୦ (୧୧-୯, ୧୧-୫, ୧୧-୭)ରେ ହାରିମୋଟୋ ମିୱାଙ୍କୁ ଏବଂ କ୍ୱାଇ ମାନ୍ ୩-୧ (୮-୧୧, ୧୨-୧୦, ୧୧-୬, ୧୧-୯)ରେ ହାୟାତା ହିନାଙ୍କୁ ପରାସ୍ତ କରିବାରୁ ୪ର୍ଥ ମ୍ୟାଚ୍‌ର ଆବଶ୍ୟକତା ପଡ଼ି ନ ଥିଲା।





ମହିଳା (ଉପର) ଓ ପୁରୁଷ ବର୍ଗରେ ଚାମ୍ପିୟନ ଚାଇନା ଖେଳାଳିମାନେ ଖୁସି ମୁହୂର୍ତ୍ତରେ।

ମହିଳାଙ୍କ ପରି ପୁରୁଷ ବିଭାଗରେ ମଧ ଚାଇନାର ଆଧିପତ୍ୟ ଦେଖିବାକୁ ମିଳିଥିଲା। ହଂକଂକୁ ୩-୦ରେ ହରାଇଥିଲା ଶକ୍ତିଶାଳୀ ଚାଇନା। ପ୍ରଥମ ମ୍ୟାଚରେ ଚାଇନାର ଲିନ୍ ଶିଡଙ୍ଗ୍ ୩-୦ (୧୧-୮, ୧୧-୪, ୧୧-୪)ରେ ହଂକଂର ଓଙ୍ଗ୍ ଚୁନ୍ ଟିଙ୍ଗ୍‌ଙ୍କୁ ହରାଇଥିବାବେଳେ ଦ୍ୱିତୀୟ ମ୍ୟାଚରେ ୱାଙ୍ଗ୍ ଚୁକ୍ୱିନ ୩-୧ (୧୨-୧୦, ୧୧-୯, ୫-୧୧, ୧୪-୧୨)ରେ ଚାନ୍ ବାଲ୍ଡ୍‌ୱିନଙ୍କୁ ପରାସ୍ତ କରିଥିଲେ। ତୃତୀୟ ମ୍ୟାଚରେ ଚାଇନାର ଲିଆଙ୍ଗ୍ ଜିଙ୍ଗକୁନ୍ ୩-୦ (୧୩-୧୧, ୧୧-୬, ୧୨-୧୦)ରେ ହଂକଂର ୟୁ କ୍ୱାନ୍ ତୋ'ଙ୍କୁ ହରାଇବା ସହ ମୁକାବିଲା ଶେଷ ହୋଇଯାଇଥିଲା।

### ଭାରତୀୟ ପୁରୁଷଙ୍କୁ ୬ଷ୍ଠ, ମହିଳାଙ୍କୁ ୮ମ ସ୍ଥାନ

ର୍‍ୟାଙ୍କିଙ୍ଗ୍ ଦୃଷ୍ଟିରୁ ସିଧାସଳଖ କ୍ୱାର୍ଟର ଫାଇନାଲ ଖେଳିଥିବା ଭାରତୀୟ ମହିଳା ଓ ପୁରୁଷ ଦଳ ଘରୋଇ ପରିବେଶରେ ଖେଳିଥିଲେ ମଧ ନୈରାଶ୍ୟର ସହ ପ୍ରତିଯୋଗିତା ଶେଷ କରିଛନ୍ତି। ସେମିଫାଇନାଲରେ ପ୍ରବେଶ ତ ଦୂରର କଥା। ହେଲେ ଗତ ୩ ସଂସ୍କରଣର ବ୍ରୋଞ୍ଜ୍ ପଦକ ବିଜେତା ଭାରତୀୟ ପୁରୁଷ ଦଳ ୬ଷ୍ଠ ଓ ମହିଳା ଦଳ ୮ମ ସ୍ଥାନରେ ସନ୍ତୁଷ୍ଟ ରହିଛି।

# ଆଇଟିଏଫ୍ ୱାର୍ଲ୍ଡ ଟେନିସ୍ ମାଷ୍ଟର୍ସ ଉଦ୍‌ଯାପିତ




ପୁରସ୍କାରପ୍ରାପ୍ତ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୧୫।୧୦(ତପନ ସ୍ୱାଇଁ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆଇଟିଏଫ୍ ୱାର୍ଲ୍ଡ ଟେନିସ୍ ମାଷ୍ଟର୍ସ ଟୁର୍ (ଏମ୍‌ଟି୧୦୦) ବୁଧବାର ଶେଷ ହୋଇଛି। ଅନ୍ତର୍ଜାତୀୟ ଟେନିସ୍ ଫେଡେରେଶନ (ଆଇଟିଏଫ୍) ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ଓଡ଼ିଶା ଟେନିସ୍ ଆସୋସିଏଶନ (ଓଟିଏ) ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଭାରତ, ସ୍ଲୋଭାକିଆ ଓ ଜର୍ମାନୀ ଆଦି ଦେଶରୁ ୧୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ୩୦ରୁ ଆରମ୍ଭକରି ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସ ବର୍ଗରେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ପ୍ରତିଯୋଗିତା ହୋଇଥିଲା। ପୁରୁଷ ସିଙ୍ଗଲ୍ସ ୩୦+ରେ ଅଂଶୁ ଭୂୟାଁ, ୩୫+ରେ ବିଶ୍ୱଜିତ୍ ଦାସ, ୪୦+ରେ ଶିବ ଶଙ୍କର ପରିଡ଼ା, ୪୫+ରେ ଅଜୟ କୁମାର ନିଶଙ୍କ, ୫୦+ରେ ସ୍ଲୋଭାକିଆର ପିଟର ଜାନକୁସ୍କା, ୫୫+ରେ ବିନୋଦ ସେଠ୍, ୬୦+ରେ ଅଜୟ ସାହୁ, ୬୫+ରେ ଦିଲୀପ କୁମାର ମଙ୍ଗରାଜ, ୭୦+ରେ ରମଣ ଭେଲାମାର୍ଟି ଚାମ୍ପିୟନ ହୋଇଛନ୍ତି। ମହିଳା ସିଙ୍ଗଲ୍ସର ୪୫+ରେ ସ୍ଲୋଭାକିଆର ସିଲିଭିଆ ଜାନକୁସ୍କୋଭା ଟାଇଟଲ ହାସଲ କରିଛନ୍ତି।

ପୁରୁଷ ଡବଲ୍ସର ୩୦+ ବର୍ଗରେ ଅଂଶୁ ଭୂୟାଁ-ଚିନ୍ମୟ ପ୍ରଧାନ, ୩୫+ରେ ଗୋବିନ୍ଦ ବିଶ୍ୱାସ-ବିଶ୍ୱଜିତ୍ ଦାସ, ୪୦+ରେ ମନୋଜ ଦାସ-ଅର୍ଜୁନ କୁମାର ସାହୁ, ୪୫+ରେ ଅଜୟ କୁମାର ନିଶଙ୍କ-ଧିରଜ କୁମାର ପଣ୍ଡା, ୫୦+ରେ ଦୟାଲ ଗଙ୍ଗୱାର-ଆଶିଷ ପର୍‌ମାର, ୫୫+ରେ ସ୍ନେହାଶିଷ ବେହେରା-ବିନୋଦ ସେଠ୍, ୬୦+ରେ ଅଜୟ କୁମାର ମହାପାତ୍ର-ଅଜୟ ସାହୁ, ୬୫+ରେ ଦିଲୀପ କୁମାର ମଙ୍ଗରାଜ-ଚୁନିଲାଲ୍ ପଟେଲ, ୭୦+ରେ ପ୍ରଭାତ କୁମାର ବକ୍ସି-ବ୍ରହ୍ମାନନ୍ଦ ମିଶ୍ରଙ୍କ ଯୋଡ଼ି ଚାମ୍ପିୟନ ହୋଇଛନ୍ତି। ମିକ୍ସଡ ଡବଲ୍ସରେ ସ୍ଲୋଭାକିଆର ପିଟର ଜାନକୁସ୍କା-ସିଲିଭିଆ ଜାନକୁସ୍କୋଭା ଚାମ୍ପିୟନ ହୋଇଛନ୍ତି। ଓଟିଏ ଉପସଭାପତି ସତ୍ୟଜିତ୍ ପଟ୍ଟନାୟକ ମୁଖ୍ୟ ଅତିଥି ଏବଂ ସମ୍ପାଦକ ସଞ୍ଜୀବ ପଣ୍ଡା, ଯୁଗ୍ମ ସମ୍ପାଦକ ସମ୍ବିତ୍ ପଟ୍ଟନାୟକ ଓ ଟୁର୍ନାମେଣ୍ଟ ନିର୍ଦ୍ଦେଶକ ପ୍ରବୀଣ କୁମାର ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଭାରତୀୟ ଦଳର ଅଷ୍ଟ୍ରେଲିଆ ଯାତ୍ରା

**ନୂଆଦିଲ୍ଲୀ, ୧୫।୧୦ (ପି.ଟି.)**

ଆସନ୍ତା ୧୯ ତାରିଖରୁ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ କ୍ରିକେଟ୍‌ସିରିଜ୍‌ଖେଳାଯିବ। ଏଥିଲାଗି ସିନିୟର ବ୍ୟାଟର ବିରାଟ କୋହଲି ଓ ରୋହିତ୍ ଶର୍ମା ପ୍ରଥମ ବ୍ୟାଚ୍‌ର ଭାରତୀୟ ଖେଳାଳିଙ୍କ ସହ ବୁଧବାର ସକାଳେ ଅଷ୍ଟ୍ରେଲିଆ ଯାତ୍ରା କରିଛନ୍ତି। ଏହି ବ୍ୟାଚ୍‌ରେ ଦୁଇ ସିନିୟର ଷ୍ଟାର୍‌ଙ୍କ ସହ ଟେଷ୍ଟ ଓ ଦିନିକିଆ ଦଳର ଅଧିନାୟକ ଶୁବମନ ଗିଲ୍, ଓପ୍‌ନର ଯଶସ୍ୱୀ ଜୟସ୍ୱାଲ, ଅଲ୍‌ରାଉଣ୍ଡର ନୀତୀଶ କୁମାର ରେଡ୍ଡୀ, ପେସର ଅର୍ଶଦୀପ ସିଂ ଓ ପ୍ରସିଦ୍ଧ କ୍ରିଷ୍ଣା ରହିଛନ୍ତି। ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ଦଳର ସପୋର୍ଟ ଷ୍ଟାଫ୍ ସଦସ୍ୟ ସନ୍ଧ୍ୟାରେ ଫ୍ଲାଇଟ୍ ଧରିଥିଲେ। ସିରିଜ୍‌ର ପ୍ରଥମ ମ୍ୟାଚ୍ ଆସନ୍ତା ରବିବାର ପର୍ଥରେ ଖେଳାଯିବ।

# ଶୁଭ୍ରାଂଶୁ-ଧୂପର ଓଡ଼ିଶାର ସମ୍ମାନ ରଖିଲେ





ଶଟ୍ ଖେଳିବା ଅବସରରେ ରାଜେଶ ଧୂପର ଓ ଶୁଭ୍ରାଂଶୁ ସେନାପତି। (ଫଟୋ: ରାଜକିଶୋର ମହାନ୍ତି)

**ଭୁବନେଶ୍ୱର, ୧୫।୧୦(ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ୍ ଦଳର ରଣ୍‌ଜୀ ଟ୍ରଫି-୨୦୨୫-୨୬ ସିଜନ ବୁଧବାର ଆରମ୍ଭ ହୋଇଛି। କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ବରୋଦା ବିପକ୍ଷ ମ୍ୟାଚ୍‌ରେ ମିଡଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ପରେ ଅଧିନାୟକ ଶୁଭ୍ରାଂଶୁ ସେନାପତି ଓ ରାଜେଶ ଧୂପରଙ୍କ ଶତକୀୟ ଭାଗୀଦାରି ଓଡ଼ିଶାର ସମ୍ମାନ ରଖିଛି। ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ଓଡ଼ିଶା ୫ ଉଇକେଟ ହରାଇ ୨୦୫ ରନ୍ କରିଛି। ଏଠାରେ ଗୌରବ

## ରଣ୍‌ଜୀ ଟ୍ରଫି

## ଗୌରବ, ବାଦଲଙ୍କ ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟର ଆରମ୍ଭ

ଚୌଧାରୀ ଓ ବାଦଲ ବିଶ୍ୱାଳ ସେମାନଙ୍କ ପ୍ରଥମଶ୍ରେଣୀ କ୍ରିକେଟ୍ କ୍ୟାରିୟର ଆରମ୍ଭ କରିଛନ୍ତି। ଗୌରବଙ୍କୁ ଶୁଭ୍ରାଂଶୁ ଏବଂ ବାଦଲଙ୍କୁ ସିନିୟର ଖେଳାଳି ଗୋବିନ୍ଦ ପୋଦ୍ଦାର ଓଡ଼ିଶା ଦଳର କ୍ୟାପ୍ ପ୍ରଦାନ କରିଥିଲେ।

### ଶତକୀୟ ଭାଗୀଦାରି

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଓଡ଼ିଶା। ଦୁଇ ଓପ୍‌ନର ସ୍ୱସ୍ତିକ୍ ସାମଲ ଓ ଗୌରବ ଚୌଧାରୀ ଓପ୍‌ନିଂ ଯୋଡ଼ିରେ ୪୯ ରନ୍ ଯୋଗକରି ଦଳକୁ ଭଲ ଆରମ୍ଭ ଦେଇଥିଲେ। ୧୯ତମ ଓଭରର ୫ମ ବଲ୍‌ରେ ଗୌରବଙ୍କୁ ରନ୍‌ଆଉଟ କରି ଯୋଡ଼ି ଭାଙ୍ଗିଥିଲେ ବରୋଦା ଅଧିନାୟକ ଅତୀତ ସେଠ୍। ମାତ୍ର ସମାନ ସ୍କୋରରେ ଓଡ଼ିଶା ଆଉ ୩ଟି ଉଇକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ଅର୍ଥାତ୍ ୨୨.୨ ଓଭର ବେଳକୁ ଓଡ଼ିଶା ସ୍କୋର ୪୯/୪ ହୋଇଯାଇଥିଲା। ସନ୍ଦୀପ ପଟ୍ଟନାୟକ ଖାତା ଖୋଲିପାରି ନ ଥିବାବେଳେ ସ୍ୱସ୍ତିକ୍‌ଙ୍କୁ ୨୪ ରନ୍‌ରେ ପାଭିଲିୟନ ପଠାଇଥିଲେ ଅତୀତ। ଅଭିଜ୍ଞ ଗୋବିନ୍ଦ ପୋଦ୍ଦାର ଡକ୍ (୦)ରେ ଆଉଟ ହେବାରୁ ଓଡ଼ିଶାକୁ ଶକ୍ତ ଝଟ୍‌କା ଲାଗିଥିଲା। ୧୫ ବଲ୍ ବ୍ୟବଧାନରେ ୪ ଉଇକେଟ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିବା ଓଡ଼ିଶା ପାଇଁ ସଙ୍କଟମୋଚକ ସାଜିଥିଲେ ଅଧିନାୟକ ଶୁଭ୍ରାଂଶୁ ଓ ରାଜେଶ। ଦୁହେଁ ସତର୍କତାର ସହ ବିପକ୍ଷ ବୋଲରଙ୍କୁ ମୁକାବିଲା କରି ୫ମ ଉଇକେଟରେ ୪୦୫ ବଲ୍‌ରୁ ୧୫୬ ରନ୍‌ର ଭାଗୀଦାରି ଗଢ଼ିବା ପରେ ଦିବସର ଶେଷ (୮୯.୫) ଓଭରର ୫ମ ବଲ୍‌ରେ ଶୁଭ୍ରାଂଶୁ ଆଉଟ୍ ହେବାରୁ ଷ୍ଟମ୍ପ ପ୍ରତ୍ୟାହୃତ ହୋଇଥିଲା। ୨୦୩ ବଲ୍‌ର ସମ୍ମୁଖୀନ ହୋଇ ୭ ଚୌକା ସହାୟତାରେ ୭୯ ରନ୍ କରିଥିଲେ ଶୁଭ୍ରାଂଶୁ। ରାଜେଶ ୨୧୨ ବଲ୍‌ର ସମ୍ମୁଖୀନ ହୋଇ ୫ ଚୌକା ଓ ୨ ଛକା ସହାୟତାରେ ୭୬ ରନ୍‌ରେ ଅପରାଜିତ ରହିଥିଲେ। ବରୋଦା ବୋଲରଙ୍କ ମଧ୍ୟରେ ଅତୀତ ସେଠ୍ ଓ ଭାର୍ଗବ ଭଟ୍ଟ ୨ଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୦୫/୫(ଶୁଭ୍ରାଂଶୁ ସେନାପତି-୭୯, ରାଜେଶ ଧୂପର-୭୬*, ସ୍ୱସ୍ତିକ୍ ସାମଲ-୨୪, ଗୌରବ ଚୌଧାରୀ-୨୪, ଅତୀତ ସେଠ୍-୨/୪୧, ଭାର୍ଗବ ଭଟ୍ଟ-୨/୫୪)।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ